79th YEAR OF PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ସୀମାନ୍ତ ସଂସ୍କରଣ
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୯ବର୍ଷ ❑ ସଂଖ୍ୟା-୨୧୯ ● କଟକ ● ସୋମବାର ● ୧୬ ମାର୍ଚ୍ଚ-୨୦୨୬ ● ମୀନ-୧୫ ● ସାଲ୍-୧୪୩୧
CUTTACK ● MONDAY ● 16 MARCH-2026 ● RNI Regd. No. 4001/57
ମୂଲ୍ୟ : ₹ ୫ ଟଙ୍କା

# ଆଜି ରାଜ୍ୟସଭା ଭୋଟ୍

## ସକାଳ ୯ଟାରୁ ଅପରାହ୍ନ ୪ଟା ମତଦାନ, ୫ଟାରୁ ଗଣତି

❑ନୋଟିସ୍ ଦେଇ ଦେଇ ବିରୋଧୀ କ୍ୟାମ୍ପ ହାଲିଆ
❑ନବୀନ ଓ ଭକ୍ତଙ୍କ ନିର୍ଦ୍ଦେଶକୁ ଫୁଙ୍କଲେ ବିଧାୟକ
❑ବିବେକ ଅନୁଯାୟୀ ଭୋଟ୍‌ଦେବି: ଦାଶରଥୀ

ଭୁବନେଶ୍ୱର,(ପିପିଏସ୍):

ଆଜି ରାଜ୍ୟସଭା ନିର୍ବାଚନ। ମୈଦାନରେ ଅଛନ୍ତି ୫ ଯୋଦ୍ଧା। ଭୋଟ୍ ପାଇଁ ସବୁ ଦଳର ପ୍ରସ୍ତୁତି ସରିଥିବା ବେଳେ ଚତୁର୍ଥ ଆସନରେ ରୋଚକ ଲଢ଼େଇ ଉପରେ ଏବେ ସମସ୍ତଙ୍କର ନଜର ଅଟକିଛି। ଚତୁର୍ଥ ସିଟ୍‌ରେ ଦିଲ୍ଲୀପ ରାୟ ଓ ଦତ୍ତେଶ୍ୱର ହୋତାଙ୍କ ଫାଇଟ୍ ଭିତରେ କାହାର ହେବ ଜିତାପଟ ? ଛକାପଞ୍ଝା ଭିତରେ କ୍ରସ୍ ଭୋଟିଂ ଓ ଘୋଡ଼ା ବେପାରର ଭୟ ବିରୋଧୀ ଶିବିରକୁ ଛାନିଆ କରିଛି। କଂଗ୍ରେସ ଓ ବିଜେଡିର କିଛି ବିଧାୟକଙ୍କ ହାବଭାବକୁ ନେଇ ସସପେନସ ବଢୁଛି। ବିଜେପି ଘୋଡ଼ା ବେପାର କରୁଥିବା ନବୀନଙ୍କ ଅଭିଯୋଗ ପରେ ତାଙ୍କ ଦଳର କିଛି ବିଧାୟକ କ୍ରସ ଭୋଟିଂ କରିବେ ଏକ ପ୍ରକାର ସ୍ପଷ୍ଟ ହୋଇଛି। କ୍ରସ ଭୋଟିଂ ଡରରେ କଂଗ୍ରେସର ୮ ଜଣ ବିଧାୟକ ବେଙ୍ଗାଲୁରୁରେ ଡ଼େରା ପକାଇଥିବାବେଳେ ବିଜେଡି ନିଜ ବିଧାୟକଙ୍କ ଉପରେ ତୀକ୍ଷଣ ନଜର ରଖିଛି। ସେପଟେ ବିଜେପି ବିଧାୟକମାନେ ରାଜ୍ୟସଭା ନିର୍ବାଚନ ପୂର୍ବରୁ ତାଲିମ୍ ପାଇଁ ପାରାଦୀପରେ ଅଛନ୍ତି। ୨ ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରୀମାନଙ୍କ ସହ ୩ଟି ବସ୍‌ରେ ବିଧାୟକମାନେ ଶନିବାର ପାରାଦୀପ ଯାଇଥିଲେ। ସେମାନଙ୍କ ସହ ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାର ମଧ୍ୟ ରହିଥିଲେ। ରବିବାର ପାରାଦୀପରେ ରାଜ୍ୟସଭା ଭୋଟ ନେଇ ଟ୍ରେନିଂ ନେଇଛନ୍ତି ସମସ୍ତ ବିଧାୟକ। ପାରାଦୀପରୁ ବାହାରି ସିଧା ଭୋଟ ଦେବାକୁ ଆସିବେ ବିଧାୟକମାନେ। ନିର୍ବାଚନ ପାଇଁ ଆରମ୍ଭ ହୋଇ ସାରିଛି ମତଦାନ କାଉଣ୍ଟଡାଉନ୍। ହେଲେ ତଥାପି ସରୁନି ଘୋଡ଼ା ବେପାର ରାଜନୀତି। ବେଙ୍ଗାଲୁରୁ ରିସର୍ଟରେ କଂଗ୍ରେସ ବିଧାୟକମାନଙ୍କୁ ୫ କୋଟିର ଅଫର ଦେଇ ଟ୍ରାପ୍ କରାଯିବାକୁ ଉଦ୍ୟମ ନେଇ ଦଳ ଆଣିଛି ସଂଗୀନ ଅଭିଯୋଗ। ଓଡ଼ିଶାରେ ଛକା ପଞ୍ଝା, ବେଙ୍ଗାଲୁରୁରେ ହଟଚମଟ। ନବୀନଙ୍କ ପରେ କଂଗ୍ରେସର ସାଙ୍ଘାତିକ ଅଭିଯୋଗ। ବେଙ୍ଗାଲୁରୁରେ କଂଗ୍ରେସ ବିଧାୟକଙ୍କୁ ଟ୍ରାପ କରିବାକୁ ଉଦ୍ୟମ। ଦିଆଯାଉଛି ୫ କୋଟିର ଅଫର। ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ସହଯୋଗୀ ଏମିତି ଅଫର ଦେଇଥିବା ଅଭିଯୋଗ କରିଛନ୍ତି କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା। ଓଡ଼ିଶା ରାଜ୍ୟସଭା ନିର୍ବାଚନକୁ ନେଇ ବେଙ୍ଗାଲୁରୁରେ ଦେଖିବାକୁ ମିଳିଥିଲା ହାଇଡ୍ରାମା। ୮ କଂଗ୍ରେସ ବିଧାୟକ ରହୁଥିବା ହୋଟେଲରେ ଦେଖିବାକୁ ମିଳିଥିଲା ରୋଚକ ଦୃଶ୍ୟ। ଓଡ଼ିଶାରୁ ୪ଜଣଙ୍କୁ ଦିଲୀପ ରାୟ ପଠାଇଥିବା ଓ ସେମାନଙ୍କ ପାଖରେ ବ୍ଲାଙ୍କ ଚେକ ଥିବା ଅଭିଯୋଗ ହୋଇଥିଲା। ସେମାନେ ବିଧାୟକ ପିଛା ୫ କୋଟି ଅଫର ଦେଉଥିଲେ ବୋଲି ଅଭିଯୋଗ କରିଥିଲେ ସାଂସଦ ଉଲ୍ଲାକା। ଏ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଥିବାର ସୂଚନା ଦେଇଛନ୍ତି କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ। ଏପଟେ ଭୁବନେଶ୍ୱରରେ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ କଂଗ୍ରେସ ପ୍ରଭାରୀ ଏବଂ ପିସିସି ସଭାପତି ବିଜେପିକୁ କଡ଼ା ଟାର୍ଗେଟ କରିଛନ୍ତି। ଆଉ ଏହାର ଜବାବ ରଖିଛି ବିଜେପି। ତେବେ କଂଗ୍ରେସର ଅଭିଯୋଗକୁ ନେଇ ଦିଲୀପ ରାୟଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏପଟେ ରାଜ୍ୟସଭା ଭୋଟକୁ ନେଇ ଓଡ଼ିଶାରେ ବି ସରଗରମ ୩ କ୍ୟାମ୍ପ। କ୍ରସ ଭୋଟିଂକୁ ନେଇ ଛାନିଆ ହୋଇପଡ଼ିଛନ୍ତି ବିରୋଧୀ। ଶନିବାର ଭଳି ରବିବାର ମଧ୍ୟ ବିଜେଡି ବିଧାୟକଙ୍କୁ ଏକାଠି କରିବାକୁ ଲଞ୍ଚ ପାଇଁ ଡାକିଥିଲେ ସଭାପତି ନବୀନ ପଟ୍ଟନାୟକ। ସନ୍ଧ୍ୟାରେ ବି ବସିଥିଲା ବୈଠକ। ରାତିରେ ବିଧାୟକମାନଙ୍କୁ ଏକାଠି ରଖିବାକୁ ବ୍ୟବସ୍ଥା ହୋଇଥିଲା। ବିଡ଼ମ୍ବନାର କଥା ହେଲା ଦୁଇ ଦିନ ଧରି ଲଗାତର ଅନୁପସ୍ଥିତ ରହିଥିବା ତିନି ବିଧାୟକ ସୌଭିକ ବିଶ୍ୱାଳ, ନବ ମଲ୍ଲିକ କି ଚକ୍ରମଣି କହଁର ରବିବାର ବି ନବୀନ ନିବାସ ଆସି ନାହାନ୍ତି। ଅନ୍ୟପଟେ ମୋହନା ବିଧାୟକ ଦଶରଥୀ ଗମାଙ୍ଗଙ୍କୁ କଂଗ୍ରେସ ଦେଖାଇଛି ନାଲି ଆଖି। ବାରମ୍ବାର ଚେଷ୍ଟା ସତ୍ତ୍ୱେ ସେ ଫୋନ ଉଠାଉନଥିବାରୁ ଦଳ ପକ୍ଷରୁ କଂଗ୍ରେସ ଭବନରେ ପହଞ୍ଚିବାକୁ ହୋଇଥିଲା ନୋଟିସ୍। ନ ହେଲେ କାର୍ଯ୍ୟାନୁଷ୍ଠାନର ଚେତାବନୀ ବି ଦିଆଯାଇଥିଲା। ଏହାର ଉତ୍ତର ଦେଇଛନ୍ତି ଦାଶରଥୀ। ସେ କହିଛନ୍ତି ଯେ ବିଜେଡି ସହ ଚତୁର୍ଥ ଆସନପାଇଁ ମେଣ୍ଟ ଦଳୀୟ କର୍ମୀଙ୍କୁ ବ୍ୟଥିତ କରିଛି। ସେ ବିବେକାନୁମୋଦିତ ଭୋଟ୍‌ଦେବେ। ଏମିତି ଛକପଞ୍ଝା ଭିତରେ ପଡ଼ିବ ଭୋଟ। ବିଜେଡି ଏହାର ୨ ଜଣ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଏହି ଦୁଇ ଜଣ ହେଉଛନ୍ତି ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ଓ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ। ବିଜେଡିର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ନୋଟିସ୍ ଜାରି କରିଛନ୍ତି। ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟସଭା ନିର୍ବାଚନ ପୂର୍ବରୁ ନବୀନ ନିବାସରେ କରିଥିବା ବୈଠକକୁ ଲଗାତାର ତିନି ଦିନ ଧରି ଆସିନଥିଲେ ଏହି ଦୁଇ ବିଧାୟକ। ଦଳର ସମସ୍ତ ବିଧାୟକଙ୍କୁ ଏହି ବୈଠକଗୁଡ଼ିକରେ ଉପସ୍ଥିତ ରହିବାକୁ ବାଧ୍ୟତାମୂଳକ ବୋଲି କୁହାଯାଇଥିଲେ ହେଁ ଏହି ଦୁଇ ବିଧାୟକ ଅନୁପସ୍ଥିତ ରହିଥିଲେ। ତେଣେ ବିଜେଡିରୁ ନିଲମ୍ବିତ ହୋଇଥିବା ଚମ୍ପୁଆ ବିଧାୟକ ସନା ମହାକୁଡ ଓ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡି ପକ୍ଷରୁ ନୋଟିସ୍ ଜାରିକରାଯାଇଛି। ୨ ନିଲମ୍ବିତ ବିଧାୟକଙ୍କୁ ନୋଟିସ୍ ଜାରି କରାଯାଇଥିବା ନେଇ ସୂଚନା ଦେଇଛନ୍ତି ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସ। ନୋଟିସ୍‌ରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୌତମ ବୁଦ୍ଧ କହିଛନ୍ତି ଯେ ଉଭୟ ଦଳରୁ ନିଲମ୍ବିତ ହୋଇଛନ୍ତି, ଦଳରୁ ସେମାନେ ବହିଷ୍କୃତ ହୋଇନାହାନ୍ତି। ହ୍ୱିପ୍ ନ ମାନି ଦଳ ବାହାରେ ଭୋଟ ଦେଲେ ସଭ୍ୟ ପଦ ରଦ୍ଦ ହେବ ବୋଲି ଗୌତମ କହିଛନ୍ତି। ତେବେ ରୋଚକ ମୋଡ଼ନେଇଛି ରାଜ୍ୟସଭା ନିର୍ବାଚନ।






# ବାଜିଲା ବିଗୁଲ୍

## ୪ ରାଜ୍ୟ ଓ ପୁଡୁଚେରୀ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ନିର୍ବାଚନ ତାରିଖ ଘୋଷଣା

ନୂଆଦିଲ୍ଲୀ,(ପିପିଏସ୍):
ପଶ୍ଚିମବଙ୍ଗ, ଆସାମ, କେରଳ ଓ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ରବିବାର ତାରିଖ ଘୋଷଣା କରିଛନ୍ତି ମୁଖ୍ୟ





ନିର୍ବାଚନ କମିଶନର ଜ୍ଞାନେଶ କୁମାର। ଏହି ୪ ରାଜ୍ୟ ସହିତ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀର ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ଘୋଷଣା ହୋଇଛି ତାରିଖ। ଆସାମ ଓ କେରଳରେ ଏପ୍ରିଲ ୯ ତାରିଖରେ ଭୋଟ୍ ଗ୍ରହଣ କରାଯିବ। ଏହି ଦୁଇ ରାଜ୍ୟରେ ଏହି ଗୋଟିଏ ପର୍ଯ୍ୟାୟରେ ହେବ ନିର୍ବାଚନ। ଏପ୍ରିଲ ୨୩ ତାରିଖରେ ତାମିଲନାଡୁରେ ଭୋଟ୍ ହେବ। ତାମିଲନାଡୁରେ ବି ଗୋଟିଏ ପର୍ଯ୍ୟାୟରେ ହେବ ମତଦାନ। ତେବେ ପଶ୍ଚିମବଙ୍ଗରେ ଦୁଇଟି ପର୍ଯ୍ୟାୟରେ ହେବ ଭୋଟ୍। ଏଠାରେ ଏପ୍ରିଲ ୨୩ ଓ ୨୯ ତାରିଖରେ ଭୋଟ୍ ଗ୍ରହଣ ହେବ। ଏପ୍ରିଲ ୯ ତାରିଖରେ ହେବ ପୁଡୁଚେରୀ ବିଧାନସଭା ନିର୍ବାଚନ। ଏଠାରେ ମଧ୍ୟ ଗୋଟିଏ ପର୍ଯ୍ୟାୟରେ ହେବ ଭୋଟ୍ ଗ୍ରହଣ। ମେ’ ୪ ତାରିଖରେ ଭୋଟ୍ ଗଣତି ହେବ। ନିର୍ବାଚନ ତାରିଖ ଘୋଷଣା ସହିତ ଏହି ସବୁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇଛି। ଏହି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହେବାକୁ ଥିବା ନିର୍ବାଚନରେ ୧୭.୪ କୋଟି ଭୋଟର ଭାଗ ନେବେ। ମୋଟ୍ ୮୨୪ ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ୍ ଗ୍ରହଣ କରାଯିବ। ସେଥିପାଇଁ ୨.୧୯ ଲକ୍ଷ ମତଦାନ କେନ୍ଦ୍ର କରାଯିବ। ଏହି ନିର୍ବାଚନ ପାଇଁ ମୋଟ ୨୫ ଲକ୍ଷ କର୍ମଚାରୀ ଓ ଅଧିକାରୀଙ୍କୁ ନିୟୋଜିତ କରାଯିବ। ୧୭.୪ କୋଟି ଭୋଟରଙ୍କ ମଧ୍ୟରୁ ଆସାମରେ ଭୋଟ୍ ଦେବେ ୨.୫୦ କୋଟି ଭୋଟର। କେରଳରେ ୨.୭୦ କୋଟି ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବାକୁ ଯାଉଥିବା ବେଳେ ତାମିଲନାଡୁରେ ୫.୬୭ ଓ ପଶ୍ଚିମବଙ୍ଗରେ ୬.୪୪ କୋଟି ଭୋଟର ଭୋଟ୍ ଦେବେ। ସେହିପରି ପୁଡୁଚେରୀରେ ୯.୪୪ ଲକ୍ଷ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ପଶ୍ଚିମବଙ୍ଗ ବିଧାନସଭାରେ ୨୯୪ଟି ଆସନ ଅଛି। ଗତଥର ଏଠାରେ ମମତା ବାନାର୍ଜୀଙ୍କ ଦଳ ଟିଏମ୍‌ସି ବାଜି ମାରିଥିଲା। ଦଳ ଏକାକୀ ୨୨୩ଟି ଆସନ ଜିତି ଲଗାତାର ତୃତୀୟ ଥର ପାଇଁ ସରକାର ଗଢ଼ିଥିଲା। ଜଣେ ସ୍ୱାଧୀନ ଓ ବିଜିପିଏମ୍‌ର ଜଣେ ବିଧାୟକ ମଧ୍ୟ ତୃଣମୂଳ କଂଗ୍ରେସର ସରକାରରେ ମିଶିଥିଲେ। ଅନ୍ୟପକ୍ଷରେ ବିଜେପି ୬୪ଟି ଆସନ ଜିତିଥିଲା। ତାମିଲନାଡୁ ବିଧାନସଭାରେ ୨୩୪ଟି ଆସନ ରହିଛି। ଗତ ନିର୍ବାଚନରେ ଏଠାରେ ଡିଏମ୍‌କେ ୧୩୩ଟି ଆସନ ଜିତି କଂଗ୍ରେସ ଓ ଅନ୍ୟ କିଛି ଦଳ ସହ ମିଶି ସରକାର ଗଠନ କରିଥିଲା। ଅନ୍ୟପକ୍ଷରେ ଏଆଇଏଡିଏମ୍‌କେ ୬୦, ବିଜେପି ୪ ଓ ପିଏମ୍‌କେ ୩ଟି ଆସନ ଜିତିଥିଲେ। କେରଳ ବିଧାନସଭାରେ ୧୪୦ଟି ଆସନ ଥିବା ବେଳେ ଗତ ନିର୍ବାଚନରେ ସିପିଆଇ(ଏମ୍) ନେତୃତ୍ୱାଧୀନ ଏଲ୍‌ଡିଏଫ ୯୫ଟି ଆସନ ଜିତିଥିବା ବେଳେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ ୪୧ଟି ଆସନ ପାଇଥିଲା। ଆସାମ ବିଧାନସଭାରେ ୧୨୬ଟି ଆସନ ଥିବା ବେଳେ ଗତ ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୮୬ଟି ଆସନରେ ବିଜୟୀ ହୋଇଥିଲା। ବିଜେପି ଏକାକୀ ୬୭ଟି ଆସନ ଜିତିଥିଲା। ଅନ୍ୟପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ଏଏସ୍‌ଓଏମ୍ ୨୫ଟି ଆସନ ଜିତିଥିଲା। କଂଗ୍ରେସ ଏକାକୀ ୨୨ଟି ଆସନ ଜିତିଥିଲା। କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀ ବିଧାନସଭାରେ ୩୩ଟି ଆସନ ଅଛି। ଗତ ନିର୍ବାଚନରେ ଏନ୍‌ଡିଏ ମେଣ୍ଟ ୨୩ ଆସନ ଜିତି ସରକାର ଗଠନ କରିଥିଲା। ତା’ ମଧ୍ୟରେ ଅଲ୍ ଇଣ୍ଡିଆ ଏନ୍.ଆର କଂଗ୍ରେସର ୧୦ଟି ଆସନ ଥିବା ବେଳେ ବିଜେପିର ୬ ଓ ୪ ସ୍ୱାଧୀନ ପ୍ରାର୍ଥୀ ଥିଲେ। ଅନ୍ୟପକ୍ଷରେ ଡିଏମ୍‌କେକୁ ୬ଟି କଂଗ୍ରେସକୁ ୨ଟି ଆସନ ମିଳିଥିଲା।

❑ଆସାମ: ୯ ଏପ୍ରିଲ(ଗୋଟିଏ ପର୍ଯ୍ୟାୟ)
❑ପଶ୍ଚିମବଙ୍ଗ: ୨୩ ଓ ୨୯ଏପ୍ରିଲ
❑ତାମିଲନାଡୁ: ୨୩ ଏପ୍ରିଲ
❑କେରଳମ: ୯ ଏପ୍ରିଲ
❑ପୁଡୁଚେରୀ: ୯ ଏପ୍ରିଲ

**ମେ’ ୪ରେ ଗଣତି**

## ୧୫ ଜିଲ୍ଲାକୁ ୱାର୍ଣ୍ଣିଂ

ଭୁବନେଶ୍ୱର,(ପିପିଏସ୍):
୧୫ ଜିଲ୍ଲାକୁ ୩ ଘଣ୍ଟିଆ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ପାଣିପାଗ କେନ୍ଦ୍ର। ଘଡ଼ଘଡ଼ି ସହ ବର୍ଷା ଓ ୩୦ରୁ ୪୦ କିମି ପବନ ସମ୍ଭାବନା ରହିଛି। ଏହାସହ ରାଜଧାନୀ ଭୁବନେଶ୍ୱରକୁ ମଧ୍ୟ ୱାର୍ଣ୍ଣିଂ ଜାରି କରାଯାଇଛି। ମୟୂରଭଞ୍ଜ, ବାଲେଶ୍ୱର, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ, ନୟାଗଡ଼,ଖୋର୍ଦ୍ଧା, କନ୍ଧମାଳ, କୋରାପୁଟ, ଗଞ୍ଜାମ ଜିଲାକୁ ଭୁବନେଶ୍ୱର ପାଣିପାଗ ବିଭାଗ ପକ୍ଷରୁ ୱାର୍ଣ୍ଣିଂ ଜାରି କରାଯାଇଛି।

## ଏସ୍‌ସିବିରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା: ମହିଳାଙ୍କ ଜୀବନଗଲା

କଟକ,(ପିପିଏସ୍):
ହାତ ବିନ୍ଧାରୁ ଅସ୍ତ୍ରୋପଚାର। ପରେ ଚିକିତ୍ସା ଅବହେଳାରୁ ନଷ୍ଟ ହୋଇଗଲା ହାତ। ପୁନର୍ବାର ଅସ୍ତ୍ରୋପଚାର ଯୋଗୁଁ ରୋଗୀର ମୃତ୍ୟୁ ଅଭିଯୋଗ। କଟକ ବଡ଼ ମେଡିକାଲରୁ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ମୃତକ ଜଣକ କଟକ ପଟାପୋଲ ଅଞ୍ଚଳର ଆରତୀ ଦାସ ବୋଲି ଜଣାପଡ଼ିଛି। ଆରତୀଙ୍କର ସାମାନ୍ୟ ହାତ ବିନ୍ଧା ଯୋଗୁଁ ସେ ସର୍ଜରୀ ବିଭାଗରେ ଚିକିତ୍ସିତ ହେଉଥିଲେ। ପ୍ରଥମେ ତାଙ୍କର ଏକ ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ କୌଣସି ସୁଫଳ ମିଳିନଥିଲା। ହାତରେ ପୁନର୍ବାର ଯନ୍ତ୍ରଣା ହେବାରୁ ତାଙ୍କର ପୁନର୍ବାର ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ ଆଜି ତାଙ୍କର ମୃତ୍ୟୁ ହୋଇଛି। ତ୍ରୁଟି ପୂର୍ଣ୍ଣ ଚିକିତ୍ସା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାସହ ପରିବାର ଲୋକେ ନ୍ୟାୟ ଦାବିରେ ଧାରଣା ଦେଇଛନ୍ତି।

## ବହିଲା କାଳବୈଶାଖୀ: କରଞ୍ଜିଆରେ ଗାଁ ଛାରଖାର

# ଭାଙ୍ଗିଲା ଶତାଧିକ ଘର, ୨ ମୃତ

ବାରିପଦା, କନ୍ଧମାଳ(ପିପିଏସ୍):
ମୟୂରଭଞ୍ଜ କରଞ୍ଜିଆ ବ୍ଲକ୍ କିଆ ଗାଁରେ ରବିବାର ତାଣ୍ଡବ ରଚିଛି କାଳବୈଶାଖୀ। ପୂରା ଗାଁ ଛାରଖାର ହୋଇଯାଇଛି। ଘର ଭାଙ୍ଗିଛି। ଗଛ ଭାଙ୍ଗିଛି। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ଯାଇଛି। ତା’ସହିତ ଜୀବନହାନି ହୋଇଛି। ଭୟଙ୍କର ପବନରେ ପ୍ରାୟ ଶତାଧିକ ଘର ଭାଙ୍ଗିଥିବା ବେଳେ ୨ ଜଣଙ୍କ ମୃତ୍ୟୁଘଟିଛି। ୩୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତ ଆହତଙ୍କୁ କରଞ୍ଜିଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରବିବାର ଦ୍ୱିପହରରେ କିଆ ଗାଁରେ ହଠାତ୍ ପ୍ରବଳ ପବନ ହେବା ସହିତ ବର୍ଷା ହୋଇଥିଲା। ଏତେ ଜୋରରେ ପବନ ହୋଇଥିଲା ଯେ ରାସ୍ତାରେ ଯାଉଥିବା କିଛି ବାଇକ୍‌କୁ ଏହା ଉଡ଼ାଇ ନେଇଥିଲା। ଗୋଟିଏ ବାଇକ୍ ଗାଁ ପୋଖରୀ ପାଖରେ ପଡ଼ିଥିଲା। ଏକ ଅଟୋ ବି ପବନ ପ୍ରଭାବରେ ଓଲଟି ପଡ଼ିଥିଲା। ତାହା ଉଡ଼ିଯାଇ ପୋଖରୀ ଭିତରେ ପଡ଼ିଥିଲା। ଗାଁର ଆଜବେଷ୍ଟସ୍, ଖପର ଓ ଚାଳ ଘରଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ଗୋଟିଏ ଗୋଟିଏ ଘରୁ ଏକାଧିକ ଆଜ୍‌ବେଷ୍ଟସ ଉଡ଼ି ଯାଇଛି। ରାସ୍ତା ସାରା ଗଛଗୁଡ଼ିକର ଡାଳ ଭାଙ୍ଗି ପଡ଼ିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହିତ ୨ ମୃତକଙ୍କ ପରିବାର ପାଇଁ ସହାୟତା ଘୋଷଣା କରିଛନ୍ତି। ଦୁଇ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଦିଆଯିବ। ଏହା ସହିତ ଆହତଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମୟୂରଭଞ୍ଜ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କାଳବୈଶାଖୀ ପ୍ରଭାବରେ କନ୍ଧମାଳ ଜିଲ୍ଲାର କଳିଙ୍ଗା ଠାରେ ପ୍ରବଳ କୁଆ ପଥର ସାଙ୍ଗକୁ ବର୍ଷା ହୋଇଛି। ଅଚନାକ ଅପରାହ୍ନରେ ହଠାତ ମେଘ ଢାଙ୍କି ହୋଇଯିବା ପରେ ପ୍ରବଳ ବର୍ଷା ସହିତ ପବନ ହୋଇଥିଲା। ତା’ ସାଙ୍ଗକୁ ପ୍ରବଳ କୁଆ ପଥର ମାଡ଼ ହୋଇଥିଲା। ଏତେ ଜୋରରେ ବର୍ଷା ହୋଇଥିଲା ଯେ କିଛି ଲୋକଙ୍କ ଘରେ ପାଣି ପଶି ଯାଇଥିଲା।



## ସମ୍ପାଦକୀୟ
### ରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନ

## ବାଟେଘାଟେ



ଆଜିର ଦିନରେ ଓଡ଼ିଶାର
ରାଜନୀତି ହେବ ହଲଚଲ
ଅବୁଝା ରହିଲେ ଅଛିଣ୍ଡା ଗଣିତ
ଘୋଡ଼ା ବେପାରର ମୂଳ
ହୋତା ଯଦି ଜିତିଗଲ
ନବୀନ ଭକ୍ତ ଓଡ଼ିଶାବାସୀଙ୍କ
ଆଗରେ ହୋଇବେ ଭଲ
ଦିଲ୍ଲୀପ ଯଦି ଜିତିଲ
ରାଜଧାନୀ ଏଇ ପଙ୍କୁଆମାଟିରେ
ଫୁଟାଇବ ପଦ୍ମଫୁଲ
-ରାହୀ

# ଅଡୁଆରେ ବିଜେଡି ପ୍ରାର୍ଥୀ ସନ୍ତୃପ୍ତ !

## ବିଜୁ-ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍ ସମ୍ପାଦକ

ନୂଆଦିଲ୍ଲୀ,ଭୁବନେଶ୍ୱର,(ପିପିଏସ୍):
ଅଡୁଆରେ ବିଜେଡିର ରାଜ୍ୟସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ! ବିଜୁ-ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍ ସମ୍ପାଦକ ଥାଇ ସତ୍ୟପାଠରେ ତଥ୍ୟ ଲୁଚାଇଥିବା କହି ତାଙ୍କୁ ଘେରିଛି ବିଜେପି। ଏଣେ ଟ୍ରଷ୍ଟ ଗଠନ କଥାକୁ ମିଛ ବୋଲି ଦର୍ଶାଇ ବିଜେଡି ଚିହିଁକି ଉଠିଥିବାବେଳେ ଶ୍ରୀମୟୀ କରିଛନ୍ତି ତେରଛା ନିଶାନା। ତେବେ ୧୦ ମାସ ତଳେ ଗଠିତ ହୋଇଥିବା ଉକ୍ତ ଟ୍ରଷ୍ଟ ସମ୍ପର୍କରେ ଭାରତ ସରକାରଙ୍କ ୱେବସାଇଟ୍‌ରେ କିନ୍ତୁ ରହିଛି ବିସ୍ତୃତ ତଥ୍ୟ। ଆଜି ରାଜ୍ୟସଭା ଭୋଟ୍। ହେଲେ ଅଡୁଆରେ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର। କାରଣ ସେ କୁଆଡ଼େ ସତ୍ୟପାଠରେ ଲୁଚାଇଛନ୍ତି ସାଂଘାତିକ ତଥ୍ୟ। ଏଭଳି ଅଭିଯୋଗ ଆଣି ଘେରିଛି ବିଜେପି। ବିଜେପି ମୁଖପାତ୍ର ଅନୀଲ ବିଶ୍ୱାଳ ଅଭିଯୋଗ କରିଛନ୍ତି। ‘ବିଜୁ-ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍’ ନାଁରେ ଏକ ଟ୍ରଷ୍ଟର ସେକ୍ରେଟାରୀ ଅଛନ୍ତି ସଂତୃପ୍ତ। ସତ୍ୟପାଠରେ ସେ ନେଇ ବିନ୍ଦୁ ବିସର୍ଗ ବି ଦର୍ଶାଇ ନାହାନ୍ତି। ତେଣୁ ଏହା ସତ୍ୟ ହୋଇଥିଲେ- ପିପୁଲସ୍ ରିପ୍ରେଜେଣ୍ଟସନ ଆକ୍ଟ- ୧୯୫୧ ଅନୁସାରେ ଯାକୁ ଅପରାଧିକ କାର୍ଯ୍ୟ ଭାବେ ଗଣା ଯିବ। ତେଣୁ ଏଠି ପ୍ରଶ୍ନ- କ’ଣ ସେ ବିଜୁ-ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍ ? କାହିଁକି ଗଢ଼ା ଯାଇଛି ଏଭଳି ଟ୍ରଷ୍ଟ ? ଖୋଲତାଡ଼ ଭିତରେ ବିଜେପି ନେତା ଅନୀଲ ବିଶ୍ୱାଳ ଦର୍ଶାଇଛନ୍ତି- ପାର୍ଟି ଟଙ୍କାକୁ ମନି ଲଣ୍ଡ୍ରିଂ କରିବା ପାଇଁ ଏଭଳି ଏକ ଟ୍ରଷ୍ଟ ଗଠନ କରାଯାଇଥିବା ନେଇ ଖୋଦ୍ ବିଜେଡି ନେତା ବି ଅଭିଯୋଗ ଆଣିଛନ୍ତି। ତେବେ ଏଭଳି ଟ୍ରଷ୍ଟ ଅଭିଯୋଗକୁ ସମ୍ପୂର୍ଣ୍ଣ ମିଛ ବୋଲି ଦର୍ଶାଇ ପ୍ରମାଣ ମାଗିଛନ୍ତି ବିଧାୟକ ଗୌତମବୁଦ୍ଧ ଦାସ। ତେଣେ ତେରଛା ନିଶାନା କରି ପୂର୍ବତନ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି- ଉକ୍ତ ଟ୍ରଷ୍ଟ ସମ୍ପର୍କରେ ଭାରତ ସରକାରଙ୍କ ୱେବସାଇଟ୍‌ରେ ତଥ୍ୟ ଉପଲବ୍ଧ ଅଛି। ସମସ୍ତଙ୍କ ଅଗୋଚରରେ ଏଭଳି ଟ୍ରଷ୍ଟ ଗଢ଼ିବା ପଛରେ ବଡ଼ ଧରଣର ଆର୍ଥିକ ହେରଫେର ପ୍ଲାନ ଅଛି କି ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀମୟୀ। ହେଲେ ଏ ନେଇ ବିଜେଡିର ପ୍ରତିକ୍ରିୟା ମିଳିନି। କ’ଣ ଏଇ ବିଜୁ-ନବୀନ ଇନସ୍ପିରେସନାଲ୍ ଫାଉଣ୍ଡେସନ୍ ? ନୀତି ଆୟୋଗ ପକ୍ଷରୁ ନନ୍ ପ୍ରଫିଟ୍ ଅର୍ଗାନାଇଜେସନ୍- ଏନ୍‌ପିଓ ମାନଙ୍କ ପଂଜୀକରଣ ତାଲିକାରେ ପ୍ରାୟ ୧୦ ମାସ ତଳେ ଅର୍ଥାତ୍ ୨୦୨୫ ମେ ୯ ତାରିଖରେ ଦିଲ୍ଲୀ ସବ୍-ରେଜିଷ୍ଟ୍ରାରଙ୍କ ପାଖରେ ଏଭଳି ଏକ ଟ୍ରଷ୍ଟ ଗଠନ ହୋଇଛି। ଯାହାର ସଭାପତି ଭି.କେ. ପାଣ୍ଡିଆନ୍ ଓ ସମ୍ପାଦକ ନବୀନଙ୍କ ରାଜନୈତିକ ସଚିବ ସନ୍ତୃପ୍ତ ମିଶ୍ର ଅଛନ୍ତି ବୋଲି ଦର୍ଶାଯାଇଛି। ଟ୍ରଷ୍ଟି ରହିଛନ୍ତି ପୂର୍ବତନ ଆଡଭୋକେଟ୍ ଜେନେରାଲ୍ ଅଶୋକ ପରିଜା। ଏ ଫାଉଣ୍ଡେସନ୍ ଶିକ୍ଷା, ସାହିତ୍ୟ, ଦାରିଦ୍ର୍ୟ ଦୂରୀକରଣ ଭଳି ଅନେକ କ୍ଷେତ୍ରରେ ବିକାଶ ଉପରେ କାମ କରିବାକୁ ଦର୍ଶାଇଛି। ହେଲେ ଆଶ୍ଚର୍ଯ୍ୟଜନକ କଥା ହେଲା-ଏହାର କାର୍ଯ୍ୟକ୍ଷେତ୍ରକୁ କେବଳ ଦିଲ୍ଲୀରେ ରଖାଯାଇଛି। ଯାହାର ଠିକଣା ରହିଛି-ନବୀନଙ୍କ ଦିଲ୍ଲୀ ସ୍ଥିତ ପୈତୃକ ବାସଭବନ ନାଁରେ। ଆଉ ଉକ୍ତ ଆକାଉଣ୍ଟ ଜରିଆରେ ବିଜେଡିର ୪ ହଜାର କୋଟି ଟଙ୍କା ସିଫ୍ଟ କରାଯାଇଥିବା ନେଇ ଗତ ୨୮ ତାରିଖରେ ସଂଗୀନ ପ୍ରସଙ୍ଗ ଉଠାଇଥିଲେ ବିଜେଡିରୁ ବହିଷ୍କୃତ ନେତା ପ୍ରଭାତ ବିଶ୍ୱାଳ। ତେବେ ଏଠି ପ୍ରଶ୍ନ, ବିଜେଡିର ନେତା ଓ କର୍ମୀଙ୍କୁ ଏ ଟ୍ରଷ୍ଟ କଥା ଜଣାଯାଇଛି କି ? ଗଲା ୧୦ ମାସ ଭିତରେ ଟ୍ରଷ୍ଟ କି କାର୍ଯ୍ୟକ୍ରମ ଓ ଆର୍ଥିକ କାରବାର କରିଛି ? ସେ ନେଇ ଜାଣିବାକୁ ସନ୍ତୃପ୍ତ ମିଶ୍ରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ବି ତାହା ସମ୍ଭବ ହୋଇପାରିନାହିଁ। ସେପଟେ ବିଶେଷଜ୍ଞ କହିଛନ୍ତି- ଗୋଟିଏ ଦଳ ଚାହିଁଲେ, କୌଣସି ଟ୍ରଷ୍ଟକୁ ଦାନ ଦେବାରେ ଅସୁବିଧା ନାହିଁ। ହେଲେ ପୂର୍ବତନ ପ୍ରଶାସକଙ୍କ ମତ-ହଠାତ୍ ଏଭଳି ଏକ ଟ୍ରଷ୍ଟ ଗଠନ କଥା ପଦାକୁ ଆସିଥିବାରୁ ସନ୍ଦେହ ବଢ଼ିଛି। ଏବେ ଦେଖିବାର କଥା ସତ୍ୟପାଠରେ ତଥ୍ୟ ଲୁଚାଇଥିବାରୁ ଅଡୁଆରେ କିଭଳି ଅଡୁଆରେ ପଡୁଛନ୍ତି ସନ୍ତୃପ୍ତ ? କିଏ, କେମିତି ନେବ କାର୍ଯ୍ୟାନୁଷ୍ଠାନ ? ?

**ଲୁଚାଇଛନ୍ତି ତଥ୍ୟ**



# ଶ୍ରୀମନ୍ଦିରରେ ଅସମ୍ଭାଳ ଭିଡ଼

## ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ଭକ୍ତ ବେହୋସ

ଭୁବନେଶ୍ୱର,(ପିପିଏସ୍):
ରବିବାର ଛୁଟିଦିନ ଥିବାରୁ ଶ୍ରୀମନ୍ଦିରରେ ଦେଖିବାକୁ ମିଳିଥିଲା ଭକ୍ତଙ୍କ ଅସମ୍ଭାଳ ଭିଡ଼। ଭିଡ଼ ଏଭଳି ହୋଇଥିଲା ଯେ ସିଂହଦ୍ୱାର ବ୍ୟାରିକେଡ଼ ପୂର୍ଣ୍ଣ ହୋଇଯିବା ପରେ ଭକ୍ତଙ୍କ ଲମ୍ବା ଲାଇନ୍ ବଡ଼ଦାଣ୍ଡର ମର୍ଚ୍ଚିକୋଟ ଛକ ପର୍ଯ୍ୟନ୍ତ ଲାଗି ରହିଥିଲା। ତେବେ ବଡ଼ଦାଣ୍ଡରେ କୌଣସି ସେଡ୍ ବ୍ୟବସ୍ଥା ନଥିବାରୁ ପ୍ରଚଣ୍ଡ ଖରାରେ ସିଝିଥିଲେ ଭକ୍ତ। ଖାଲି ପାଦରେ ପିଚୁ ଉପରେ ଠିଆ ହୋଇଥିବା ଭକ୍ତଙ୍କର ପାଦ ମଧ୍ୟ ପୋଡ଼ି ଯାଇଥିଲା। ଛୋଟ ଛୋଟ ପିଲା, ବରିଷ୍ଠ ନାଗରିକ ଏବଂ ମହିଳାମାନେ ପ୍ରଚଣ୍ଡ ଖରାରେ ଠିଆହୋଇ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସୁରକ୍ଷା ପାଇଁ ବଡଦାଣ୍ଡରେ କପଡ଼ା ସେଡ୍ ନିର୍ମାଣ ପାଇଁ ଜଗନ୍ନାଥପ୍ରେମୀ ଦାବି କରିଛନ୍ତି। ସେହିପରି ଗୁଳୁଗୁଳିରୁ ରକ୍ଷା ପାଇଁ ବ୍ୟାରିକେଡ଼ରେ ଫ୍ୟାନ୍ ବ୍ୟବସ୍ଥା ସହିତ ପାନୀୟଜଳର ବ୍ୟବସ୍ଥା ଏବଂ ଅଗ୍ନିଶମ ବାହିନୀ ପକ୍ଷରୁ ଜଳ ସିଞ୍ଚନ ବ୍ୟବସ୍ଥା ଶୀଘ୍ର କାର୍ଯ୍ୟକାରୀ କରିବାକୁ ଭକ୍ତ ମାନେ ଦାବି କରିଛନ୍ତି। ସେପଟେ ପ୍ରଚଣ୍ଡ ଖରା ଓ ଗୁଳୁଗୁଳିରେ ମଧ୍ୟ କେତେକ ଭକ୍ତ ଅଣନିଃଶ୍ୱାସୀ ହୋଇ ବେହୋସ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରୁ ଭକ୍ତଙ୍କୁ ସୁରକ୍ଷା ଦେବା ପାଇଁ ଯଥାଶୀଘ୍ର ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଭକ୍ତମାନେ ମତ ଦେଇଛନ୍ତି। ଦିନକୁ ଦିନ ଖରା ବୃଦ୍ଧି ପାଉଥିବା ବେଳେ ଗୁଳୁଗୁଳି ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସେହିଭଳି ଶ୍ରୀମନ୍ଦିର ନାଟମଣ୍ଡପରେ ପ୍ରବଳ ଗୁଳୁଗୁଳିରେ ସନ୍ତୁଳି ହେଉଛନ୍ତି ଭକ୍ତ। ଅନେକ ଭକ୍ତ ପ୍ରବଳ ଗରମ ଏବଂ ଗୁଳୁଗୁଳି ସହ୍ୟ ନକରି ପାରି ନାଟମଣ୍ଡପ ଭିତରେ ବେହୋସ୍ ହୋଇ ପଡୁଥିବା ବେଳେ ବାନ୍ତି ମଧ୍ୟ କରି ପକାଉଛନ୍ତି। ଏହାଦ୍ୱାରା ଅନେକ ସମୟରେ ମହାପ୍ରଭୁଙ୍କର ନୀତିକାନ୍ତି ମଧ୍ୟ ପ୍ରଭାବିତ ହେଉଛି। ଶ୍ରୀମନ୍ଦିର ନାଟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ଖରାଦିନ ପୂର୍ବରୁ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାରମ୍ବାର କୁହାଯାଇଥିବା ବେଳେ ଏହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରିନାହିଁ। ଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁ ମାନେ ପ୍ରବଳ ଗୁଳୁଗୁଳି, ଗରମରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେପଟେ ପୁରୀ ଜିଲ୍ଲାପାଳ କହିଛନ୍ତି ରବିବାର ଏବଂ ସଂକ୍ରାନ୍ତି ଥିବାରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆଜି ପ୍ରବଳ ଭକ୍ତଙ୍କ ସମାଗମ ହୋଇଛି।






# ଆଜିର ରାଶିଫଳ

**ମେଷ** ଆପଣଙ୍କ ଲାଗି କୌଣସି ଭଲ ଜାଗାରେ ଚାକିରିର ପ୍ରସ୍ତାବ ଆସିପାରେ। ନୂଆ ବ୍ୟବସାୟ କରିବା ଲାଗି ଉତ୍ସୁକ ହୋଇପାରନ୍ତି। ଆପଣଙ୍କର ପଦ ପ୍ରତିଷ୍ଠା ବୃଦ୍ଧି ହେବ। ଛାତ୍ରଙ୍କୁ କିଛି ନୂଆ ଶିଖିବାକୁ ମିଳିବ।

**ବୃଷ** ଶରୀର ସୁସ୍ଥ ଓ ସତେଜ ରହିବ। କଳାକ୍ଷେତ୍ରରେ ଆପଣଙ୍କର ରୁଚି ବଢ଼ିବ। ଜୀବନସାଥୀ ଆପଣଙ୍କୁ ଖୁସି ହେବାର ମାଧ୍ୟମ ଦେବେ। ବସ୍ତ୍ର ବ୍ୟବସାୟୀଙ୍କୁ ଯଥେଷ୍ଟ ଲାଭ ମିଳିବ।

**ମିଥୁନ** ପ୍ରସାଧନ ବ୍ୟବସାୟୀଙ୍କର ବିକ୍ରୀ ବଢ଼ିବ। ଅଯଥା ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବା ଦରକାର। ବଡ଼ଙ୍କର ପରାମର୍ଶ କାର୍ଯ୍ୟକ୍ଷେତ୍ରରେ ମାର୍ଗଦର୍ଶକ କରିବ। ଶତ୍ରୁଙ୍କୁ ପରାସ୍ତ କରିବେ।

**କର୍କଟ** ଆପଣଙ୍କ କାମରେ ମନ ଲାଗିବ। ଦାମ୍ପତ୍ୟ ଜୀବନରେ କେ ?ଣସି ଖୁସି ଖବର ପାଇବେ। କାର୍ଯ୍ୟକ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। ପ୍ରେମୀ ଯୁଗଳ ନିଜ ସମ୍ବନ୍ଧର କଥା ଘର ଲୋକଙ୍କୁ କହିବେ।

**ସିଂହ** ଘରର ଦାୟିତ୍ୱକୁ ଭଲଭାବେ ବୁଝି ପାରିବେ। ପରିବାର ସହିତ କେ ?ଣସି ଧର୍ମାନୁଷ୍ଠାନକୁ ଯିବେ। ଧନଲାଭ ଯୋଗ ଅଛି। ଅଫିସରେ ଆପଣଙ୍କ କାର୍ଯ୍ୟର ଧ୍ୟାନ ଦିଅନ୍ତୁ। କାର୍ଯ୍ୟର ବୋଝ ବଢ଼ିପାରେ।

**କନ୍ୟା** ଅଫିସ କାମ ନିର୍ଦ୍ଧାରିତ ସମୟରେ ସଂପୂର୍ଣ୍ଣ କରିପାରିବେ। ଦାମ୍ପତ୍ୟ ଜୀବନରେ ନୂଆ ନୂଆ ଖୁସି ଆସିବ। ପରିଜନଙ୍କ ଠାରୁ କେ ?ଣସି କାମରେ ସାହାଯ୍ୟ ପାଇବେ। ବ୍ୟବସାୟରେ ଭଲ ଲାଭ ହେବ।

**ତୁଳା** ଆପଣଙ୍କୁ ବନ୍ଧୁ ମାଧ୍ୟମରେ ଭଲ ଚାକିରି ମିଳିବ। ତେଜରାତି ଦୋକାନୀଙ୍କର ଭଲ ଲାଭ ହେବ। ଆପଣ ଅନ୍ୟମାନଙ୍କୁ ଯଥା ସମ୍ଭବ ସାହାଯ୍ୟ କରିବେ। ଦାମ୍ପତ୍ୟ ଜୀବନରେ ସେ ?ହାର୍ଦ୍ଦ ବଢ଼ିବ।

**ବିଛା** ଅଫିସ କାମରେ ଉପରିସ୍ଥ କର୍ମଚାରୀ ପ୍ରଶଂସା କରିବେ। ରାଜନୀତି କ୍ଷେତ୍ରରେ ଥିବା ଲୋକଙ୍କୁ ସମ୍ମାନିତ କରାଯିବ। ଶିକ୍ଷକ କେ ?ଣସି ବିଷୟରେ ବିଦ୍ୟାର୍ଥୀଙ୍କୁ ବୁଝାଇବାରେ ସଫଳ ରହିବେ।

**ଧନୁ** ଇଞ୍ଜିନିୟର୍ସଙ୍କ ଲାଗି ଦିନଟି ଭଲ। କାମ ପ୍ରତି ଏକାଗ୍ରତା ଓ ନିଷ୍ଠା ବଢ଼ିବ। ପ୍ରିୟଜନଙ୍କ ସହ ଜିନିଷ କିଣିବାକୁ ଯିବେ। ଦାମ୍ପତ୍ୟ ଜୀବନରେ ଆପୋସୀ ତାଳମେଳ ବଜାୟ ରହିବ।

**ମକର** ଅଫିସରେ ଆପଣଙ୍କ କାମର ଲୋକେ ପ୍ରଶଂସା କରିବେ। ରାଜନୀତି କ୍ଷେତ୍ରରେ ଥିବା ଲୋକଙ୍କ ଲାଗି ଦିନଟି ଭଲ ରହିବ। ପ୍ରିୟଜନଙ୍କ ସହିତ ବାହାରକୁ ବୁଲି ଯିବେ। ଖର୍ଚ୍ଚ କମ୍ କରିବାକୁ ଚେଷ୍ଟା କରନ୍ତୁ।

**କୁମ୍ଭ** ପରିବାର ସହିତ ବାହାରକୁ ବୁଲି ଯାଇପାରନ୍ତି। ମହିଳାମାନଙ୍କ ଲାଗି ଦିନଟି ଭଲ ରହିବ। ଆପଣଙ୍କର ସକାରାତ୍ମକ ମାନସିକତା ଆପଣଙ୍କୁ କାର୍ଯ୍ୟକ୍ଷେତ୍ରରେ ସଫଳତା ଆଣିଦେବ।

**ମୀନ** ମୀନ: ଆପଣଙ୍କ ଦାମ୍ପତ୍ୟ ଜୀବନରେ ଉତ୍ସାହର ବାତାବରଣ ରହିବ। ପନିପରିବା ଓ ଫଳ କାରବାରରେ ଆୟ ବଢ଼ିବ। ପ୍ରେମୀ ଯୁଗଳ ଜଣେ ଅନ୍ୟଜଣଙ୍କର ଭାବନାକୁ ସମ୍ମାନ କରିବେ।

# ସାହି ବ୍ରେଡ ଟୁକୁଡା

**ଆବଶ୍ୟକ ସାମଗ୍ରୀ :** ବ୍ରେଡ, ତେଲ, ଚିନି, ଗୁଜରାତି, କେଶର,କ୍ଷୀର, ମିଲ୍କ ପାଉଡର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବ୍ରେଡର ଚାରି ପାର୍ଶ୍ୱକୁ କାଟି ଦିଅନ୍ତୁ। ବ୍ରେଡକୁ ତେଲରେ ଫ୍ରାଏ କରି ଦିଅନ୍ତୁ। ଉଭୟ ପାର୍ଶ୍ୱ ପୂରା ଗୋଲଡେନ ଫ୍ରାଏ କରିଦିଅନ୍ତୁ। ଏହାପରେ ଗ୍ୟାସ୍ରେ ଏକ ପାତ୍ର ବସାଇ ଯେତିକି ପାଣି ସେତିକି ଚିନି ଦେଇ ସିରା ପ୍ରସ୍ତୁତ କରନ୍ତୁ। ସେଥିରେ କିଛି ଗୁଜରାତି, କେଶର ପକାଇ ଦିଅନ୍ତୁ । ଏହାପରେ ଗୋଟି ଗୋଟି ବ୍ରେଡକୁ ଚିନି ସିରାରେ ପକାନ୍ତୁ। ଉଭୟ ପାର୍ଶ୍ୱକ ଓଲଟାଇ ତାହାକୁ ବାହାର କରି ଏକ ପାତ୍ରରେ ତିନି ଥାକ କରି ରଖନ୍ତୁ। ଏହାପରେ ଏକ ପାତ୍ରରେ କ୍ଷୀର ଗରମ କରି ତାହାକୁ ଫୁଟାନ୍ତୁ। କ୍ଷୀରକୁ ପ୍ରାୟ ଅଧା କରି ଦିଅନ୍ତୁ। ସେଥିରେ ଗୁଜରାତି ଗୁଣ୍ଡ, ଚିନି, କେଶର ପକାନ୍ତୁ। ଏହାପରେ ମିଲ୍କ ପାଉଡରରେ କିଛି କ୍ଷୀର ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରି ଦିଅନ୍ତୁ। ଏହାକୁ କ୍ଷୀରରେ ପକାଇ ଘାଣ୍ଟି ଦିଅନ୍ତୁ। ଏହପରେ ଏହି କ୍ଷୀର ମିଶ୍ରଣକୁ ବ୍ରେଡ ପିସ୍ ଉପରେ ଆସ୍ତେ ଆସ୍ତେ ଢାଳନ୍ତୁ। ମଲାଇ ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା 'ସାହି ବ୍ରେଡ ଟୁକୁଡା' । ଏହାକୁ ଫ୍ରିଜରରେ ରଖି ଦିଅନ୍ତୁ । ପ୍ରାୟ ଘଣ୍ଟାଏ ପରେ ଏହାକୁ ଥଣ୍ଡା ଥଣ୍ଡା ସର୍ଭ କରନ୍ତୁ।



# ମଶାଠୁ ରକ୍ଷାକରିବ କଙ୍କି ପେଣ୍ଡାଣ୍ଟ

ଏହି କଙ୍କିକୁ ଦେଖି ଇଛା ହେଉଛି କି ପିଲାଦିନେ ଯେମିତି ଲୁଚି ଲୁଚି ଧରୁଥିଲେ ସେମିତି ଧରିବାକୁ ? ତେବେ ପ୍ରକୃତ କଥା ହେଉଛି ଏହା କଙ୍କି ନୁହେଁ। ଏହା ଏକ ପେଣ୍ଡାଣ୍ଟ। ଏହାକୁ ଏତେ ନିଖୁଣଭାବେ ତିଆରି କରାଯାଇଛି ଯେ ପେଣ୍ଡାଣ୍ଟଟି ସତସତିକା କଙ୍କି ଭଳି ଲାଗେ। ଏହାକୁ ଜାପାନର କମ୍ପାନୀ ମିକି ଲୋକୋସ୍ କର୍ପୋରେସନ ଲିମିଟେଡ୍ ତିଆରି କରିଛି। ଉକ୍ତ କମ୍ପାନୀ ଦାବି କରେ ଯେ, ଏହି ହାଇପର୍ ରିଆଲିଷ୍ଟିକ୍ ପେଣ୍ଡାଣ୍ଟକୁ ପିନ୍ଧିଲେ ମଶା, ଅନ୍ୟ କିଟପତଙ୍ଗ ଓ ପୋକ ପାଖ ମାଡିବେନି। ଦୂରେଇ ରହିବେ। କାରଣ କଙ୍କି ପ୍ରାଣୀଜଗତର ଏକ ହିଂସ୍ରକ କୀଟ, ଯାହା ନିଜ ଶିକାରକୁ ଆଦୌ ଛାଡି ନ ଥାଏ। ତେଣୁ ଅନ୍ୟ କିଟପତଙ୍ଗ କଙ୍କିଠାରୁ ଦୂରେଇ ରୁହନ୍ତି। କହିବାକୁଗଲେ ଏହା ଏକପ୍ରକାରର ମସ୍କିଟୋ ରିପେଲାଣ୍ଟ। ଏହାକୁ ବେକରେ ଅବା ବାହାରକୁ ଭଲଭାବେ ଦେଖାଯାଉଥିବା ଭଳି ପିନ୍ଧିବାକୁ ହେବ। ଫଳରେ ମଶା ଓ ଅନ୍ୟ କିଟପତଙ୍ଗ ଆକ୍ରମଣରୁ ରକ୍ଷା ପାଇପାରିବେ। ବଜାରରେ ମିଳୁଥିବା ବିଭିନ୍ନ ପ୍ରକାରର ମସ୍କିଟୋ ରିପେଲିଂ ସଲ୍ୟୁସନ୍ରେ ଅନେକ ପ୍ରକାରର ରାସାୟନିକ ପଦାର୍ଥ ମିଶିଥାଏ, ଯାହାକୁ ବ୍ୟବହାର କଲେ ପାର୍ଶ୍ୱ ପ୍ରତିକ୍ରିୟା ପଡିବାର ଆଶଙ୍କା ଥାଏ। ହେଲେ ଏହି ପେଣ୍ଡାଣ୍ଟର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ନିର୍ଭୟରେ ଏହାକୁ ବ୍ୟବହାର କରିହେବ। ଉକ୍ତ କଙ୍କି ମସ୍କିଟୋ ରିପେଲାଣ୍ଟଟି ପିଭିସିରେ ତିଆରି। ଏହାର ଲମ୍ବ ୧୦୦ ମି.ମି ଓ ଡେଣା ପ୍ରସାରିତ କଲେ ଏହା ୧୩୦ ମି.ମି. ଲମ୍ବ ହୁଏ। ଏହାକୁ କେବଳ ପେଣ୍ଡାଣ୍ଟଭାବେ ନୁହେଁ ଏଥିରେ ଥିବା କ୍ଲିପ୍କୁ ବ୍ୟବହାର କରି ଏହାକୁ ହ୍ୟାଟ୍, ପ୍ୟାଣ୍ଟ ପକେଟ, ବ୍ୟାକ୍ପ୍ୟାକ୍ ଆଦି ସ୍ଥାନରେ ବି ଲଗାଇହେବ।



# ଅଧିକ ଲେମ୍ବୁ ପାଣି ପିଉଛନ୍ତି କି ?

ଲେମ୍ବୁ ପାଣି ପିଇବା ସ୍ୱାସ୍ଥ୍ୟ ପାଇଁ ହିତକର। ଖରା ଦିନେ ତ ଏହା ଅମୃତ ସମାନ। ମାତ୍ର ଜାଣିଛନ୍ତି କି ଏହାର ଅତ୍ୟଧିକ ସେବନ ଘାତକ ସାବ୍ୟସ୍ତ ହୋଇପାରେ । ଆପଣ ବିଭିନ୍ନ ରୋଗରେ ପୀଡ଼ିତ ହୋଇ ପାରନ୍ତି। ତେଣୁ ଖରାରୁ ମୁକ୍ତି ପାଇବାକୁ ଲେମ୍ବୁ ପାଣି ପିଇବାକୁ ଚାହୁଁଥିଲେ ଜଗି ରଖି ଏହାର ସେବନ କରନ୍ତୁ, ନ ହେଲେ ଭୋଗିବେ ଯନ୍ତ୍ରଣା ।

ଅଧିକ ଲେମ୍ବୁ ପାଣି ପିଇବା ଦ୍ୱାରା ଡିହାଇଡ୍ରେସନ ସମସ୍ୟା ବଢ଼ିପାରେ। କାରଣ ଆପଣଙ୍କ ଶରୀରରେ ଥିବା ପାଣିର ଅଧିକ ମାତ୍ରା ପରିସ୍ରା ଆକାରରେ ବାହାରି ଯାଇଥାଏ। ତେଣୁ ଶରୀରରେ ପାଣିର ଅଭାବ ପରିଲକ୍ଷିତ ହୋଇଥାଏ। ଏଥିଯୋଗୁ ଆପଣ କ୍ଲାନ୍ତ ଅନୁଭବ କରି ପାରନ୍ତି। ଅତ୍ୟଧିକ ଲେମ୍ବୁ ପାଣି ପିଇଲେ ଆପଣଙ୍କ ଗଳା ଦରଜ ହୋଇପାରେ। ଟନସିଲ ବଢ଼ିପାରେ, କାଶ ଆରମ୍ଭ ହୋଇପାରେ।



ଏଥିଯୋଗୁ ଆପଣଙ୍କ ଦାନ୍ତ ସମସ୍ୟା ମଧ୍ୟ ଆରମ୍ଭ ହୋଇପାରେ। ଲେମ୍ବୁରେ ଥିବା ଏସିଡ ଯୋଗୁ ଦାନ୍ତ କ୍ଷୟ ହେବା ସହ ପ୍ରବଳ ଯନ୍ତ୍ରଣା ହୋଇପାରେ । ଏପରିକି ଥଣ୍ଡା କିମ୍ବା ଗରମ ଜିନିଷ ଖାଇଲେ ଆପରଙ୍କ ଦାନ୍ତ ଝିମଝିମ ହୋଇପାରେ।

ଲେମ୍ବୁରେ Oxalate ନାମକ ତତ୍ତ୍ୱ ଅଧିକ ପରିମାରଣ ଥିବାରୁ ଅତ୍ୟଧିକ ଲେମ୍ବୁ ପାଣି ପିଇଲେ କିଡନୀ ଷ୍ଟୋନ୍ ହେବାର ଆଶଙ୍କା ରହିଛି। କେବଳ ସେତିକି ନୁହେଁ ଏଥିଯୋଗୁ ଆପଣଙ୍କ ହାଡ଼ ଉପରେ ବି ଏହାର ନକରାତ୍ମକ ପ୍ରଭାବ ପଡ଼ିପାର। କାରଣ ଅତ୍ୟଧିକ ଲେମ୍ବୁ ପାଣି ପିଇଲେ ହାଡ଼ରେ ଥିବା କ୍ୟାଲସିୟମ ଦ୍ରୁତ ଗତିରେ କ୍ଷୟ ହୋଇଥାଏ। ଏପରିକି ଆପଣଙ୍କ ଆଣ୍ଠୁ ଗଣ୍ଠିରେ ବି ଯନ୍ତ୍ରଣା ବଢ଼ିପାରେ।

ସବୁବେଳେ କୌଣସି ଜିନିଷର ଅତ୍ୟଧିକ ବ୍ୟବହାର ଖରାପ । ତେଣୁ ଆବଶ୍ୟକ ସ୍ଥଳରେ ଜଗି ରଖି ଲେମ୍ବୁ ପାଣି ପିଅନ୍ତୁ।

# ଏସିରୁ ଗ୍ୟାସ୍ ଲିକ୍ ହେଉଛି କି ?

ଗ୍ରୀଷ୍ମ ଋତୁ ଆସିଗଲାଣି, ଏବଂ ଲୋକମାନେ ସେମାନଙ୍କର AC କଥା ମନେ ପକାଇବା ଆରମ୍ଭ କଲେଣି। ଏପ୍ରିଲରୁ ସେପଟ୍ମ୍ବେର ଏବଂ ଅକ୍ଟୋବର ପର୍ଯ୍ୟନ୍ତ ଗରମ ଏବଂ ଆର୍ଦ୍ରତାରୁ କିଛି ଆରାମ ପାଇବା ପାଇଁ ଲୋକମାନେ ଫେବୃଆରୀ ଏବଂ ମାର୍ଚ୍ଚ ମାସରେ ସେମାନଙ୍କର AC ସର୍ଭିସିଂ କରାନ୍ତି।

ଯଦି ଆପଣ ବର୍ତ୍ତମାନ ଆପଣଙ୍କର AC ସର୍ଭିସିଂ କରାଉଛନ୍ତି ଏବଂ ଟେକ୍ନିସିଆନ୍ ଆପଣଙ୍କୁ କୁହନ୍ତି ଯେ ଏହା ଲିକ୍ ହେଉଛି କିମ୍ବା ଗ୍ୟାସ୍ ସରିଯାଉଛି, ତେବେ ତାଙ୍କୁ ଅନ୍ଧ ଭାବରେ ବିଶ୍ୱାସ କରନ୍ତୁ ନାହିଁ।

ଆପଣଙ୍କ AC ରେ ଗ୍ୟାସ୍ ସରିଯାଇଛି କି ନାହିଁ କିମ୍ବା ଟେକ୍ନିସିଆନ୍ ନିଜ ପକେଟକୁ ସଜାଡ଼ିବା ପାଇଁ ଆପଣଙ୍କୁ ଠକିବାକୁ ଚେଷ୍ଟା କରୁଛନ୍ତି କି ନାହିଁ ତାହା ଜାଣିବା ପାଇଁ ଆପଣ କିଛି ସ୍ପଷ୍ଟ ସଙ୍କେତ ବ୍ୟବହାର କରିପାରିବେ।



ଥଣ୍ଡା କରିବା ଦ୍ୱାରା ଏକ ଧାରଣା ମିଳିବ: ଯଦି ଏସି କୋଠରୀକୁ ଥଣ୍ଡା କରୁଛି, ତେବେ ଏହାର ଅର୍ଥ ହେଉଛି ଗ୍ୟାସ୍ କମ୍ ନାହିଁ। ଯେତେବେଳେ ଗ୍ୟାସ୍ ସରିଯାଏ, ଏସି ଆଉ ଥଣ୍ଡା ହୋଇପାରିବ ନାହିଁ, କିନ୍ତୁ ଯଦି ଏହା ତାର କ୍ଷମତା ମଧ୍ୟରେ ଥଣ୍ଡା ହେଉଛି, ତେବେ ଏହାକୁ ପୁନଃପୂରଣ କରିବାର କୌଣସି ଆବଶ୍ୟକତା ନାହିଁ।

କଏଲ ଯାଞ୍ଚ କରନ୍ତୁ: ଆପଣଙ୍କ AC ରେ ଗ୍ୟାସ ସରିଯାଇଛି କି ନାହିଁ ତାହା ଜାଣିବା ପାଇଁ, କଏଲ ଯାଞ୍ଚ କରନ୍ତୁ। ଯଦି କଏଲ ଚାଲୁ କରିବା ପରେ ସେଥିରେ ବରଫ ଜମିଯାଏ, ତେବେ ଏହା ସୂଚାଇ ଦିଏ ଯେ ACରେ ଗ୍ୟାସ ସରିଯାଇଛି। ଯଦି ବରଫ ନ ତିଆରି ହୁଏ, ତେବେ ଆପଣଙ୍କୁ ଗ୍ୟାସ ପୁଣି ଥରେ ଭର୍ତ୍ତି କରିବାକୁ ପଡିବ ନାହିଁ।

**ପାଇପରେ ତେଲ ଜମାଟ ବାନ୍ଧିଯିବ:** ଯଦି ଟେକ୍ନିସିଆନ୍ କୁହନ୍ତି ଯେ ACରେ ଗ୍ୟାସ୍ ଲିକ୍ ହୋଇଛି, ତେବେ ବାହ୍ୟ ୟୁନିଟ୍ର ପାଇପ୍ଗୁଡ଼ିକୁ ଯାଞ୍ଚ କରନ୍ତୁ। ଗ୍ୟାସ୍ ଲିକ୍ ହେବା ଫଳରେ ପାଇପ୍ରେ ତେଲ ପରି ଏକ ଚିପିଚିପି ଜମା ହେବ। ଯଦି ପାଇପ୍ରେ ତେଲ ଜମା ହୁଏ, ତେବେ ଏହା ଗ୍ୟାସ୍ ଲିକ୍ ହେବାର ଏକ ଲକ୍ଷଣ ଏବଂ ଏହାକୁ ପୁନଃଭରଣ କରିବା ଆବଶ୍ୟକ।

**ବବଲ୍ ପରୀକ୍ଷା ମଧ୍ୟ କରିହେବ:** ଯଦି ଟେକ୍ନିସିଆନ୍ ଲଗାତାର ଗ୍ୟାସ୍ ଲିକ୍ ହେଉଛି ବୋଲି ଦାବି କରନ୍ତି, ତେବେ ଆପଣ ଏକ ବବଲ୍ ପରୀକ୍ଷା ସାହାଯ୍ୟରେ ଏହାକୁ ନିର୍ଣ୍ଣୟ କରିପାରିବେ। ଲିକ୍ ହେଉଥିବା ସ୍ଥାନରେ ଏକ ବବଲ୍ ପରୀକ୍ଷା କରିବାକୁ ଟେକ୍ନିସିଆନ୍ଙ୍କୁ କୁହନ୍ତୁ। ଆପଣ ନିଜେ ଏକ ସାବୁନ୍ କିମ୍ବା ଡିଟରଜେଣ୍ଟ ଦ୍ରବଣ ବ୍ୟବହାର କରି ମଧ୍ୟ ଏହା କରିପାରିବେ। ଯଦି ପାଇପ୍ ଲିକ୍ ହେଉଛି, ତେବେ ସେହି ସ୍ଥାନରେ ବବଲ୍ ଦେଖାଯିବ। ଯଦି କୌଣସି ବବଲ୍ ଦେଖାଯାଉ ନାହିଁ, ତେବେ ପାଇପ୍ ଲିକ୍ ହେଇନି।

# କିସମିସ୍ ପାଣିର ଉପକାରିତା

ବର୍ତ୍ତମାନ ସମୟରେ ଡ୍ରାଏ ଫ୍ରୁଟ୍ସର ଚାହିଦା ଅନେକ। ବିଭିନ୍ନ ଡ୍ରାଏ ଫ୍ରୁଟ୍ସକୁ ଭିଜାଇ ପାଣି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ ବୋଲି ବିଶ୍ୱାସ କରାଯାଏ। ଏହି ସବୁ ଡ୍ରାଏ ଫ୍ରୁଟ୍ସ ମଧ୍ୟରୁ କିସମିସ୍ ଅନ୍ୟତମ। ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଥାଏ। କିସମିସ୍ ପାଣି ପିଇବା ଦ୍ୱାରା ମଧ୍ୟ ଅନେକ ଉପକାରିତା ମିଳିଥାଏ ବୋଲି ବିଶ୍ୱାସ କରାଯାଏ।

- ଓଜନ ହ୍ରାସ କରିବାରେ ସହାୟକ ହୁଏ: କିସମିସ୍ ପାଣିରେ କମ୍ ପରିମାଣର ପ୍ରାକୃତିକ ଶର୍କରା ରହିଥାଏ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ।
- ଅନ୍ତନଳୀକୁ ସଫା ରଖେ: କିସମିସରେ ଫାଇବର ଥାଏ, ଯାହା ଅନ୍ତନଳୀକୁ ସଫା ଏବଂ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।
- ଶରୀରକୁ ଶକ୍ତି ଯୋଗାଏ: କିସମିସରେ ଥିବା ପ୍ରାକୃତିକ ଶର୍କରା ଶରୀରକୁ ଶକ୍ତି ଯୋଗାଇଥାଏ। ଏହି ଡ୍ରାଏ ଫ୍ରୁଟ୍ସ ଖାଇବା ଦ୍ୱାରା ଦୁର୍ବଳତା ଦୂର



# ଲୋକପ୍ରିୟ ଭାରତୀୟ ଅଭିନେତ୍ରୀ ତନୁଶ୍ରୀ



ତନୁଶ୍ରୀ ଦତ୍ତା ଜଣେ ଲୋକପ୍ରିୟ ଭାରତୀୟ ଅଭିନେତ୍ରୀ ତଥା ପୂର୍ବତନ ମିସ୍ ଇଣ୍ଡିଆ ୟୁନିଭର୍ସ ୨୦୦୪। ସେ ଅନେକ ବଲିଉଡ୍ ଫିଲ୍ମରେ କାମ କରିଛନ୍ତି। ଯେଉଁଥିରେ ଆଶିକ୍ ବନାୟା ଆପନେ, ଚକଲେଟ୍, ଢାଲ, ଭାଗମ ଭାଗ ଆଦି ସାମିଲ। ଅନେକ ଦିନ ହେଲା ଫିଲ୍ମ ଇଣ୍ଡଷ୍ଟ୍ରିରୁ ଦୂରରେ ଏକାକୀ ଜୀବନ ବିତାଉଛନ୍ତି ତନୁଶ୍ରୀ। ଏବେ ଆଧ୍ୟାତ୍ମିକ ପଥରେ ଅଧିକ ସକ୍ରିୟ ଅଛନ୍ତି ସେ। କିନ୍ତୁ ଏସବୁ ବ୍ୟତୀତ ଅଭିନେତ୍ରୀ ତାଙ୍କର ସ୍ପଷ୍ଟବାଦୀ ଶୈଳୀ ପାଇଁ ପ୍ରାୟତଃ ଲାଇମଲାଇଟରେ ରହିଥାନ୍ତି। ୨୦୧୮ ରେ ୯ଗରଞ୍ଜକ୍କ୍ଷ ଆନ୍ଦୋଳନ ସମୟରେ, ସେ ଇଣ୍ଡଷ୍ଟ୍ରି ବିଷୟରେ ଅନେକ କଥା ଖୋଲାଖୋଲି କହିଥିଲେ। ଏବେ ପୁଣିଥରେ, ଅଭିନେତ୍ରୀ ଇଣ୍ଡଷ୍ଟ୍ରିର କଳା ସତ୍ୟକୁ ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି। ରିପୋର୍ଟ ଅନୁଯାୟୀ, ଏକ ପଡକାଷ୍ଟରେ, ତନୁଶ୍ରୀ କହିଛନ୍ତି ଯେ କିଛି ନବାଗତଙ୍କୁ ପ୍ରଥମେ ପ୍ରଶଂସାରେ ଆକର୍ଷିତ କରାଯାଏ ଏବଂ ପରେ କଷ୍ଟକର ପରିସ୍ଥିତିର ସେମାନଙ୍କୁ ଛାଡିଦିଆଯାଏ। ସେ କହିଛନ୍ତି, 'ହ୍ୟାଣ୍ଡସମ୍, ବ୍ୟୁଟି। ସେଥିପାଇଁ କେହି ଜଣେ ତାଙ୍କୁ ପ୍ରଶଂସା କରନ୍ତି। ତାଙ୍କ ପାଖରେ ପ୍ରତିଭା ଥାଉ କି ନଥାଉ, ସେ ଏଠାରେ ଅଛନ୍ତି। ସମସ୍ତଙ୍କୁ ପ୍ରଶଂସା କରିବା ପାଇଁ କେହି ନା କେହି ମିଳିଯାଆନ୍ତି। ତୁମେ ନାୟିକା ହେବ, ତୁମେ ଏହା ହେବ। ଏହି ପ୍ରଶଂସାଗୁଡ଼ିକ କେବଳ ଆପଣଙ୍କୁ ବଡ଼ ଫାଶରେ ଫସାଇଥାଏ। ତନୁଶ୍ରୀ କହିଛନ୍ତି, "ମୋତେ ଏହି ପ୍ଲାଟଫର୍ମ ଦିଆଯାଇଛି, ଏବଂ ଯଦି ମୁଁ ଚାରୋଟି ଜୀବନ ବଞ୍ଚାଇପାରେ, ତେବେ ଏହା ମୋ ପାଇଁ ଯଥେଷ୍ଟ। ଅନେକ ପୁଅ ଏବଂ ଝିଅ ଏଠାକୁ ଆସନ୍ତି, ନିର୍ଯାତିତ ହୁଅନ୍ତି ଏବଂ ତା'ପରେ ସେମାନଙ୍କୁ ବାହାର କରାଯାଏ। କିଛି ଲୋକ ଦେହବ୍ୟବସାୟରେ ଲିପ୍ତ ହୁଅନ୍ତି କାରଣ ସେମାନଙ୍କ ଉପରେ ଏତେ ନିର୍ଯାତନା ଦିଆଯାଏ ଯେ ଲୋକମାନେ ସେମାନଙ୍କୁ ଏଥିରେ ବାଧ କରନ୍ତି। କିଛି ଲୋକ ଏତେ କ୍ଷତିଗ୍ରସ୍ତ ହୁଅନ୍ତି ଯେ ସେମାନେ ନିଜ ସହରକୁ ଫେରିଯାଆନ୍ତି। ଏହି କାହାଣୀଗୁଡ଼ିକ ବହୁତ କମ୍ ସାର୍ବଜନୀନ ହୁଏ କାରଣ ଏହି ଶିଳ୍ପ କେବଳ ସଫଳତାର କାହାଣୀଗୁଡ଼ିକୁ ଆଲୋକିତ କରାଯାଏ।'

# ଡ୍ୟାନ୍ସର ଫାଇଦା

ଆଜିକାଲି ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଭିତରେ ଶରୀରର ସଠିକ ଯତ୍ନ ନେବା କାଠିକର ପାଠ ହୋଇଯାଇଛି। ସାରା ଦିନ ବସି କାମ କରିବା ଯୋଗୁ ଅଧିକାଂଶ ଲୋକଙ୍କଠାରେ ବହୁତ କମ ବୟସରୁ ଅନେକ ରୋଗର ଲକ୍ଷଣ ଦେଖାଦେବା ଆରମ୍ଭ ହୁଏ। ଲୋକଙ୍କ ପାଖରେ ଜିମ ଯିବା କିମ୍ବା କୌଣସି ପ୍ରକାରର ବ୍ୟାୟାମ କରିବା ପାଇଁ ସମୟ ନାହିଁ। କିନ୍ତୁ ଯଦି କୁହାଯାଏ ଯେ ମାତ୍ର ୨୦ ମିନିଟ ନାଚିବା ଦ୍ୱାରା ଶରୀର ଫିଟ ହେବ ଏବଂ କ୍ୟାଲୋରୀ ମଧ୍ୟ ହ୍ରାସ ପାଇବ। ତେବେ ଅଧିକାଂଶ ଲୋକ ଏହି ପ୍ରଶ୍ନର ଉତ୍ତର ନା ଦେବେ। କିନ୍ତୁ ଏକ ଅଧ୍ୟୟନ ଅନୁଯାୟୀ, ଯଦି ଲୋକମାନେ ରୋଷେଇ ଘରେ କାମ କରିବା ସମୟରେ ମାତ୍ର ୨୦ ମିନିଟ ପାଇଁ ସେମାନଙ୍କର ପ୍ରିୟ ଗୀତରେ ନାଚିଥାନ୍ତି, ତେବେ ସେମାନଙ୍କ ସ୍ୱାସ୍ଥ୍ୟରେ ସକାରାତ୍ମକ ପରିବର୍ତ୍ତନ ଦେଖାଯାଏ। ଇଂଲଣ୍ଡର ଜନ୍ୟାଶନାଲ ହେଲ୍ଥ ସର୍ଭିସ୍ର ବର୍ତ୍ତମାନର ନିର୍ଦ୍ଦେଶାବଳୀ ଅନୁଯାୟୀ, ସପ୍ତାହକୁ ୧୫୦ ମିନିଟ ମଧ୍ୟମରୁ ଉଚ୍ଚ-ବେଗରେ ବ୍ୟାୟାମ କରିବାକୁ ପରାମର୍ଶ ଦିଆଯାଇଛି। ମାସାଚୁସେଟ୍ସର ବୋଷ୍ଟନର ନର୍ଥଇଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ଅଧ୍ୟୟନକୁ କରିବା ପାଇଁ ୧୮ ରୁ ୮୩ ବର୍ଷ ବୟସର ୪୮ ଜଣଙ୍କୁ ସାମିଲ କରିଥିଲେ। ବୈଜ୍ଞାନିକମାନେ ଏହି ଲୋକମାନଙ୍କୁ ପ୍ରତିଦିନ ୫ ମିନିଟ ନାଚିବାକୁ କହିଥିଲେ। ଏହି ସମୟ ମଧ୍ୟରେ, ବ୍ୟାୟାମର ତୀବ୍ରତା ମାପିବା ପାଇଁ ଅମ୍ଳଜାନ ଗ୍ରହଣ ଏବଂ ହୃଦସ୍ପନ୍ଦନ ମାପ କରାଯାଇଥିଲା। ଏହି ଅଧ୍ୟୟନର ନେତୃତ୍ୱ ଡକ୍ଟର ଆଷ୍ଟନ ମ୍ୟାକକୁଲୋ କରିଥିଲେ।







# ପାରାଦୀପ ଦେଶର ବୃହତ୍ ଅର୍ଥନୈତିକ ଅଞ୍ଚଳ ହେବ: ମୁଖ୍ୟମନ୍ତ୍ରୀ



ପାରାଦୀପ, (ପିପିଏସ୍) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀପାରାଦୀପରେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ବୃହତ୍ ଶିଳ୍ପ ପ୍ରତିଷ୍ଠା ସଂପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ଆଗାମୀ ଦିନରେ ପାରାଦୀପ ଭାରତର ଏକ ବଡ ଇକୋନୋମିକ ଜୋନ ହେବାକୁ ଯାଉଛି ବୋଲି ମତ ଦେଇ ଏହି ଅଞ୍ଚଳରେ ସ୍ଥାପିତ ହେବାକୁ ଥିବା ସମସ୍ତ ଭିତ୍ତିଭୂମି ଓ ଶିଳ୍ପ ପ୍ରକଳ୍ପ ଗୁଡ଼ିକ ଯେପରି ତୁରନ୍ତ ଆରମ୍ଭ ହେବ, ସେଥିପାଇଁ ପଦକ୍ଷେପ ନେବାକୁ ସେ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

ପାରାଦ୍ୱୀପ ପୋର୍ଟର ସମ୍ପ୍ରସାରଣ, ଜାହାଜ ନିର୍ମାଣ ଓ ମରାମତି କାରଖାନା,ବନ୍ଦର ବିକାଶ ପାଇଁ ଆବଶ୍ୟକ ବିଭିନ୍ନ ପ୍ରକଳ୍ପ, ଓଙଉଖ ଏବଂ ଔଝଡ ପକ୍ଷରୁ ବିକଶିତ ହେବାକୁଥିବା ଶିକ୍ଷାନୁଷ୍ଠାନ ବିଷୟରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ ରିଜନ, ଇଗଘଝ ଓଭୟସବ ପକ୍ଷରୁ ପାରାଦୀପରେ ବିକଶିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା ସହ ପାରାଦ୍ୱୀପ ପେଟ୍ରୋ କେମିକାଲ ପ୍ରକଳ୍ପ , ଇଣ୍ଟିଗ୍ରେଟେଡ ଷ୍ଟିଲ ପ୍ରୋଜେକ୍ଟ ପ୍ରତିଷ୍ଠା ସହିତ ଏସବୁ ପ୍ରକଳ୍ପ ଗୁଡିକର ଭୂମି ଅଧିଗ୍ରହଣ ଠାରୁ ଆରମ୍ଭ କରି ବିଭିନ୍ନ ଅନୁମୋଦନ ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟ ବିଷୟରେ ବୈଠକରେ ଆଲୋଚନା ହୋଇଥିଲା।

ପଡିରହିଥିବା କାର୍ଯ୍ୟକୁ ଯଥାଶିଘ୍ର ସମାଧାନ କରି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କାମକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ଯମନ୍ତ୍ରୀ ଜିଲ୍ଲା ପ୍ରଶାସନ ଓ ଶିକ୍ଷାନୁଷ୍ଠାନର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଶିକ୍ଷାନୁଷ୍ଠାନରେ ଓଡ଼ିଶା ର ଯୁବପିଢୀ ବିଶେଷ କରି ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ଦେବାପାଇଁ ମୁଖ୍ୟମନ୍ତ୍ରୀ ପ୍ରାଧାନ୍ୟ ଦେଇଥିଲେ। ଏହି ବୈଠକରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ଶିଳ୍ପ କ୍ତଶଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଜଗତସିଂପୁର ଜିଲ୍ଲାପାଳ ଜେ ସୋନାଲ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଆଇଓସିଏଲ୍, ଜେଏସ ଡବ୍ଲୁ, ଏଏମଏନ୍ ଏସ ଇଣ୍ଡିଆର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ରାସ୍ତାଘାଟରୁ ହଟିବେ ଶିଶୁ ଭିକାରୀ: ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଜାରିକଲା ନିର୍ଦ୍ଦେଶନାମା

ଭୁବନେଶ୍ୱର, (ପିପିଏସ୍): ରାଜ୍ୟର ବିଭିନ୍ନ ସହରର ଟ୍ରାଫିକ ଛକ, ବସଷ୍ଟାଣ୍ଡ ଏବଂ ସର୍ବସାଧାରଣ ସ୍ଥାନରେ ଶିଶୁ ଭିକ୍ଷାବୃତ୍ତିକୁ ରୋକିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଏନେଇ ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ସମସ୍ତ ଜିଲ୍ଲାପାଳ, ପୋଲିସ ଅଧିକ୍ଷକ ଏବଂ ପୌରପାଳିକା କମିଶନରଙ୍କୁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛନ୍ତି।

ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ

ଶିଶୁ ଭିକ୍ଷାବୃତ୍ତିର ସମ୍ପୂର୍ଣ୍ଣ ଉନ୍ମୁଳନ ପାଇଁ ପ୍ରତି ଜିଲ୍ଲାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ 'ଜିଲ୍ଲା ଟାସ୍କ ଫୋର୍ସ' ଗଠନ କରାଯିବ। ଏହି ଟିମ୍‌ରେ ପୋଲିସ ଅଧିକ୍ଷକ, ପୌର କମିଶନର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଶ୍ରମ ଅଧିକାରୀ ପ୍ରମୁଖ ସଦସ୍ୟ ରହିବେ। ଏହି ଟାସ୍କ ଫୋର୍ସ ନିୟମିତ ଭାବେ ଚଢ଼ାଉ କରି ଭିକ୍ଷାବୃତ୍ତିରେ ନିୟୋଜିତ ଶିଶୁମାନଙ୍କୁ ଉଦ୍ଧାର କରିବା ସହ ସେମାନଙ୍କର ଥଇଥାନ ପାଇଁ ବ୍ୟବସ୍ଥା କରିବେ। କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ: ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ:ଉଦ୍ଧାର ହୋଇଥିବା ଶିଶୁମାନଙ୍କୁ ତୁରନ୍ତ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରାଯାଇ ସେମାନଙ୍କୁ ଶିଶୁ ଯତ୍ନ କେନ୍ଦ୍ରରେ ରଖାଯିବ। ସେଠାରେ ସେମାନଙ୍କୁ ମାଗଣା ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ କାଉନସେଲିଂ ପ୍ରଦାନ କରାଯିବ। ଯେଉଁ ବ୍ୟକ୍ତି ବା ଗୋଷ୍ଠୀ ଶିଶୁମାନଙ୍କୁ ଜବରଦସ୍ତି ଭିକ୍ଷାବୃତ୍ତିରେ ନିୟୋଜିତ କରୁଛନ୍ତି, ସେହିଭଳି ଦଲାଲଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜନସାଧାରଣଙ୍କୁ ସଚେତନତା ପାଇଁ ନିବେଦନ: ସର୍ବସାଧାରଣଙ୍କୁ ଶିଶୁ ଭିକ୍ଷାବୃତ୍ତିକୁ ପ୍ରୋତ୍ସାହିତ ନ କରିବା ପାଇଁ ସଚେତନତା ସୃଷ୍ଟି କରାଯିବ। ଯଦି କେହି ଏପରି ଘଟଣା ଦେଖନ୍ତି, ତେବେ ତୁରନ୍ତ ଚାଇଲ୍ଡ ହେଲ୍ପଲାଇନକୁ ସୂଚନା ଦେବାକୁ କୁହାଯାଇଛି। ଏହି ଅଭିଯାନ ସମ୍ପର୍କରେ ପ୍ରତି ମାସରେ ଏକ ଅନୁପାଳନ ରିପୋର୍ଟ ଆୟୋଗଙ୍କ ନିକଟରେ ଦାଖଲ କରିବାକୁ ସମସ୍ତ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି।

## ନୂଆଦିଲ୍ଲୀଠାରେ 'ଓଡ଼ିଶା ପର୍ବ'ରେ ଯୋଗଦେଲେ ରାଜ୍ୟପାଳ

# ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସାମୂହିକ ସଂକଳ୍ପ ନେବାକୁ ଆହ୍ୱାନ

ଭୁବନେଶ୍ୱର, (ପିପିଏସ୍) : ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ରବିବାର ଦିନ ନୂଆଦିଲ୍ଲୀଠାରେ ଆୟୋଜିତ ଓଡ଼ିଶା ପର୍ବ–୨୦୨୬ରେ ଯୋଗଦେଇ ଓଡ଼ିଶା ୨୦୩୬ ମସିହାରେ ରାଜ୍ୟ ଗଠନର ଶତବାର୍ଷିକୀ ପୂର୍ତ୍ତି ଆଡ଼କୁ ଗତି କରୁଥିବା ବେଳେ ସମୃଦ୍ଧ, ସମାବେଶୀ ଓ ଅଗ୍ରଗାମୀ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସାମୁହିକ ସଂକଳ୍ପ ନେବାକୁ ଆହ୍ୱାନ ଜଣାଇଛନ୍ତି। ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ ୨୦୩୬ ବର୍ଷ କେବଳ ଓଡ଼ିଶାର ଐତିହାସିକ ଯାତ୍ରାର ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ ନୁହେଁ ବରଂ ରାଜ୍ୟର ଉପଲବ୍ଧିଗୁଡ଼ିକୁ ସ୍ମରଣ କରି ଏହାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ ରଖି ଆହୁରି ଶକ୍ତିଶାଳୀ ଓ ବିକଶିତ ଓଡ଼ିଶା ଗଢ଼ିବା ପାଇଁ ସମସ୍ତଙ୍କୁ ଏକତ୍ରିତ ହୋଇ କାମ କରିବାର ସୁଯୋଗ ମଧ୍ୟ ହେବ।



ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ନୂଆଦିଲ୍ଲୀରେ ଆୟୋଜିତ ଓଡ଼ିଶା ପର୍ବରେ ଯୋଗଦେବା ତାଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ। ଏହି ପର୍ବ ନୂଆଦିଲ୍ଲୀରେ ଓଡ଼ିଶାର ଆତ୍ମା, ଚେତନା ଓ ସାଂସ୍କୃତିକ ସମୃଦ୍ଧିକୁ ପ୍ରଦର୍ଶନ କରିବାର ଏକ ପ୍ରକୃଷ୍ଟ ମଞ୍ଚ ଭାବେ ପରିଣତ ହୋଇଛି। ବର୍ଷ ବର୍ଷ ଧରି ଏହି ଉତ୍ସବ ଏକ ଅନନ୍ୟ ଆୟୋଜନରେ ପରିଣତ ହୋଇଛି ଯେଉଁଥିରେ କଳା, ସଂସ୍କୃତି, ଐତିହ୍ୟ, ଉଦ୍ୟମିତା ଓ ବିଶ୍ୱବ୍ୟାପୀ ରହୁଥିବା ଓଡ଼ିଆମାନଙ୍କର ସାମୂହିକ ପରିଚୟ ଏକତ୍ର ହୋଇଥାଏ ବୋଲି ରାଜ୍ୟପାଳ ମତପ୍ରକାଶ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ସଂସ୍କୃତି ଓ ପ୍ରକୃତି' ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ଏହା ଓଡ଼ିଶାର ଅନନ୍ୟ ଚରିତ୍ରକୁ ସୁନ୍ଦର ଭାବେ ପ୍ରତିଫଳିତ କରିପାରିଛି ଯେଉଁଠାରେ ସଂସ୍କୃତି ଓ ପ୍ରକୃତିର ସମନ୍ୱୟ ଘଟିଛି। ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ଶାସ୍ତ୍ରୀୟ ଓ ଲୋକନୃତ୍ୟ ପ୍ରଦର୍ଶନ, ପାରମ୍ପରିକ ସଙ୍ଗୀତ, ଖାଦ୍ୟ ପରମ୍ପରା ଏବଂ ବୁଦ୍ଧିଜୀବୀ ଆଲୋଚନା ମାଧ୍ୟମରେ ଏହି ପର୍ବ ଦର୍ଶକମାନଙ୍କୁ ଓଡ଼ିଶାର ଜୀବନ୍ତ ଜୀବନଧାରା ଓ ସମୃଦ୍ଧ ଐତିହ୍ୟର ଏକ ଦୃଶ୍ୟ ପ୍ରଦାନ କରିପାରିଛି।

ନୂଆଦିଲ୍ଲୀର ଓଡ଼ିଆ ସମାଜକୁ ଏହି ଉତ୍ସବର ସଫଳ ଆୟୋଜନ ପାଇଁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହିତ ଜାତୀୟ ଓ ବିଶ୍ୱସ୍ତରରେ ଓଡ଼ିଆ ସଂସ୍କୃତି, ଐତିହ୍ୟ ଓ ପରିଚୟକୁ ପ୍ରଚାର ପ୍ରସାର କରିବାରେ ଅନୁଷ୍ଠାନର ସମର୍ପିତ ପ୍ରୟାସକୁ ପ୍ରଶଂସା କରିଥିଲେ। ଓଡ଼ିଶାର ସମୃଦ୍ଧ ସଭ୍ୟତାଗତ ଐତିହ୍ୟକୁ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ରାଜ୍ୟର ପରିଚୟ ମହାପ୍ରଭୁ ଜଗନ୍ନାଥଙ୍କଠାରେ ଗଭୀର ଭାବେ ନିହିତ ଯାହା ସମାନତା, ସମବେଶୀ ଓ ବିଶ୍ୱଭ୍ରାତୃତ୍ୱର ସନ୍ଦେଶ ଦେଇ ପିଢ଼ୀ ପରେ ପିଢ଼ୀକୁ ପ୍ରେରିତ କରିଆସିଛି। ରାଜ୍ୟର ବୌଦ୍ଧିକ ଓ ସାଂସ୍କୃତିକ ପରିସରକୁ ଗଢ଼ି ତୋଳିବାରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ଫକିର ମୋହନ ସେନାପତି ଓ ଗଙ୍ଗାଧର ମେହେରଙ୍କ ପରି ପ୍ରସିଦ୍ଧ ବ୍ୟକ୍ତିତ୍ୱମାନଙ୍କର ଅମୂଲ୍ୟ ଅବଦାନକୁ ରାଜ୍ୟପାଳ ନିଜ ଉଦବୋଧନରେ ଅବତାରଣା କରିଥିଲେ।


KISS
KALINGA INSTITUTE OF SOCIAL SCIENCES
Organisation in Special Consultative Status with the United Nations Economic & Social Council (UN-ECOSOC)

KALINGA INSTITUTE OF SOCIAL SCIENCES (KISS)
Bhubaneswar, Odisha, India
A home for 80,000 Tribal children



KISS HUMANITARIAN AWARD 2025

16th March 2026

PAST RECIPIENTS

- Mr. Bill Gates
  Co-chair of the Bill & Melinda Gates Foundation, and Co-Founder & former CEO of Microsoft (2023)
- Her Excellency Mama Rachel Ruto, EGH
  First Lady of the Republic of Kenya (2022)
- Mr. Ratan Naval Tata,
  Chairman Emeritus, Tata Sons (2021)
- Dr. Ary S Graça
  President-International Volleyball Federation (FIVB) (2020)
- Dr. Dansa KOUROUMA
  President, National Transition Council of Guinea, Guinea (2019)
- Professor Muhammad Yunus
  (Nobel Laureate)
  Founder, Grameen Bank, Bangladesh (2018)
- His Holiness
  The 14th Dalai Lama
  Nobel Laureate, 2005 and Spiritual Leader (2017)
- Ms. Ashley Judd,
  Hollywood Actor, Activist & Global Goodwill Ambassador, UNFPA (2016)



Smt. Nita M. Ambani, Founder and Chairperson, Reliance Foundation receiving the prestigious KISS Humanitarian Award 2025

AWARDEES ARE FROM
5 Continents
13 Countries
2 Nobel Laureates among the awardees

Chief Guest: Prof. Mohan Munasinghe, Nobel Laureate from Sri Lanka

- KISS Humanitarian Award
Founded by Dr. Achyuta Samanta, Founder, KIIT-KISS-KIMS
- Watch Live on Kalinga TV from 5.00 p.m. onwards

- His Excellency
  Dr Alejandro Toledo,
  Former President of Peru (2015)
- Ms. Anne F. Stenhammer
  Former Regional Programme Director, UN Women, South Asia Regional Office (2014)
- Madam Albina Du Boisrouvray
  Founder, Association François-Xavier Bagnoud (FXB International), Switzerland (2013)
- His Excellency
  Lyonchhen Jigmi Y. Thinley
  Hon'ble Prime Minister, The Royal Government of Bhutan (2012)
- Rt Hon. Lord Nicholas Addison Phillips
  President (Chief Justice) of the Supreme Court of the United Kingdom (2011)
- Rt. Hon. Sir Anerood Jugnauth
  Eminent Social Worker & His Excellency the President of Mauritius (2010)
- Dr. Ham Kee-Sun
  Eminent Educationist & Physician and Hon'ble President & Founder, Hanseo University, South Korea (2009)
- Ms. Edna Bomo Molewa
  Noted Social Worker & Hon'ble Cabinet Minister, Social Development, South Africa National Assembly, South Africa (2008)

The KISS Humanitarian Award is a prestigious annual international award conferred by the Kalinga Institute of Social Sciences (KISS) in Bhubaneswar, India, conceptualized and the brainchild of visionary humanitarian and educationist Prof. Achyuta Samanta, Founder of KIIT, KISS & KIMS. The award was initiated in 2008 to recognize and felicitate individuals for their exemplary and distinguished service to humanity across the globe.

www.kiss.ac.in | www.kiit.ac.in | www.achyutasamanta.com | facebook.com/kissfoundation | facebook.com/KIITUniversity | facebook.com/achyutasamanta

# କଳାବଜାର ଉପରେ ଜିଲ୍ଲା ପ୍ରଶାସନର କଡ଼ା ନଜର
## ଯୋଗାଣ ବିଭାଗର ଚଢ଼ଉ : ୯୮ ଗ୍ୟାସ୍ ସିଲିଣ୍ଡର ଜବତ

ଝାରସୁଗୁଡ଼ା: ଜିଲ୍ଲାରେ ରନ୍ଧନ ଗ୍ୟାସ୍, ପେଟ୍ରୋଲ ଓ ଡିଜେଲର ସ୍ଥିତି ଏବଂ ସୁଷମ ବଣ୍ଟନକୁ ନେଇ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିଛି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣର ଇନ୍ଧନ ମହଜୁଦ ଥିବା ସୂଚନା ଦିଆଯିବା ସହ କଳାବଜାରୀ ରୋକିବାକୁ କଡ଼ା ନିର୍ଦ୍ଦେଶ ଦିଆଯାଇଥିଲା । ଏହି କ୍ରମରେ ଆଜି ଯୋଗାଣ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ଉ କରାଯାଇ ବେନିୟମ ଭାବେ ଗଚ୍ଛିତ ୯୮ଟି ସିଲିଣ୍ଡର ଜବତ କରାଯାଇଛି । ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ସ୍ପଷ୍ଟ କରିଥିଲେ ଯେ, ଅନାବଶ୍ୟକ ଭାବେ ଗ୍ୟାସ୍ ସିଲିଣ୍ଡର ବା ତୈଳ ମହଜୁଦ ରଖିବା କିମ୍ବା କୃତ୍ରିମ ଅଭାବ ସୃଷ୍ଟି କରି କଳାବଜାରୀ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ସାଧାରଣ ଖାଉଟି, ଡାକ୍ତରଖାନା, ଆହାର କେନ୍ଦ୍ର, ମଧ୍ୟାହ୍ନ ଭୋଜନ ଓ ଆଶ୍ରମ ସ୍କୁଲଗୁଡ଼ିକୁ ଗ୍ୟାସ୍ ଯୋଗାଣ କ୍ଷେତ୍ରରେ ପ୍ରାଥମିକତା ଦେବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ଆଜି ଯୋଗାଣ ବିଭାଗ ପକ୍ଷରୁ ବେହେରାମାଲ ଛକ ନିକଟରେ ବେନିୟମ ଗ୍ୟାସ ଭର୍ତ୍ତି କରାଯାଉଥିବା ଅଭିଯୋଗରେ ଚଢ଼ଉ କରାଯାଇଥିଲା । ଏହି କାର୍ଯ୍ୟାନୁଷ୍ଠାନରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପୀତାମ୍ବର ସେଠୀ, ଏସିଏସଓ ସୂର୍ଯ୍ୟ କୁମାର ପାଣିଗ୍ରାହୀଙ୍କ ସମେତ ଜିଲ୍ଲାର ୬ ଜଣ ଯୋଗାଣ ନିରୀକ୍ଷକ ଉପସ୍ଥିତ ଥିଲେ । ଯୋଗାଣ ବିଭାଗର ୨ଟି ସ୍ଥାନରେ ଅତର୍କିତ ଚଢ଼ଉ ସମୟରେ ଘଟଣାସ୍ଥଳରୁ ୯୮ଟି ଗ୍ୟାସ ସିଲିଣ୍ଡର ଜବତ କରାଯାଇଛି । ଆଗାମୀ ଦିନରେ ଏଭଳି ଚଢ଼ଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି ।

# ସୋନପୁର ମହାବିଦ୍ୟାଳୟରେ ପିଜି ପାଠ୍ୟକ୍ରମ ଖୋଲିବା ନେଇ ଆଶା ଉଜ୍ଜୀବିତ

ସୁବର୍ଣ୍ଣପୁର: ସୋନପୁରର ସର୍ବ ପୁରାତନ କଲେଜରେ ପିଜି ପାଠ୍ୟକ୍ରମ ଖୋଲିବା ନେଇ ଆଶା ଉଜ୍ଜୀବିତ ହୋଇଛି । ସୋନପୁର କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୮ ଗୋଟି ବିଭାଗରେ ପିଜି ପାଠ୍ୟକ୍ରମ ଖୋଲିବା ପାଇଁ ଆଂଚଳିକ ଶିକ୍ଷା ନିର୍ଦ୍ଦେଶାଳୟ, ସମ୍ବଲପୁର ଠାରେ ଆବେଦନ କରାଯାଇଥିବା ବେଳେ ସମ୍ବଲପୁର ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ମୁରଲୀଧର ମାଝୀ ଏବଂ ସୋନପୁର ଏଡିଏମ୍ ରାଜେନ୍ଦ୍ର ମାଝୀ ଗତକାଲି ସୋନପୁର ମହାବିଦ୍ୟାଳୟର କ୍ଷେତ୍ର ପରିଦର୍ଶନ କରିଥିବା ଜଣାପଡିଛି । ସୋନପୁର ମହାବିଦ୍ୟାଳୟ ପକ୍ଷରୁ ନୂତନ ଭାବରେ ଇଂରାଜୀ, ଓଡ଼ିଆ, ସଂସ୍କୃତ, ଇତିହାସ, ଉଦ୍ଭିଦ ବିଜ୍ଞାନ, ରସାୟନ ବିଜ୍ଞାନ, ଗଣିତ ଏବଂ ପ୍ରାଣୀ ବିଜ୍ଞାନ ବିଭାଗ ବିଷୟରେ ସ୍ନାତକୋତର ପାଠ୍ୟକ୍ରମ ଖୋଲିବା ପାଇଁ ଆଂଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ସମ୍ବଲପୁର ଠାରେ କଲେଜ ପକ୍ଷରୁ ଆବେଦନ କରାଯାଇଥିବା ଜଣାପଡିଛି । ଏହି ଗସ୍ତ ସମୟରେ କଲେଜ ଅଧ୍ୟକ୍ଷ ରାଧାକାନ୍ତ ନାଏକଙ୍କ ସମେତ ସମସ୍ତ ଅଧ୍ୟାପକ, ଆଲୁମିନୀ ସଂଘର ଉପ ସଭାପତି ଗତିକୃଷ୍ଣ ମିଶ୍ର, ସମ୍ପାଦକ ଭାରତ ଭୂଷଣ ଦାଶଙ୍କ ସହିତ କଲେଜ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଖବର ଜଣାପଡିବା ପରେ ଛାତ୍ରଛାତ୍ରୀ ମହଲରେ ଖୁସିର ଲହରୀ ଖେଳିଯାଇଛି ।

# ରନ୍ଧନ ଗ୍ୟାସ୍,ପେଟ୍ରୋଲ୍ ଓ ଡିଜେଲ ଚିନ୍ତା
## ମୁଖ୍ୟ ସଚିବଙ୍କ ସହ ଜିଲ୍ଲାପାଳଙ୍କ ଆଭାସୀ ବୈଠକ



### କଳାବଜାର ଉପରେ କଡ଼ା ନଜର ପାଇଁ ନିର୍ଦ୍ଦେଶ

ବଲାଙ୍ଗିର (ପିପିଏସ ): ମୁଖ୍ୟଶାସନସଚିବ ଅନୁ ଗର୍ଗ ଲୋକସେବା ଭବନରେ ବିଭିନ୍ନ ବିଭାଗର ସଚିବ ଓ ଜିଲ୍ଲାପାଳମାନଙ୍କ ସହିତ ଆଭାସୀ ବୈଠକ କରି ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲର ନିରବିଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ବିଷୟରେ ଆଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ଖାଉଟିମାନଙ୍କୁ ରନ୍ଧନ ଗ୍ୟାସ୍ ଯୋଗାଣରେ ଅଗ୍ରାଧିକାର ଦିଆଯିବ । ବିଶେଷତଃ ହସ୍ପିଟାଲ, ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ, ଛାତ୍ରାବାସ, ଅଙ୍ଗନୱାଡ଼ି, ଅନାଥାଶ୍ରମ, ଆହାର କେନ୍ଦ୍ର ଓ ସରକାରୀ ପରିଚାଳିତ ଅନୁଷ୍ଠାନରେ ଯୋଗାଣକୁ ପ୍ରାଥମିକତା ଦିଆଯିବ । ଟ୍ୟାଙ୍କର ଚଳାଚଳ ଓ ଖୁଚୁରା ବିକ୍ରୟକେନ୍ଦ୍ର ସୂଚାରୁଭାବେ ଚାଲିବା ପାଇଁ ପୁଲିସ୍ ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟସ୍ତରରେ ସଚିବମାନଙ୍କୁ ନେଇ କମିଟି ଓ ଜିଲ୍ଲାସ୍ତରରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ଯୋଗାଣ ଅଧିକାରୀଙ୍କୁ ନେଇ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାସ୍ତରରେ ଏକ କଣ୍ଟ୍ରୋଲରୁମ୍ କାର୍ଯ୍ୟ କରିବାକୁ ମୁଖ୍ୟଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ଯାହା ଯୋଗାଣର ସଠିକ୍ ପରିଚାଳନା ଓ ତଦାରଖ କରିବ । ମୁଖ୍ୟଶାସନସଚିବ ରନ୍ଧନ ଗ୍ୟାସର କଳାବଜାର କିମ୍ବା ଅତିରିକ୍ତ କ୍ରୟ ଭଳି କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଲପିଜି ବୋଟଲିଂ ପ୍ଲାଣ୍ଟ, ଖୁଚୁରା ବିକ୍ରୟକେନ୍ଦ୍ର ଓ ବଣ୍ଟନ ବ୍ୟବସ୍ଥା ସୁଚାରୁ ଭାବେ ଚାଲୁରଖିବାକୁ ତୈଳ ବିପଣନ କମ୍ପାନୀଙ୍କୁ ପରାମର୍ଶ ଦିଆଯାଇଛି । ଏହି ବୈଠକରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ପୁଷ୍ପାଞ୍ଜଳି ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରତାପ ମହାନ୍ତି, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି ଓ ଭାରତ ତୈଳ ବିପଣନ କମ୍ପାନୀର ବ୍ରିଜେଶ ସିଂ ଉପସ୍ଥିତ ଥିଲେ ।

# ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ କାଳବୈଶାଖୀ
## କ୍ଷୟକ୍ଷତିର ଆକଳନ କଲେ ଆର୍ଆଇ



କନ୍ଧମାଳ : କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ବାଡାବାଙ୍ଗା ପଞ୍ଚାୟତର ଦୁର୍ଗମ ଗୁଟୁବାଡି ଗ୍ରାମରେ ଶନିବାର ଅପରାହ୍ନରେ କାଳ ବୈଶାଖୀର ପ୍ରଭାବରେ ଗୋଷ୍ଠୀଗୃହ ସମେତ ଏକାଧିକ ଲୋକଙ୍କ ଘରର ଆଜବେଷ୍ଟସ ପବନରେ ଉଡି ଯାଇ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା ।ଖବରପାଇ ଦାରିଙ୍ଗବାଡି ତହସିଲଦାର ଧୀରଜ ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ସିମନବାଡିର ରାଜସ୍ୱ ନିରୀକ୍ଷକ ଚାନ୍ଦିନୀ ଦିଗାଲ ଦୁର୍ଗମ ଗୃଟୁବାଡ଼ି ଗ୍ରାମରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଛନ୍ତି । ତେବେ ଏହି କ୍ଷୟକ୍ଷତିର ରିପୋର୍ଟ ସେ ତହସିଲଦାରଙ୍କୁ ଦେବେ ବୋଲି ସୂଚନା ଦେଇଛନ୍ତି । କାଳବୈଶାଖୀ କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ପଲିଥିନ ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି । ଏହି ଗସ୍ତବେଳେ ରାଜସ୍ୱ ନିରୀକ୍ଷକଙ୍କ ସହ ବାଡାବାଙ୍ଗା ସରପଞ୍ଚ ପ୍ରସନ୍ନ କୁମାର ପ୍ରଧାନ, ପଙ୍କଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ, ଶନିବାର ଅପରାହ୍ନରେ ଉକ୍ତ ଗ୍ରାମରେ ହଠାତ କାଳବୈଶାଖୀର ପ୍ରଭାବରେ ପ୍ରଚଣ୍ଡ ପବନ ବହିଥିଲା । ଏହି ପବନରେ ଘରର ଛପର ଉଡାଇ ଦେଇଥିଲା । ମାତ୍ର ଏହାର ପ୍ରଭାବରେ ବର୍ଷା ହୋଇନଥିବା ଜଣାପଡିଛି ।

# ଏଲପିଜି ଗ୍ୟାସ୍ ଦର ବୃଦ୍ଧି ଓ କଳାବଜାର ବିରୋଧରେ ଜିଲ୍ଲା କଂଗ୍ରେସର ଅଭିନବ ପ୍ରତିବାଦ

ଝାରସୁଗୁଡା: ଦିନକୁ ଦିନ ବଢୁଥିବା ଏଲପିଜି ରନ୍ଧନ ଗ୍ୟାସ ଦର, ସିଲିଣ୍ଡର ଅଭାବ ଓ କଳାବଜାରୀକୁ ନେଇ ସାଧାରଣ ଲୋକମାନେ ଭାରୀ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ, ଏହାର ପ୍ରତିବାଦରେ ଶନିବାର ଝାରସୁଗୁଡା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ଅଭିନବ ପ୍ରତିବାଦ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।ଜିଲ୍ଲା କଂଗ୍ରେସର ନେତୃତ୍ୱରେ ଦଳୀୟ କର୍ମୀମାନେ ଖାଲି ଗ୍ୟାସ ସିଲିଣ୍ଡର ଓ ରନ୍ଧନ ଭାଣ୍ଡା ନେଇ ପ୍ରତୀକାତ୍ମକ ଭାବେ ନାଳୀ ଗ୍ୟାସରେ ରନ୍ଧନ କରି ସରକାରଙ୍କ ନୀତି ବିରୋଧରେ ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରତିବାଦକାରୀମାନେ କହିଥିଲେ ଯେ, ରନ୍ଧନ ଗ୍ୟାସ ଦର ଲଗାତାର ବୃଦ୍ଧି ପାଇଁ ସାଧାରଣ ଓ ଗରିବ ପରିବାରମାନଙ୍କ ପାଇଁ ରନ୍ଧନ କରିବା ଦୁର୍ଲଭ ହୋଇପଡ଼ିଛି ।ସେମାନେ ଅଭିଯୋଗ କରିଥିଲେ ଯେ, ଝାରସୁଗୁଡା ଜିଲ୍ଲାର ବିଭିନ୍ନ ସ୍ଥାନରେ ଏଲପିଜି ସିଲିଣ୍ଡର ଅଭାବ ସହ କଳାବଜାରୀ ଚାଲିଥିବାରୁ ଲୋକମାନେ ଅଧିକ ଦରରେ ଗ୍ୟାସ କିଣିବାକୁ ବାଧ୍ୟ ହେଉଛନ୍ତି । ଏହାକୁ ତୁରନ୍ତ ବନ୍ଦ କରିବା ସହ ଗ୍ୟାସ ଦର କମେଇବା ପାଇଁ ସେମାନେ ସରକାରଙ୍କୁ ଦାବି ଜଣାଇଥିଲେ ।ଏହାସହ ଝାରସୁଗୁଡା ସହରରେ ପାଇପ ଲାଇନ୍ ମାଧ୍ୟମରେ ଘରୋଇ ଗ୍ୟାସ ଯୋଗାଣ ବ୍ୟବସ୍ଥା ଶୀଘ୍ର କାର୍ଯ୍ୟକାରୀ କରିବାକୁ ମଧ୍ୟ ଦାବି କରାଯାଇଥିଲା । ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ ନ କରାଯାଏ, ତେବେ ଆଗାମୀ ଦିନରେ ଆହୁରି ବଡ଼ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ କର୍ମୀମାନେ ସତର୍କ କରିଥିଲେ ।ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଝାରସୁଗୁଡା ଜିଲ୍ଲା କଂଗ୍ରେସର ବହୁ ସଂଖ୍ୟକ ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ ।

# ପ୍ରଶାସନିକ ସମୀକ୍ଷା ବୈଠକରେ ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ

### ଆକ୍ସନ ମୋଡ୍‌ରେ ନୂଆ ଜିଲ୍ଲାପାଳ

ମାଲକାନଗିରି: ମାଲକାନଗିରିର ନୂତନ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ କରିଛନ୍ତି । ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ସରକାରୀ ସମୀକ୍ଷା ବୈଠକ ଥିଲା, ଯେଉଁଥିରେ ସେ ଜିଲ୍ଲାର ପ୍ରଗତି ଏବଂ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଜିଲ୍ଲାପାଳ କହିଛନ୍ତି ଯେ, ସରକାରଙ୍କ ପ୍ରତ୍ୟେକ ଯୋଜନା ଯେପରି ଜିଲ୍ଲାର ଶେଷ ହିତାଧିକାରୀଙ୍କ ପାଖରେ ପହଂଚିପାରିବ, ତାହା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ । ବୈଠକରେ ବର୍ଷା ଋତୁ ପୂର୍ବରୁ ସମସ୍ତ ନିର୍ମାଣାଧୀନ ସେତୁ ଓ ରାସ୍ତା କାର୍ଯ୍ୟ ଶେଷ କରିବାକୁ ରାସ୍ତା ଓ କୋଠାବାଡ଼ି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ସମସ୍ତ ସିଏଚ୍‌ସି ପିଏଚ୍‌ସି, କଲ୍ୟାଣମଣ୍ଡପ ଏବଂ ବ୍ଲକ କାର୍ଯ୍ୟାଳୟରେ ପ୍ରଚାର ପତ୍ର ଲଗାଇବାକୁ ଶ୍ରମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପ୍ରାଣୀ ସମ୍ପଦ, ଉଦ୍ୟାନ କୃଷି, ପାନୀୟ ଜଳ, ବିଦ୍ୟୁତ୍ ଏବଂ ଜଳସେଚନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ସ୍ଥିତି ପରଖିଥିଲେ ଜିଲ୍ଲାପାଳ । ଆସନ୍ତା ଏପ୍ରିଲରୁ ଆରମ୍ଭ ହେବାକୁ ଥିବା ଜନଗଣନା କାର୍ଯ୍ୟ ପାଇଁ ପ୍ରଶିକ୍ଷଣ ଶିବିର ଓ ପ୍ରସ୍ତୁତିର ସମୀକ୍ଷା କରାଯାଇଥିଲା । ଜନଜାତି ଉନ୍ନୟନ ବିଭାଗ ସହ ଜିଲ୍ଲାର ଜନଜାତିଙ୍କ ଉନ୍ନୟନ ନିମନ୍ତେ କ'ଣ ସବୁ ପଦକ୍ଷେପ ନିଆଯାଇଛି ପଚାରି ବୁଝିଥିଲେ ଜିଲ୍ଲାପାଳ । ଜିଲ୍ଲାରେ ଆଦର୍ଶ ଗ୍ରାମ ଗଢିବା ପାଇଁ ଜନଜାତି ଉନ୍ନୟନ ବିଭାଗକୁ ଦିଗଦର୍ଶନ ପ୍ରଦାନ କରିଥିଲେ ଜିଲ୍ଲାପାଳ । ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବେଦବର ପ୍ରଧାନ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଡୋଳାମଣି ପ୍ରଧାନ ଉପସ୍ଥିତ ଥିଲେ ।

# ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ପ୍ରବନ୍ଧ ସମିତି ବୈଠକ

ଜୟପୁର: ବିଶ୍ୱ ହିନ୍ଦୁ ପରିଷଦର ପ୍ରାନ୍ତ ପ୍ରବନ୍ଧ ସମିତି ବୈଠକ ଆରମ୍ଭ ହୋଇଯାଇଛି । ଜୟପୁର ଗେଟ୍ଟୁଡ଼ାଠାରେ ରହିଥିବା ଶିକ୍ଷା ବିକାଶ ସମିତିର ଦକ୍ଷିଣ ସମ୍ଭାଗ ସରସ୍ୱତୀ ପ୍ରଶିକ୍ଷଣ ମନ୍ଦିର ଠାରେ ଆୟୋଜିତ ଏହି ବୈଠକ ଆସନ୍ତାକାଲି ଯାଏଁ ଚାଲିବ । ଏଥିରେ ପରିଷଦର ଓଡ଼ିଶା ପଶ୍ଚିମ ପ୍ରାନ୍ତ ଅନ୍ତର୍ଗତ ୭ ବିଭାଗସ୍ଥ ୨୨ ଜିଲ୍ଲାର କର୍ମକର୍ତ୍ତା ଯୋଗଦେଇଛନ୍ତି । ଜୟପୁର ଜିଲ୍ଲା କାର୍ଯ୍ୟକାରୀ ସଭାପତି ତେଜେଶ୍ୱର ପଣ୍ଡା ଏବଂ ବିଭାଗ ସଂପାଦକ ନବକୃଷ୍ଣ ରଥଙ୍କ ଉଦ୍ୟମକ୍ରମେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଭାବେ ପରିଷଦର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ସୋହନ୍ ସିଂ ସୋଲାଙ୍କି ଯୋଗ ଦେଇଥିବା ବେଳେ ପ୍ରାନ୍ତ ସଂଗଠନ ମନ୍ତ୍ରୀ ସତ୍ୟ ନାରାୟଣ ଥାନାପତି, ପ୍ରାନ୍ତ ସଂପାଦକ ଯୋଗେନ୍ଦ୍ର ଦାସ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୈଠକରେ ଆଗାମୀ ଦିନରେ ଭବାନୀପାଟଣାରେ ହେବାକୁ ଥିବା ଦୁର୍ଗା ବାହିନୀର ପ୍ରଶିକ୍ଷଣ ବର୍ଗ, ସୋନପୁରରେ ହେବାକୁ ଥିବା ମାତୃଶକ୍ତି ପ୍ରାନ୍ତ ପ୍ରଶିକ୍ଷଣ ବର୍ଗ ଏବଂ ଝାରସୁଗୁଡ଼ାରେ ପ୍ରସ୍ତାବିତ ବଜରଙ୍ଗ ଦଳ ପ୍ରାନ୍ତ ପ୍ରଶିକ୍ଷଣ ବର୍ଗ ଉପରେ ଆଲୋଚନା ହୋଇଥିଲା । ତତ୍‌ସହ ଧର୍ମରକ୍ଷା ନିଧି ସହ ଧର୍ମାନ୍ତୀକରଣ କିଭଳି ରୋକାଯାଇ ସ୍ୱଧର୍ମ ପ୍ରତ୍ୟାବର୍ତନ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବ ତାହା ଉପରେ ନିଷ୍ପତି ହୋଇଥିଲା । କାର୍ଯ୍ୟକ୍ରମରେ ବିଭାଗ ସଂଗଠନ ମନ୍ତ୍ରୀ ରାମଚନ୍ଦ୍ର ନାୟକ, ଜୟପୁର ଜିଲ୍ଲା ସଭାପତି ଅଜିତ ନାୟକ, ସଂପାଦକ କମଳାକାନ୍ତ ବିଶ୍ୱାଳ, ପୂର୍ବତନ ପ୍ରାନ୍ତ ଉପସଭାପତି ବାବୁ ଭାଇ ବଜରଙ୍ଗୀ, କୋଷାଧ୍ୟକ୍ଷ ଗଙ୍ଗାଧର ନାୟକ, ମଠ ମନ୍ଦିର ସୁରକ୍ଷା ପ୍ରମୁଖ ଲକ୍ଷ୍ମୀ ନାରାୟଣ ପାଢ଼ୀ, ଜିଲ୍ଲା ସେବା ବିଭାଗ ପ୍ରମୁଖ ଅକ୍ଷୟ କୁମାର ସାହୁ, ଜିଲ୍ଲା କୋଷାଧ୍ୟକ୍ଷ ନିବେଦିତା ରଥ, ରଜତ ବାଘ, ପ୍ରାନ୍ତ ଧର୍ମ ପ୍ରଚାର ସହ ସଂଯୋଜକ ଦୁର୍ଯ୍ୟୋଧନ ମାଳି, ଜିଲ୍ଲା ବିଧି ପ୍ରକୋଷ୍ଠ ପକ୍ଷରୁ ଆଇନଜୀବୀ ରାଜେନ୍ଦ୍ର କୁମାର ଗୌଡ଼, ଜ୍ୟୋତି ରଂଜନ ପୂଜାରୀ, ଲଛମନ ମହାପାତ୍ର, ଶଶି ଭୂଷଣ ଦାସ ଯୋଗଦେଇ ସହଯୋଗ କରିଥିଲେ । ଆଗାମୀ ଦିନରେ ଜିଲ୍ଲାରେ କିଭଳି ଶ୍ରୀରାମ ନବମୀ ପାଳନ, ହିନ୍ଦୁ ନବବର୍ଷ, ମାତୃଶକ୍ତି ବର୍ଗ, ହନୁମାନ ଜୟନ୍ତୀ ସହ ପରିଷଦର ବର୍ଗ ଆୟୋଜନ ହେବ ସେନେଇ ବିଷଦ ଆଲୋଚନା ହୋଇଥିଲା ।

# କଣ୍ଟେନର ସହ ୮୧ ଗାଈ ଉଦ୍ଧାର

ମାଲକାନଗିରି: ମାଲକାନଗିରି ଜିଲ୍ଲା ସଦର ପୋଲିସକୁ ଆଜି ଏକ ବଡ଼ ସଫଳତା ମିଳିଛି । ଏକ କଂଟେନର ଭିତରେ ଅତି ଅମାନୁଷିକ ଭାବେ ଚାଲାଣ କରାଯାଉଥିବା ୮୧ଟି ଗାଈଙ୍କୁ ପୋଲିସ ଉଦ୍ଧାର କରିଛି । ଏହି ଘଟଣାରେ ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ଗାଡ଼ିର ଚାଳକକୁ ଅଟକ ରଖାଯାଇଛି । ସୂଚନା ଅନୁଯାୟୀ, ଆଜି ଭୋର ସମୟରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏକ କଣ୍ଟେନରରେ ବେଆଇନ ଭାବେ ଗୋରୁ ଚାଲାଣ ହେଉଥିବା ନେଇ ଗୁପ୍ତ ସୂଚନା ମିଳିଥିଲା । ଏହି ଖବର ପାଇ ମାଲକାନଗିରି ମଡେଲ ଥାନା ପୋଲିସ ତୁରନ୍ତ ତତ୍ପରତା ପ୍ରକାଶ କରିଥିଲା । ଚମ୍ପାଖାରୀ ଚେକ୍-ପୋଷ୍ଟ ନିକଟରେ ପୋଲିସ ଟିମ୍ ସନ୍ଦେହଜନକ କଣ୍ଟେନରଟିକୁ ଅଟକାଇ ଯାଂଚ୍ କରିଥିଲେ । କଂଟେନର ପଛ ଗେଟ୍ ଖୋଲିବା ପରେ ପୋଲିସ ସେଥିରେ ୮୧ଟି ଗାଈ ବେଆଇନ ଭାବେ ଲଦା ହୋଇଥିବା ଦେଖିବାକୁ ପାଇଥିଲା । ପୋଲିସ ସମସ୍ତ ଗାଈଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ସହ କଣ୍ଟେନର ଚାଳକକୁ ଅଟକ ରଖିଛି । ଗାଡ଼ିଟିକୁ ଜବତ କରିଛି । ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି । ଏହି ରାକେଟ୍ ପଛରେ ଆଉ କାହାର ହାତ ରହିଛି ଏବଂ ଏହି ଗୋରୁଗୁଡ଼ିକୁ କେଉଁଠାକୁ ଚାଲାଣ କରାଯାଉଥିଲା, ସେ ନେଇ ଅଧିକ ପଚରାଉଚରା କରାଯାଉଛି । ଆଗାମୀ ଦିନରେ ଏଥିରେ ସଂପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ରିଗାନ କିଣ୍ଡୋ ପ୍ରକାଶ କରିଛନ୍ତି ।

# ‘ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଅଭିଯାନ’ ପାଇଁ ସଫେଇ କାର୍ଯ୍ୟକ୍ରମ

### ‘ଗାଁ ପରିମଳ ଗାଁ ମୁଣ୍ଡରୁ’ ଅଭିଯାନ ଆରମ୍ଭ

ନୂଆପଡା: “ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ନୂଆପଡା ଅଭିଯାନ” ଲକ୍ଷ୍ୟରେ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ “ଗାଁ ପରିମଳ ଗାଁ ମୁଣ୍ଡରୁ” ଥିମ୍‌ରେ ସମଗ୍ର ଜିଲ୍ଲା ଯୋଡ଼ିହୋଇ ଏକ ବ୍ୟାପକ ମେଗା ସଫେଇ ଅଭିଯାନ ଆୟୋଜିତ ହୋଇଥିଲା । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନେତୃତ୍ୱରେ ଗ୍ରାମ ପଂଚାୟତ, ବ୍ଲକ ପ୍ରଶାସନ, ଏନ୍ ଏ ସି, ସ୍ୱଚ୍ଛତା ଦଳ, ପରିମଳ କର୍ମୀ, ଯୁବ କ୍ଲବ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିଲା । ଜିଲ୍ଲା ପ୍ରଶାସନର ପ୍ରଚେଷ୍ଟାରେ ଆୟୋଜିତ ଏହି ଅଭିଯାନରେ ସରକାରୀ ଅଧିକାରୀ, ଜନ ପ୍ରତିନିଧି, ପଂଚାୟତ ପ୍ରତିନିଧି, ସ୍କୁଲ ଛାତ୍ରଛାତ୍ରୀ, ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଓ ସାଧାରଣ ନାଗରିକମାନଙ୍କର ବ୍ୟାପକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଜିଲ୍ଲାର ସମସ୍ତ ପଂଚାୟତ ସହିତ ତିନି ବିଜ୍ଞାପିତ ଅଂଚଳ ପରିଷଦ ରେ ମଧ୍ୟ ଏହି ସଫେଇ ଅଭିଯାନ ଚାଲିଥିଲା କ୍ଷ ଏଠାରେ ଥିମ୍ ଥିଲା ‘ୱାର୍ଡ଼ ପରିମଳ ୱାର୍ଡ ମୁଣ୍ଡରୁ’ ଅଭିଯାନ ସମୟରେ ଜିଲ୍ଲାର ପ୍ରାୟ ୨୦୦୦ ଆବର୍ଜନା ପ୍ରବଣ ସ୍ଥାନ ସଫା କରାଯାଇଥିବାବେଳେ ୨୫ ଟନ୍ରୁ ଅଧିକ ପ୍ଲାଷ୍ଟିକ ଅଳିଆ ସଂଗ୍ରହ କରାଯାଇ ପୁନଃଚକ୍ରୀକରଣ ପାଇଁ ପଠାଯାଇଥିଲା । ଏହାସହ ୧୦୦୦ ରୁ ଅଧିକ ସ୍କୁଲ ଓ ୧୪୦୦ରୁ ଅଧିକ ଅଙ୍ଗନୱାଡ଼ି କେନ୍ଦ୍ରରେ ସଫାସୁତୁରା ଓ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା ।ସେହିପରି ୩୦୦ ରୁ ଅଧିକ ସରକାରୀ କାର୍ଯ୍ୟାଳୟ ଓ ୩୦ ରୁ ଅଧିକ ପର୍ଯ୍ୟଟନ ସ୍ଥଳୀରେ ମଧ୍ୟ ସଫାସୁତୁରା ଅଭିଯାନ ଚାଲିଥିଲା । ଏହି ଅବସରରେ ଜିଲ୍ଲାପାଳ କହିଛନ୍ତି ଯେ, ଏହି ପଦକ୍ଷେପ ମାଧ୍ୟମରେ ସ୍ୱଚ୍ଛତା ପ୍ରତି ସମାଜର ଦାୟିତ୍ୱବୋଧ ବୃଦ୍ଧି ପାଇବା ସହିତ ନୂଆପଡାକୁ ଏକ ‘ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା‘ ଭାବେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ପ୍ରଶାସନ ପ୍ରତିବଦ୍ଧ ରହିଛି । ଆଜିର ଏହି ସଫଳ ବିଶାଳ ସଫେଇ ଅଭିଯାନ ପାଇଁ ସେ ସମସ୍ତ ଜିଲ୍ଲାବାସୀ ଓ ଅଧିକାରୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

# ଭଣ୍ଡା ପଞ୍ଚାୟତକୁ କେନ୍ଦ୍ରୀୟ ଦଳର ପରିଦର୍ଶନ

ଚମ୍ପୁଆ: ଏକ କେନ୍ଦ୍ରୀୟ ଦଳ ଭଣ୍ଡା ପଂଚାୟତକୁ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିବା ଜଣା ପଡିଛି । ଖବର ଅନୁସାରେ, ଚଳିତ ବର୍ଷ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକ ଭଣ୍ଡା ପଂଚାୟତକୁ ଆଇ.ଏସ.ଓ ଘୋଷଣା କରିବା ନିମନ୍ତେ ପ୍ରସ୍ତାବିତ ହୋଇ ଥିବାରୁ ପଂଚାୟତର କାର୍ଯ୍ୟକ୍ରମ ତଥା ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ପାନୀୟ ଜଳ ଆଦି ବ୍ୟବସ୍ଥା ସହିତ ପଂଚାୟତର ବିଭିନ୍ନ ଉର୍ନ୍ନୟନ ମୂଳକ କାର୍ଯ୍ୟ ଉପରେ ପରିଦର୍ଶନରେ ଆସିଥିବା କେନ୍ଦ୍ରୀୟ ସମୀକ୍ଷକ ଅଧିକାରୀ ପ୍ରିୟାଂଶୁ ରାଉତରାୟ ତନ ତନ କରି ଅନୁଧାନ କରି ସମୀକ୍ଷା କରିଥିଲେ । ଯାହାର ରିପୋର୍ଟ ସରକାରଙ୍କୁ ପ୍ରଦାନ କରିବାପରେ ଭଣ୍ଡା ପଂଚାୟତକୁ ଆଇ.ଏସ.ଓ ଭାବେ ଘୋଷଣା କରାଯିବା ନେଇ ବିଚାର କରାଯିବ । ଏହି ଅବସରରେ ଚମ୍ପୁଆ ବ୍ଲକ ଜି.ପି.ଡି.ଓ ମୋନାଲିସା ନାୟକ, ଚମ୍ପୁଆ ବ୍ଲକ ସି.ପି ରାମଚନ୍ଦ୍ର ମାରାଣ୍ଡି, ଚମ୍ପୁଆ ବି.ଆର.ସି ସୁଷମା ମହାନ୍ତ, ଭଣ୍ଡା ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁଲି ସର୍ଦ୍ଦାର, ଭଣ୍ଡା ଏ.ଡି.ଓ ଭକ୍ତବନ୍ଧୁ ବାରିକ, ଭଣ୍ଡା ସରପଂଚ ନୟନ ନାଏକ, ସମିତି ସଭ୍ୟା ସାଇବାଣୀ ନାଏକ ପ୍ରମୁଖଙ୍କ ସହିତ ପଂଚାୟତର ବୁଦ୍ଧିଜୀବୀ ଏବଂ ବହୁ ସ୍ୱୟଂସହାୟିକା ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ ।

# ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ
## ୪୧୮୩ ମାମଲାର ସମାଧାନ

ନୂଆପଡା (ହି.ସ.)- ନୂଆପଡ଼ା ଜିଲ୍ଲା ଆଇନ ସେବା ପ୍ରାଧିକରଣ ନୂଆପଡା ଆନୁକୂଲ୍ୟରେ ଏବଂ ଜିଲ୍ଲା ଓ ଦୌରାଜଜ୍ ତଥା ପ୍ରାଧିକରଣର ଅଧ୍ୟକ୍ଷ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ସୁନୀଲ କୁମାର ଦାସ, ଖଡ଼ିଆଳ ସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ପ୍ରଣମ କୁମାର ରାଉତ, ବରିଷ୍ଠ ଦେୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ଖଡ଼ିଆଳ ସ୍ଥିତ ବରିଷ୍ଠ ଦେୱାନୀ ଜଜ୍ ଇଶା ପତି, ଏସ୍.ଡି.ଜେ.ଏମ୍ ସ୍ନାତକୀ ଦାଶ, କୋମନା ସ୍ଥିତ ଜେଏମଏଫ୍‌ସି ସମୃଦ୍ଧି ସାଗରିକା ବାରିକ, ଖଡ଼ିଆଳ ସ୍ଥିତ ଜେଏମଏଫସି ସମୀକ୍ଷା ସା, ବୋଡ଼େନ ସ୍ଥିତ ଜେଏମଏଫସି ପଲ୍ଲବୀ ଦାସ ଏବଂ ବିଭିନ୍ନ ରାଜସ୍ୱ ବିଭାଗ ଅଂଶଗ୍ରହଣ କରି ୩୭୭୨ ଗୋଟି ବିଭିନ୍ନ ମାମଲା ଯଥା ପାରିବାରିକ, ଚେକ୍ ବାଉନ୍ସ, ଦେୱାନୀ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ଓ ରାଜସ୍ୱ ମାମଲାଗୁଡିକ ବିଚାର କରାଯାଇଥିଲା ଏବଂ ୩,୦୭,୬୨,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ସେହିପରି ବିଭିନ୍ନ ବ୍ୟାଙ୍କ ଏବଂ ବିଦ୍ୟୁତ୍ ବିଭାଗ ଅଂଶଗ୍ରହଣ କରି ୪୧୧ ଗୋଟି ବ୍ୟାଙ୍କ ବକେୟା ଋଣ ଓ ବିଦ୍ୟୁତ୍ ଶୁଳ୍କ ଦେୟ ମାମଲାଗୁଡ଼ିକର ଆପୋଷ ବୁଝାମଣାରେ ସମାଧାନ ହୋଇ ୬୮,୦୪,୯୬୦ ଟଙ୍କା ଜରିମାନା ଆଦାୟ ହୋଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ଲୋକ ଅଦାଲତର ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତର ବିପୁଳ ପ୍ରଚାର ଲିଫ୍ଲେଟ ବଂଟନ ଓ ପ୍ରାକ୍ ପ୍ରସ୍ତୁତି ବୈଠକ ମାଧ୍ୟମରେ ସାରା ଜିଲ୍ଲାରେ କରାଯାଇଥିଲା ।

# ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳିତ

କନ୍ଧମାଳ: ଫୁଲବାଣୀର ପୁରାତନ ତଥା ଅଗ୍ରଣି ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିପୀଡିତ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ସପ୍ତାହ ପାଳିତ ହୋଇଯାଇଛି । ଏହି ଅବସରରେ ଚଳିତ ବର୍ଷର ଆଲୋଚନାର ବିଷୟ “ମହିଳାମାନଙ୍କ ଅଧିକାର, ନ୍ୟାୟ ଓ କାର୍ଯ୍ୟାନୁଷ୍ଠାନ” ବିଷୟରେ କାର୍ଯ୍ୟକ୍ରମର ବକ୍ତାମାନେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏତଦ୍ ବ୍ୟତୀତ ମହିଳାମାନଙ୍କର ସାମ୍ବିଧାନିକ ଅଧିକାର, ସ୍ୱାବଲମ୍ବୀ ହେବାପାଇଁ ବିଭିନ୍ନ ଯୋଜନା, ସାମାଜିକ ଓ ବ୍ୟକ୍ତିଗତ ସୁରକ୍ଷା ଏବଂ ମା ମାନଙ୍କ ଦ୍ୱାରା ଦିବ୍ୟାଙ୍ଗ ମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଉପରେ ଆଲୋକପାତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଦିବ୍ୟାଙ୍ଗ ପିଲାଙ୍କ ମାଆ ମାନେ, ସରକାରୀ ମହାବିଦ୍ୟାଳୟର ଛାତ୍ରୀମାନେ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମୀମାନେ ଯୋଗଦେଇ ନିଜର ଅନୁଭୂତି ବର୍ଣ୍ଣନା କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାତୀ ଅନୁଷ୍ଠାନର ସଂଯୋଜିକା ଶ୍ରୀମତୀ ସ୍ନେହଲତା ନାୟକ, ନିପୀଡିତର ମହିଳା ସ୍ୱେଚ୍ଛାସେବୀ ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ଦାଶ ଓ ଦିପ୍ତିମୟୀ ପରିଡା, ସାଲୁଙ୍କି ସଂସ୍ଥାର ସମ୍ପାଦକ ଅଶୋକ ପ୍ରଧାନ, ବିଶିଷ୍ଟ ରକ୍ତଦାତା ତଥା ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ଓ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ତ୍ରିନାଥ ପାଣି ପ୍ରମୁଖ ଯୋଗଦେଇ ନିଜର ନିଜର ବକ୍ତବ୍ୟ ରଖିଥିଲେ । ଅନୁଷ୍ଠାନର ସଂଯୋଜକ ପ୍ରମୋଦ କୁମାର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜିଲ୍ଲାସ୍ତରୀୟ ପିଏମ୍ କିଷାନ୍ ଉତ୍ସବ ଦିବସ

ମାଲକାନଗିର: ଜିଲାସ୍ତରୀୟ ପିଏମ୍ କିଷାନ୍ ଉତ୍ସବ ଦିବସ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅନିଲ କୁମାର ପ୍ରହରାଜ, କୃଷି ବିକାଶ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ଦେବୀ ପ୍ରସାଦ ଦାସ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ ମଂଚାସିନ ଥିଲେ । କେନ୍ଦ୍ର ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ପିଏମ୍ କିଷାନ ସମ୍ମାନ ନିଧି (ପିଏମ୍-କିଷାନ)ର ୨୨ତମ କିସ୍ତି ଆଜି ମାର୍ଚ୍ଚ ୧୩ ତାରିଖରେ ଚାଷୀମାନଙ୍କୁ ପ୍ରଦାନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସାମର ଗୌହାଟୀ ଠାରେ ଆୟୋଜିତ ଏକ ବୃହତ୍ ଉତ୍ସବରେ ଯୋଗଦେଇ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ଏହି ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଂଟକୁ ପଠାଇଛନ୍ତି । ଏହି କିସ୍ତିରେ ୨୦୦୦ ଟଙ୍କା ଲେଖାଏଁ ଦେଶର ଲକ୍ଷ ଲକ୍ଷ ଚାଷୀଙ୍କ ଖାତାରେ ଜମା ହୋଇଛି । ସୂଚନାଯୋଗ୍ୟ, ପିଏମ୍-କିଷାନ ଯୋଜନା ଅଧୀନରେ ଚାଷୀମାନଙ୍କୁ ବାର୍ଷିକ ୬୦୦୦ ଟଙ୍କା ତିନୋଟି ସମାନ କିସ୍ତିରେ ପ୍ରଦାନ କରାଯାଏ । ଆଜି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜାରି କରାଯାଇଥିବା ୨୨ତମ କିସ୍ତିରେ ମାଲକାନଗିରି ଜିଲ୍ଲାର ହଜାର ହଜାର ଚାଷୀ ଉପକୃତ ହୋଇଛନ୍ତି । ଜିଲ୍ଲାର ପ୍ରାୟ ୭୫,୦୦୦ ରୁ ଅଧିକ ପଞ୍ଜିକୃତ ଚାଷୀଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ୨,୦୦୦ ଟଙ୍କା ଲେଖାଏଁ ପଠାଯାଇଛି । ମାଲକାନଗିରି ପରି ଆଦିବାସୀ ବହୁଳ ଜିଲ୍ଲାର ଚାଷୀମାନଙ୍କ ପାଇଁ ଏହି ଅର୍ଥ ଚାଷ କାର୍ଯ୍ୟ ଓ ବିହନ କିଣିବାରେ ବହୁତ ସହାୟକ ହେବ । ଏହି ଯୋଜନା ଦେଶର କୋଟି କୋଟି ଚାଷୀ ପରିବାରକୁ ଆର୍ଥିକ ସହାୟତା ଯୋଗାଇ ସେମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଲକ୍ଷ୍ୟ ରଖିଛି । ଜିଲ୍ଲା ସ୍ତରୀୟ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଚାଷୀ ଭାଇ ଭଉଣୀଙ୍କ ସମେତ କୃଷି ବିଭାଗର ସମସ୍ତ ଅଧିକାରୀ କର୍ମଚାରୀ ଉପସ୍ଥିତ ଥିଲେ ।

# ଶୀତତାପ ନିୟନ୍ତ୍ରିତ ମହାଯାତ୍ରା ଗାଡ଼ି ଉଦ୍‌ଘାଟିତ

କେନ୍ଦୁଝର: କେନ୍ଦୁଝର ଜିଲ୍ଲା ଟ୍ରକ ମାଲିକସଂଘ ପକ୍ଷରୁ ଲୋକଙ୍କ ପାଇଁ ପୂର୍ବରୁ ଦୁଇଟି ମହାଯାତ୍ରା ଗାଡି ଆନନ୍ଦପୁର ଓ କେନ୍ଦୁଝର ପାଇଁ ପ୍ରଦାନ କରାଯିବା ପରେ ଏକ ଶିତତାପ ନିୟନ୍ତ୍ରିତ ମହାଯାତ୍ରା ଗାଡି ପ୍ରଦାନ କରାଯାଇଛି । ଲୋକମାନେ ମହାଯାତ୍ରା ଗାଡିର ଅଭାବ ଯୋଗୁଁ ବହୁ ସମୟ ରେ ସମସ୍ୟା ରେ ପଡିଥାନ୍ତି, ପୁରୀ ସ୍ୱର୍ଗ ଦ୍ୱାର ତଥା ଦୂର ଦୁରାନ୍ତ କୁ ଶବ ନେବା ପାଇଁ ହେଲେ ପ୍ରବଳ ଗରମରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ଏଥିପାଇଁ ଜିଲ୍ଲା ଟ୍ରକ ମାଲିକ ସଂଘ ଅଫିସ ଆଗରେ ସଂଘର ସଭାପତି ପଦ୍ମଲୋଚନ ସାହୁ ଓ ସାଧାରଣ ସମ୍ପାଦକ ପ୍ରଦୀପ ବାରିକ ଶିତତାପ ନିୟନ୍ତ୍ରିତ ମହାଯାତ୍ରା ଗାଡି କୁ ଲୋକଙ୍କ ପାଇଁ ଆଜି ଉଦ୍ଘାଟନ କରି ପ୍ରଦାନ କରିଛନ୍ତି । ଜିଲା ଟ୍ରକ ମାଲିକ ସଂଘ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କେନ୍ଦୁଝର, ଆନନ୍ଦପୁର ଓ ଜଗମୋହନ ପୁର ପାଇଁ ଚାରୋଟି ଆମ୍ବୁଲାନ୍ସ ପ୍ରଦାନ କରିଥିବା ବେଳେ, ମୁଖ୍ୟମନ୍ତ୍ରୀ ଙ୍କୁ ଦୁଇଟି ଆମ୍ବୁଲାନ୍ସ ପ୍ରଦାନ କରିଥିଲେ । ବିଭିନ୍ନ ମେଡିକାଲରେ ସ୍ୱତନ୍ତ୍ର କ୍ୟାବିନ ବ୍ୟବସ୍ଥା ସହ ଲୋକଙ୍କ ପାଇଁ ବିଭିନ୍ନ ଯାଗାରେ ପିଇବା ପାଣିର ବ୍ୟବସ୍ଥା ଓ ଦୁର୍ଘଟଣା ଗ୍ରସ୍ତ ଗାଡି କୁ ଆଣିବା ପାଇଁ ଏକ କ୍ରେନର ବ୍ୟବସ୍ଥା କରାଯାଇଥିବା ନେଇ ସଂଘ ପକ୍ଷରୁ ସୂଚନା ଦେଇଛନ୍ତି ।

*ଠିକ ନେତୃତ୍ୱ ନିଜର ସାଧନ ନିଜେ ପ୍ରସ୍ତୁତ କରେ ଓ ନିଜର ଗୋଷ୍ଠୀକୁ ସଂଗଠିତ କରି ଗଢ଼େ । ମାତ୍ର ଭୁଲ୍ ନେତୃତ୍ୱ ସବୁବେଳେ ନିଜର ସାଧନାକୁ ଦୋଷ ଦେଇ ଚାଲେ ଓ ନିଜ ଗୋଷ୍ଠୀକୁ ବିଭକ୍ତ ଓ ଅସଂଲଗ୍ନ କରିଦିଏ ।*

(ଗାଁ ମଜଲିସ୍, ୭ମ ଖଣ୍ଡ, ପୃଷ୍ଠା-୧୮)

-ଡକ୍ଟର ହରେକୃଷ୍ଣ ମହତାବ

ପ୍ରଜାତନ୍ତ୍ର

ତା ୧୬।୦୩।୨୦୨୬ ■ ସୋମବାର

# ରାଷ୍ଟ୍ରପତିଙ୍କ ପ୍ରତି ଅସମ୍ମାନ

କାହାପ୍ରତି ଅଣଦେଖା-ଉପେକ୍ଷା ତାଙ୍କର ଅନାଦର ହୋଇଥାଏ । ପଶ୍ଚିମବଙ୍ଗରେ ଆୟୋଜିତ ଇଣ୍ଟରନ୍ୟାଶନାଲ ସାନ୍ତାଳ କନକ୍ଲେଭରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ବେଳର ବିବାଦ କେବଳ କାର୍ଯ୍ୟକ୍ରମରେ ବ୍ୟବସ୍ଥା ମଧ୍ୟରେ ସୀମିତ ନୁହେଁ । ଏ ମାମଲା ଏବେ ସାମ୍ବିଧାନିକ ମର୍ଯ୍ୟାଦା, ପ୍ରଶାସନିକ ଉତ୍ତରଦାୟୀ ଓ ନିର୍ବାଚନ ରାଜନୀତି ଯାଏ ମଧ୍ୟ ପହଞ୍ଚିଗଲାଣି । ରାଷ୍ଟ୍ରପତି ଖୋଦ୍ ସର୍ବସାଧାରଣରେ ଅବ୍ୟବସ୍ଥା ପ୍ରତି ଇଙ୍ଗିତ କରିବା ସାଧାରଣ କଥା ହୋଇ ରହିନାହିଁ । ଯେହେତୁ ଏ ଘଟଣାକୁ ନେଇ ସିଏ ଆପତ୍ତି ଓ ପୀଡ଼ା ପ୍ରକଟ କରିଛନ୍ତି, ତେଣୁ ସହଜରେ ବୁଝାଯାଇ ପାରିବ ଯେ ବାସ୍ତବରେ ତାଙ୍କ କ୍ଷେତ୍ରରେ ନିର୍ଦ୍ଧାରିତ ପ୍ରଟୋକଲର ଉଲ୍ଲଂଘନ କରାହୋଇଛି । ଯେପରିଭାବେ ତାଙ୍କର କାର୍ଯ୍ୟକ୍ରମ ସ୍ଥଳ ବାରମ୍ବାର ପରିବର୍ତ୍ତନ କରାଗଲା ଓ ଶେଷରେ ସଭାର ଆୟୋଜନ ଏପରି ସ୍ଥଳରେ କରାଗଲା ଯେଉଁଠାରେ ଲୋକେ ପହଞ୍ଚିବାରେ ଅସୁବିଧା ଭୋଗିବାକୁ ପଡ଼ିଲା। ଏହାଠାରୁ ଆହୁରି ଖରାପ କଥା ହେଉଛି ପରିବର୍ତ୍ତିତ ଆୟୋଜନ ସ୍ଥଳକୁ ଯାଉଥିବା ଲୋକମାନଙ୍କୁ ରୋକାଗଲା କାରଣ ସେମାନଙ୍କ ପାଖରେ ଆବଶ୍ୟକ ନିମନ୍ତ୍ରଣପତ୍ର ନଥିଲା, କିନ୍ତୁ କୌଣସି ନିମନ୍ତ୍ରଣପତ୍ର ବିତରଣ ହିଁ କରାଯାଇନଥିଲା ।

ଉପରୋକ୍ତ ଘଟଣାରୁ ସ୍ପଷ୍ଟ ଜଣାଯାଉଛି ଯେ ପଶ୍ଚିମବଙ୍ଗ ସରକାରରେ କେହି ଆଦୌ ଚାହୁଁନଥିଲା ରାଷ୍ଟ୍ରପତିଙ୍କର ଏହି କାର୍ଯ୍ୟକ୍ରମ ସଫଳ ହେଉ । ଆଦିବାସୀମାନଙ୍କର ଯେଉଁ କାର୍ଯ୍ୟକ୍ରମରେ ଆଦିବାସୀ ସମାଜର ରାଷ୍ଟ୍ରପତିଙ୍କୁ ଯୋଗଦେବାର ଥିଲା, ତହିଁରେ ବାଧା ଦିଆଯିବା ଘଟଣା ବିଡ଼ମ୍ବନାର ବିଷୟ ନିଶ୍ଚୟ । ତାଙ୍କର କେତେମାତ୍ରାରେ ଅଣଦେଖା କରାଯାଇଛି, ତାହାର ପ୍ରମାଣ ହେଉଛି ଆୟୋଜନ ସ୍ଥଳରେ ତାଙ୍କ ଲାଗି ଆବଶ୍ୟକ ସୁବିଧା ଯଥା ଶୌଚାଳୟ ଆଦିର ବ୍ୟବସ୍ଥା ମଧ୍ୟ କରାଯାଇନଥିଲା । ରାଷ୍ଟ୍ରପତି ଯେପରି ଭାବେ ପୂର୍ବ ନିର୍ଦ୍ଧାରିତ ଆୟୋଜନସ୍ଥଳକୁ ଗଲେ, ସେଠାରେ ସିଏ ପଶ୍ଚିମବଙ୍ଗ ସରକାରଙ୍କ ଷଡ଼ଯନ୍ତ୍ର କଥା ଧରା ପକାଇଦେଲେ, କାରଣ ସେ ଦେଖିଲେ ସେଠାରେ ଢେର୍ ଅଧିକ ଲୋକଙ୍କର ସମାଗମ ହେବା ଲାଗି ପର୍ଯ୍ୟାପ୍ତ ସ୍ଥାନ ଥିଲା । ଭାରତରେ ରାଷ୍ଟ୍ରପତିଙ୍କ ପଦ ରାଜନୀତିରୁ ଉର୍ଦ୍ଧ୍ୱରେ । କେନ୍ଦ୍ର ଓ ରାଜ୍ୟମାନଙ୍କରେ ସରକାର ଯାହାର ବି ରହିଥାଉ ନା କାହିଁକି, ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ କେବେ କୌଣସି ରାଜନୈତିକ ବିବାଦର କାରଣ ହୋଇନଥାଏ । ଏ ପଦ କୌଣସି ବ୍ୟକ୍ତି ପ୍ରତି ନୁହେଁ, ଦେଶର ପ୍ରତିଷ୍ଠା ସହ ସଂଯୁକ୍ତ ।

ଯଦି ରାଷ୍ଟ୍ରପତି ନିଜେ ଅନୁଭବ କରୁଛନ୍ତି ଯେ ତାଙ୍କ ସମ୍ମାନ ପ୍ରତି ଧ୍ୟାନ ଦିଆଗଲା ନାହିଁ, ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତାଙ୍କ ପ୍ରଶାସନ ଯଦି ବୁଝିପାରନ୍ତେ ଯେ ରାଷ୍ଟ୍ରପତିଙ୍କ ପ୍ରତି ଉଚିତ ବ୍ୟବହାର ହୋଇନାହିଁ ତେବେ ଭଲ ହୁଅନ୍ତା, କିନ୍ତୁ ସେ ଓ ତାଙ୍କ ଦଳ ଓଲଟା ରାଷ୍ଟ୍ରଦୂତଙ୍କୁ ସମାଲୋଚନା କରିବାରେ ଲାଗିଛନ୍ତି । ଅଭିଯୋଗ କରୁଛନ୍ତି ଯେ ଭାଜପାର ଇଙ୍ଗିତରେ ସେ କୁଆଡ଼େ ରାଜନୀତି କରୁଛନ୍ତି । ଆଦିବାସୀ ସମ୍ମିଳନୀରେ ଆଦିବାସୀ ସମାଜର ରାଷ୍ଟ୍ରପତିଙ୍କ ଯିବା ଦଳଗତ ରାଜନୀତିର ବିଷୟ କିପରି ହୋଇଗଲା ? ନିର୍ବାଚନ କମିଶନଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଧାରଣାରେ ବସିଥିବା କାରଣରୁ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ଲାଗି ପହଞ୍ଚିପାରିଲେ ନାହିଁ, ଏକଥା ବୁଝି ହେଉଛି, କିନ୍ତୁ ସିଏ କ'ଣ କୌଣସି ମନ୍ତ୍ରୀଙ୍କୁ ଏ କାର୍ଯ୍ୟରେ ନିଯୁକ୍ତ କରିପାରିନଥାନ୍ତେ ? ପ୍ରଟୋକଲ ମଧ୍ୟ ଏହା ଦର୍ଶାଉଛି । କେହି ଜାଣନ୍ତି ନାହିଁ କାହିଁକି ମମତା ବାନାର୍ଜୀ ନିଜ ସ୍ଥାନରେ କୌଣସି ମନ୍ତ୍ରୀଙ୍କୁ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ପଠାଇଲେ ନାହିଁ । କ'ଣ ଅସୁବିଧା ଥିଲା ? ଯାହା ବି ହେଲା, ଭଲ ହେଲା ନାହିଁ । ରାଷ୍ଟ୍ରପତିଙ୍କ କୌଣସି ଗସ୍ତକୁ ଦଳଗତ ରାଜନୀତିରୁ ଦୂରେଇ ରଖିବା ଦରକାର ଓ ଯେଉଁ ଆଦର ଓ ସମ୍ମାନର ସେ ଅଧିକାରୀ, ତାହା ତାଙ୍କୁ ପ୍ରଦାନ କରାଯିବା ଆବଶ୍ୟକ । ❐❐

# ସୂର୍ଯ୍ୟଦୋଷର ପ୍ରତିକାର

ରବିବାର ସୂର୍ଯ୍ୟଦେବଙ୍କ ପୂଜା କରାଯାଏ। ରବିବାର ହେଉଛି ସୂର୍ଯ୍ୟଙ୍କ ବାର। ଯଦି ଆପଣଙ୍କ କୁଣ୍ଡଳୀରେ ସୂର୍ଯ୍ୟ ଦୋଷ ଅଛି ତେବେ ଆପଣ ରବିବାର ଉପବାସ କରି ଏଥିରୁ ମୁକ୍ତି ପାଇପାରିବେ। ସୂର୍ଯ୍ୟ ଦୋଷ ଦୂର କରିବା ପାଇଁ ରବିବାର ଉପବାସ କିପରି ପାଳନ କରିବେ ? ସୂର୍ଯ୍ୟ ତୁଳା ରାଶିରେ ଏବଂ ଚନ୍ଦ୍ର କୁମ୍ଭ ରାଶିରେ ଅଛନ୍ତି। ରବିବାର ଉପବାସ ସୂର୍ଯ୍ୟ ଦୋଷ ଦୂର କରିଥାଏ। ଅଗ୍ନି ଏବଂ ସ୍କନ୍ଦ ପୁରାଣରେ ରବିବାର ଉପବାସ ବିଷୟରେ ଉଲ୍ଲେଖ ଅଛି। ଏହି ଉପବାସ ପାଳନ କରିବା ଦ୍ୱାରା ସୁଖ, ସମୃଦ୍ଧି, ସ୍ୱାସ୍ଥ୍ୟ ଏବଂ ମୋକ୍ଷ ମିଳିଥାଏ। ଏହା ସୂର୍ଯ୍ୟ ଦୋଷ ମଧ୍ୟ ଦୂର କରେ। ରବିବାର ଉପବାସ ପାଳନ କରିବା ପାଇଁ, ସକାଳେ କିମ୍ବା ବ୍ରହ୍ମ ମୁହୂର୍ତ୍ତରେ ଉଠିବା, ଦୈନନ୍ଦିନ ପୂଜା କରିବା, ସ୍ନାନ କରିବା ଏବଂ ପୂଜା ସ୍ଥାନକୁ ସଫା କରିବା ଉଚିତ।

ଏହାପରେ, ଏକ ଚୌକି ଉପରେ ଏକ କପଡ଼ା ବିଛାଇ ପୂଜା ସାମଗ୍ରୀ ରଖନ୍ତୁ, ଏବଂ ତା ପରେ ଉପବାସ କାହାଣୀ ଶୁଣନ୍ତୁ। ଏକ ତମ୍ବା ପାତ୍ରରେ ପାଣି ଭର୍ତ୍ତି କରି, ଫୁଲ, ଚାଉଳ ମିଶାଇ ସୂର୍ଯ୍ୟ ଦେବଙ୍କୁ ଜଳ ଅର୍ପଣ କରନ୍ତୁ। ଏହା କରିବା ଦ୍ୱାରା ସୂର୍ଯ୍ୟଙ୍କ ଆଶୀର୍ବାଦ ପ୍ରାପ୍ତ ହୁଏ ଏବଂ କୁଣ୍ଡଳୀରେ ସୂର୍ଯ୍ୟଙ୍କୁ ଶକ୍ତିଶାଳୀ କରାଯାଏ ବୋଲି ବିଶ୍ୱାସ କରାଯାଏ।

ରବିବାର ଦିନ ଆଦିତ୍ୟ ହୃଦୟ ସ୍ତୋତ୍ର ପାଠ କରିବା ଏବଂ ସୂର୍ଯ୍ୟଙ୍କ ମନ୍ତ୍ର 'ଓମ୍ ସୂର୍ଯ୍ୟାୟ ନମଃ' ଜପ କରିବା ମଧ୍ୟ ବିଶେଷ ଲାଭ ପ୍ରଦାନ କରେ। ରବିବାର ଦିନ ଗୁଡ଼ ଏବଂ ତମ୍ବା ଦାନ କରିବାର ମଧ୍ୟ ବିଶେଷ ମହତ୍ୱ ରହିଛି। ଏହି ଉପାୟ ଗୁଡ଼ିକ ସୂର୍ଯ୍ୟଙ୍କ ଆଶୀର୍ବାଦ ଆଣିଥାଏ ଏବଂ ଜୀବନରେ ସୁଖ, ସମୃଦ୍ଧି ଏବଂ ସଫଳତା ଆଣିଥାଏ। ସୂର୍ଯ୍ୟ ଦୋଷ ଦୂର କରିବା ପାଇଁ ଆପଣଙ୍କ ପିତାଙ୍କ ସେବା କରନ୍ତୁ। ଯଦି ଆପଣଙ୍କ ପିତା ଉପସ୍ଥିତ ନାହାଁନ୍ତି ତେବେ ପରିବାରରେ ବଡ଼ ଲୋକଙ୍କୁ ସେବା କରନ୍ତୁ। ଏକ ଶକ୍ତିଶାଳୀ ସୂର୍ଯ୍ୟ ବ୍ୟକ୍ତିଙ୍କର ସ୍ଥିତି ଏବଂ ପ୍ରତିଷ୍ଠା ବୃଦ୍ଧି କରେ। ଏହି ଦିବସରେ ଈଶ୍ୱର ନାମ ସ୍ମରଣ ସହିତ ଯଥାସମ୍ଭବ ଅସହାୟ ଲୋକମାନଙ୍କୁ ସାହାଯ୍ୟ କରନ୍ତୁ। ଅନ୍ନଦାନ, ବସ୍ତ୍ରଦାନ, ବୃକ୍ଷରୋପଣ, ଅସହାୟ ରୋଗୀଙ୍କୁ ସେବା ପରି ବିଭିନ୍ନ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରନ୍ତୁ। ସୂର୍ଯ୍ୟ ଦୋଷକୁ ନେଇ ସେପରି ଭୟଭୀତ ହୁଅନ୍ତୁ ନାହିଁ। ଆମର ଜୀବନର ପ୍ରତିଟି ଜୀବନର ଆରମ୍ଭ ବେଳାରେ ଭଗବାନ ସୂର୍ଯ୍ୟଦେବଙ୍କ ପବିତ୍ର ତେଜରଶ୍ମୀର ଆଶୀର୍ବାଦରେ ଆରମ୍ଭ ହୋଇଥାଏ। କେହି କେହି ଏହି ଦିବସରେ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ମହାପ୍ରସାଦ ଗ୍ରହଣ କରିଥାନ୍ତି। ଅର୍କକ୍ଷେତ୍ର କୋଣାର୍କରେ ସୂର୍ଯ୍ୟଦେବଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ରହିଥାଏ। ଭଗବାନ ସୂର୍ଯ୍ୟଦେବ ସମସ୍ତଙ୍କୁ କୃପା ଆଶୀର୍ବାଦ କରନ୍ତୁ ଏହା ହିଁ କାମନା।

ଅଜୟ କୁମାର ବେହେରା
କଟକ

# ବିହାର ରାଜନୀତିରେ ନୂଆ ମୋଡ଼

**ସୌଭାଗ୍ୟ ରଂଜନ ମହାନ୍ତି**

୨୦୨୫ ନଭେମ୍ବର ୨୦ ତାରିଖରେ ଯେତେବେଳେ ୧୦ମ ଥର ପାଇଁ ବିହାରର ମୁଖ୍ୟମନ୍ତ୍ରୀ ଭାବେ ନୀତିଶ କୁମାର ଶପଥ ଗ୍ରହଣ କରିଥିଲେ, ସେତେବେଳେ ସେ ଦେଶରେ ସର୍ବାଧିକ ଥର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ରେକର୍ଡ ସୃଷ୍ଟି କରିବା ସହ ଚଳିତ ଥର ପୂର୍ଣ୍ଣକାଳୀନ କ୍ଷମତା ଉପଭୋଗ କରିବେ ବୋଲି ଆଶା କରାଯାଉଥିଲା। କହିବା ବାହୁଲ୍ୟ ଯେ, ୨୪୩ ଜଣିଆ ସଦସ୍ୟ ବିଶିଷ୍ଟ ବିଧାନସଭାରେ ଏନଡିଏ ତଥା ବିଜେପି ୮୯ଟି ଆସନରେ ବିଜୟୀ ହୋଇଥିଲାବେଳେ ଜେଡିୟୁ ୮୫ଟି ଆସନ କରିଥିଲା। ମାତ୍ର ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବାର ମାତ୍ର କିଛି ମାସ ପରେ ଦେଶର ଦୀର୍ଘକାଳୀନ ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ନାଟକୀୟ ଭାବେ ରାଜ୍ୟସଭା ପାଇଁ ଗଲା ଗୁରୁବାର ଦିନ ପ୍ରାର୍ଥୀ ପତ୍ର ଦାଖଲ କରିବା ପରେ ନୀତିଶ ପ୍ରକୃତରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ବୋଲି କୁହାଯାଇପାରିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଯେତେବେଳେ ଏନଡିଏ ବିଧାନସଭା ନିର୍ବାଚନରେ ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା, ସେତେବେଳେ ତାଙ୍କର ୧୦ମ ଥରର ମୁଖ୍ୟମନ୍ତ୍ରୀତ୍ୱ ଅତି ସ୍ୱଳ୍ପକାଳ ହେବା ନେଇ କେହି ଆଶା କରିନଥିଲେ।

ନୀତିଶ ଦଶଥର ଶପଥ ନେଇଥିବା ସତ୍ତ୍ୱେ ଲାଲୁ-ରାବିଡ଼ ଶାସନର ଅବସାନ ଘଟାଇ କେବଳ ୨୦୦୫ରେ ମୁଖ୍ୟମନ୍ତ୍ରୀ ଭାବେ ପୂର୍ଣ୍ଣ ପାଂଚ ବର୍ଷ ଶାସନ କରିଥିଲେ। ଏହା ପରଠାରୁ ସେ ବାରମ୍ବାର ଇସ୍ତଫା ଦେଇ ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ। ଦୀର୍ଘ ୨୦ବର୍ଷର ମୁଖ୍ୟମନ୍ତ୍ରୀତ୍ୱ କାଳରେ କେବଳ ୧୦ଥର ଶପଥ ଉତ୍ସବ ଏକ ରେକର୍ଡ ନଥିଲା, ବାରମ୍ବାର ଦଳବଦଳ ତାଙ୍କ ଦୀର୍ଘ କ୍ଷମତା ରାଜନୈତିକ ଜୀବନର ଆଉ ଏକ ରେକର୍ଡ ଥିଲା। ଏହା ନିସନ୍ଦେହ ଯେ, ବାରମ୍ବାର ମତ ପରିବର୍ତନ ବା ଦଳବଦଳ, ଜାତିଆଣ ରାଜନୀତି ସତ୍ତ୍ୱେ ବିହାରରେ ତାଙ୍କ ଶାସନ କାଳରେ ସାମାଜିକ ନ୍ୟାୟ ପ୍ରତିଷ୍ଠାର କେବଳ ପ୍ରବକ୍ତା ନଥିଲେ, ତାଙ୍କ ଶାସନ କାଳରେ ସାମାଜିକ ନ୍ୟାୟ ପ୍ରତିଷ୍ଠାର କେବଳ ପ୍ରବକ୍ତା ନଥିଲେ, ଜଣେ ସୁଶାସକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। କ୍ଷୁଦ୍ର ଦଳର ନେତୃତ୍ୱ ନେଇ ସେ ବୃହତ ଗୋଷ୍ଠୀ ବା ଦଳକୁ ପଛରେ ପକାଇ ବାରମ୍ବାର ମୁଖ୍ୟମନ୍ତ୍ରୀ ହେବାର ଗୌରବର ଅଧିକାରୀ ହୋଇଥିଲେ, ଯେଉଁଥିପାଇଁ କି ୨୦୦୫ ପର ଠାରୁ ସେ ବିହାର ରାଜନୀତିରେ କେନ୍ଦ୍ରବିନ୍ଦୁ ଭାବେ ନିଜକୁ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଥିଲେ। ଏକ କ୍ଷୁଦ୍ର ମଧ୍ୟମ ଦଳିତ ପଛୁଆ ବର୍ଗ (ଓବିସି)ରୁ ଆସିଥିବା ନୀତିଶ ଲୋକନାୟକ ସ୍ୱର୍ଗତ ଜୟପ୍ରକାଶ ନାରାୟଣଙ୍କ ଉତରାଧିକାରୀ ଥିଲେ, ଯେ କି କେବଳ ଉକ୍ଟ ଜାତିଆଣ ଭେଦଭାବ ନୁହେଁ, ବିଭିନ୍ନ ସ୍ତରରେ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ପରିବର୍ତନ ଆଣିବା ସହ ବିଜେପି ସହ ମେଂଟ କରି ଉଚ୍ଚବର୍ଗ ତଥା ଅଣଯାଦବଙ୍କ ସହ ଓବିସି, ଅତ୍ୟନ୍ତ ପଛୁଆ ବର୍ଗ (ଇବିସି) ଦଳିତ ଓ ମୁସଲିମଙ୍କ ମଧ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଛନ୍ତି। ଏହା ନିସନ୍ଦେହ ଯେ, ସାମ୍ପ୍ରତିକ ସମୟରେ ଦେଶରେ ମଦ ସବୁଠାରୁ ଆୟକାରୀ ଉତ୍ସ ଭାବେ ବିବେଚିତ ହୋଇଥିବାବେଳେ ବିହାରରେ ମଦ ନିଷିଦ୍ଧ ତାଙ୍କ ଶାସନର ଏକ ଐତିହାସିକ ପଦକ୍ଷେପ ଥିଲା। ସେହିପରି ମହିଳାଙ୍କ ବିକାଶ ତାଙ୍କ ସରକାର ଏକ ଉଲ୍ଲେଖନୀୟ ସଫଳତା, ମୁଖ୍ୟମନ୍ତ୍ରୀ ବାଳିକା ସାଇକେଲ ଯୋଜନାଠାରୁ ଆରମ୍ଭ କରି ମହିଳାଙ୍କ ଆକାଉଂଟକୁ ୧୦ହଜାର ଟଙ୍କା ପ୍ରଦାନ ଏନଡିଏ ବିଜୟର ମୁଖ୍ୟ କାରଣ ଥିଲା। ଏହା ନିସନ୍ଦେହ, ନୀତିଶ ଏଥର ପୁରାକାର୍ଯ୍ୟକାଳ ପୁରଣ ନକରିବା ତାଙ୍କ ସ୍ୱାସ୍ଥ୍ୟ ଗତ ସମସ୍ୟା ସଂକେତ ପ୍ରଦାନ କରିଥିଲା। ତେବେ ଏ ନେଇ ପ୍ରତ୍ୟାଶା ଠାରୁ ଆଗୁଆ ସେ ମୁଖ୍ୟମନ୍ତ୍ରୀ ପଦରୁ ଓହରିଯିବା ନେଇ ରାଜ୍ୟସଭା ପାଇଁ ପ୍ରାର୍ଥୀପତ୍ର ଦାଖଲରୁ ସ୍ପଷ୍ଟ ସଂକେତ ମିଳିଛି। ଏବେ କେବଳ ଆନୁଷ୍ଠାନିକ ଇସ୍ତଫାକୁ ଅପେକ୍ଷା। ଯାହାକି ବିହାର ରାଜନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ ବୋଲି କୁହାଯାଇପାରେ। ବିହାରରେ ଏନଡିଏରେ ବିଜେପି ସର୍ବବୃହତ ଅଂଶୀଦାର ଥିବାରୁ ନୀତିଶଙ୍କ ସ୍ଥାନରେ ଦଳର ଜଣେ ନେତାଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ କରିବା ନେଇ ଗୋଟିଚାଳନା କରିଛି। କହିବା ବାହୁଲ୍ୟ ଜେଡିୟୁ ପିଠିରେ ଲାଉ ହୋଇ ହୋଇ ବିଜେପି ଏବେ କେବଳ ବିହାରରେ ସର୍ବବୃହତ ଅଂଶୀଦାର ହୋଇନାହିଁ, ରାଜ୍ୟରେ ପ୍ରଭାବ ବିସ୍ତାର କରିବା ସହ ଜେଡିୟୁକୁ ପଛରେ ପକାଇ ଦେଇଛି। ତେବେ ପ୍ରଶ୍ନ ଉଠୁଛି ମୁଖ୍ୟମନ୍ତ୍ରୀ ହେବେ କିଏ ? ଗତ କିଛି ବର୍ଷ ହେଲା ଗୁଜରାଟ, ରାଜସ୍ଥାନ, ହରିଆନା, ମଧ୍ୟପ୍ରଦେଶ, ଛତିଶଗଡ, ଓଡିଶା ଜାତୀୟ ସ୍ତରରେ ଆଦୌ ପରିଚିତ ବା ଜଣାଶୁଣା ନଥିବା ଜଣେ ଜଣେ ବିଧାୟକଙ୍କୁ ଯେପରି ମୁଖ୍ୟମନ୍ତ୍ରୀ ଆସନରେ ବସାଇ କେନ୍ଦ୍ରରୁ ଶାସନ ପରିଚାଳନା କରୁଛି, ସେହିପରି ବିହାରରେ ଜଣେ ଅନାମଧେୟ ବିଧାୟକଙ୍କୁ ଗାଦିରେ ବସାଇବା କିଛି ଅସମ୍ଭବ ନୁହେଁ। ଅନ୍ୟ ପକ୍ଷରେ ଜେଡିୟୁ ନୀତିଶଙ୍କ ପରେ ଦଳର ଦୁଇଜଣଙ୍କୁ ଉପମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ଦାବି କରିବା ସମ୍ଭାବନା ରହିଛି। ନୀତିଶ ତାଙ୍କ ପୁଅଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପଦରେ ବସାଇବା ପାଇଁ ଅଭିଳାଷୀ ଥିବା ଚର୍ଚ୍ଚା ହୁଏ। ତେବେ ବିଜେପି ଏହି ଦାବିକୁ ଏଡାଇ ଯାଇନପାରେ। ରାଜ୍ୟସଭା ପାଇଁ ପ୍ରାର୍ଥୀ ହେବା ନେଇ ନୀତିଶ ଯାହା ଦର୍ଶାଇଛନ୍ତି, ତାହାକୁ ମଧ୍ୟ ଅଣଦେଖା କରାଯାଇନପାରେ। ସେ ବହୁବାର ଲୋକସଭାକୁ ନିର୍ବାଚିତ ହୋଇଥିବାବେଳେ ଶେଷଥର ପାଇଁ ୨୦୦୪ରେ ନାଳନ୍ଦା ଲୋକସଭା ଆସନରୁ ନିର୍ବାଚିତ ହୋଇଥିଲେ। ୨୦୦୫ ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହୋଇଥିଲେ। ଏହା ପରଠାରୁ ସେ ଆଉ ନିର୍ବାଚନ ନଲଢି ବିଧାନ ପରିଷଦର ସଦସ୍ୟ ରହିଆସିଥିଲେ। ରାଜ୍ୟସଭାକୁ କେବେହେଲେ ନିର୍ବାଚିତ ହୋଇନଥିଲେ। ରାଜ୍ୟସଭାକୁ ଯିବା ତାଙ୍କର ଅନ୍ତିମ ଇଚ୍ଛା ଥିବା କହିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ପଦରୁ ଓହରିବା ନେଇ କାରଣ ଯାହା ହେଉ ନାହିଁ କି ନୀତିଶ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ବିହାର ରାଜନୀତିରେ ଏକ ଯୁଗର ଅବସାନ ଘଟିବ, ଏଥିରେ ସନ୍ଦେହ ନାହିଁ।

ଭୁବନେଶ୍ୱର
ମୋ:୯୪୩୭୯୯୪୩୭୯

# ଜୀବନକୁ ମିଳିଲା ମୃତ୍ୟୁ ଅନୁମତି

**ପ୍ରଫେସର ଡାକ୍ତର ସମ୍ରାଟ କର**

ଜୀବନ କ'ଣ ବୁଝିବା ଆଗରୁ ଶେଷ ହୋଇଯାଏ ଜୀବନ। ଜୀବନକୁ ଭଲ ପାଇ ଆଗକୁ ବଢୁଥିବାବେଳେ ଜଣେ ଜଣେ ବିଦ୍ୟାର୍ଥୀଙ୍କ ସ୍ୱପ୍ନ ଓ ସମ୍ଭାବନା ସବୁ ଚୁରମାର ହୋଇଯାଏ କେବଳ ସେତିକିରେ କଥା ଅଟକି ନାହିଁ। ତେରବର୍ଷ ବିଛଣାରେ ହିଁ ନିଜ ଦୁନିଆକୁ ଜାଣି ନପାରିବି ଶ୍ୱାସପ୍ରଶ୍ୱାସର ଜୀବନ ବଞ୍ଚୁଥିବା ହରିଶଙ୍କୁ ପରିଶେଷରେ ମିଳିଛି ମୃତ୍ୟୁ ଅନୁମତି। ସୁପ୍ରିମକୋର୍ଟର ଇତିହାସ ଓ ଭାରତର ଇଚ୍ଛାମୃତ୍ୟୁ ମାମଲାରେ ଏହା ପ୍ରଥମ ଓ ବିରଳତମ। ଆତ୍ମହତ୍ୟା ଓ ଇଚ୍ଛାମୃତ୍ୟୁ ସମାନ ନୁହେଁ। ଛାତ୍ରାବାସରୁ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ଆହାତ ହୋଇ ଭେଣ୍ଟିଲେଟରରେ ସବୁ ଅଙ୍ଗ ଅଚଳ ହୋଇ କେବଳ ଲାଇଫ ସପୋର୍ଟରେ ହରିଶ ଯାହା ବଞ୍ଚିଥିଲେ। ହରିଶଙ୍କ ପିତାମାତା ଛାତି ଉପରେ ପଥର ରଖି ନିଜ ପୁଅକୁ ଶାନ୍ତିର ବିଶ୍ରାମ ଦେଇ ଦେବା ପାଇଁ ବର୍ଷ ବର୍ଷ ଧରି କୋର୍ଟ କଚେରୀ ଦୌଡ଼ିଥିଲେ। ଦିଲ୍ଲୀ ହାଇକୋର୍ଟ ମଧ୍ୟ ଏହି ମାମଲା ଖାରଦ କରିଦେଲେ। ସୁପ୍ରିମକୋର୍ଟର ରାୟ ପ୍ରଦାନ କରୁଥିବା ମାନ୍ୟବର ଜର୍ଜ ମଧ୍ୟ ଭାବପ୍ରବଣ ହୋଇପଡ଼ିଥିଲେ। ରାୟର ପ୍ରଥମ ଧାଡ଼ିଟି ଥିଲା 'ଏ ଯୁବକଙ୍କ ଯନ୍ତ୍ରଣା ଦେଖିବା ସମ୍ଭବ ନୁହେଁ.....'।

ଆତ୍ମହତ୍ୟା ଅନ୍ୟ ମାନଙ୍କ ଅଜ୍ଞାତରେ ଘଟୁଥିବାବେଳେ ଇଚ୍ଛାମୃତ୍ୟୁରେ ଆଇନଗତ ଭାବେ ଜଣେ ନିଜକୁ ଶେଷ କରିଦେଇଥାଏ। ୟୁଥାନେସିଆର ଅର୍ଥ ହେଉଛି ନିଜ ଯନ୍ତ୍ରଣାଦାୟକ ଜୀବନକୁ ଚିକିତ୍ସକମାନଙ୍କର ସାହାଯ୍ୟ ନେଇ ଶେଷ କରିବା। ପେସିଭ ୟୁଥାନେସିଆ ଆତ୍ମହତ୍ୟା ସହିତ ସମାନ ଧରଣର ହୋଇଥିବାରୁ ଏଯାବତ ଏହା ଆଇନରେ ମଧ୍ୟ ପରିଣତ ହୋଇନାହିଁ। ଦିନ ଦିନ, ବର୍ଷ ବର୍ଷ ଧରି ପାଖରେ ଜଣେ ଯନ୍ତ୍ରଣା କ୍ଲିଷ୍ଟର ଅସ୍ୱସ୍ଥ ଓ ଲୁହ ଭରା ପରିବେଶ ପାଖ ପରିଜନଙ୍କୁ ଅତ୍ୟନ୍ତ ମାନସିକ ଅସନ୍ତୁଳନ ଓ ଗଭୀର ଚାପ ଭିତରେ ରଖିଥାଏ। ପରିବାରର ଅର୍ଥନୀତି ଠାରୁ ଅନ୍ୟ ମାନଙ୍କ ଭଲମନ୍ଦ ପଛରେ ପଡ଼ିଯାଏ। ଏପରି ହୋଇଛି କମ ବୟସର ଏପରି ଭୟାନକ ପୀଡ଼ିତ ମାନଙ୍କୁ ଦେଖି ପରିବାରର ଜଣେ ଜଣେ ବରିଷ୍ଠ ନାଗରିକଙ୍କର ଆକସ୍ମିକ ପରଲୋକ ହୋଇଯାଇଛି। ଘରର ମୁରବୀ, ଘରର ଅର୍ଥନୀତିର ବୋଝ ବୋହୁଥିବା ଲୋକଟି ଯଦି ଏପରି ଦୁର୍ଭାଗ୍ୟକୁ ସାମ୍ନା କରେ ତେବେ ସେ ପରିବାରର ଦୁର୍ଦ୍ଦଶା ଅକଥନୀୟ ଓ ଅକଳ୍ପନୀୟ ହୋଇପଡ଼ିଥାଏ। ତେବେ ଯେଉଁ ପର୍ଯ୍ୟନ୍ତ ପୀଡ଼ିତ ଜଣଙ୍କ ଅନ୍ତତଃ ଅନ୍ୟ ମାନଙ୍କ ଆଚରଣ, କଥାବାର୍ତ୍ତା ବୁଝି ପାରୁଥିବ ସେ ପର୍ଯ୍ୟନ୍ତ ତାଙ୍କ ପାଇଁ ଅତ୍ୟନ୍ତ ମୂଲ୍ୟବାନ ସମୟଟି କାଟିବାକୁ ଭୁଲନ୍ତୁ ନାହିଁ।

ଜୀବନ ଅଛି ମାନେ ମୃତ୍ୟୁ ତ ଅଛି, କିନ୍ତୁ କିଛି ହତଭାଗ୍ୟ ମାନଙ୍କୁ ପୂର୍ଣ୍ଣ ଜୀବନର ଢ଼େର ପୂର୍ବରୁ ମାଡ଼ି ବସିଥାଏ ଦୁର୍ଭାଗ୍ୟର କଳା ବାଦଲ। ଆଦୌ ଆରୋଗ୍ୟ ହେବାର କୌଣସି ସମ୍ଭବ ହେବା ନଥିବା ରୋଗୀ କେବଳ ଲାଇଫ ସପୋର୍ଟ ବା କୃତ୍ରିମ ଜୀବନ ନିର୍ବାହ ପ୍ରଣାଳୀରେ ବଞ୍ଚି ରହୁଥିବାରୁ ପୁଣି ସେମାନେ ଅସହ୍ୟ କଷ୍ଟ ଯନ୍ତ୍ରଣାରେ ବଞ୍ଚି ରହୁଥିବାରୁ ମରଣାନ୍ତକ ଯନ୍ତ୍ରଣାରୁ ମୁକ୍ତି ଦେବା ପାଇଁ ଅନେକ ବ୍ୟକ୍ତି ସ୍ୱେଚ୍ଛାସେବୀ ସଂଗଠନ ଏହି ରାୟର ପୂର୍ବରୁ ବିଭିନ୍ନ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ମଧ୍ୟ ମାମଲା ଦାଏର କରିଥିଲେ। ତେବେ ଇଚ୍ଛାମୃତ୍ୟୁ ହୁଏତ ଆଇନ ଅଦାଲତରେ ମୋହର ଲାଗିବା ପରେ ଅନେକଙ୍କ ଜୀବନ ଦୀପ କଷ୍ଟମୟ ଯନ୍ତ୍ରଣା ଓ ଲୁହ ଭିତରୁ ବର୍ତ୍ତି ପାରିବ କିନ୍ତୁ ମାନବିକତା ଓ ମାନସିକତାର କଥା ଉଠିଲେ କିପରି ଏ ଦୁନିଆରେ ଆମେ ଯେଉଁଠି ସମସ୍ତେ ନିଜ ନିଜ ସ୍ୱପ୍ନ, କର୍ମ, ଆହ୍ୱାନକୁ ନେଇ ବଞ୍ଚି ଚାଲିଛେ ଠିକ ଆମରି ପାଖରେ ରହୁଥିବା ଜଣେ ତାଙ୍କ ଜୀବନ ଦୀପକୁ ସେ ନିର୍ବାପିତ କରିବା ପାଇଁ ଇଚ୍ଛା କରୁଛନ୍ତି ଏବଂ ଆମ ଠାରୁ ଦୂରେଇ ଯାଉଛନ୍ତି ମଧ୍ୟ।

ପୁରୀଘାଟ ରୋଡ଼, କଟକ
ମୋ:୯୪୩୭୧୬୩୪୦୬

## ସଂପାଦକଙ୍କୁ ପତ୍ର

### ଯୁବଶକ୍ତି ପାଇଁ କ୍ଷତିକାରକ ହେଉଛି

ମହାଶୟ,

ବର୍ତ୍ତମାନର ଯୁବସମାଜ ଦେଶର ପ୍ରମୁଖ ଶକ୍ତିକେନ୍ଦ୍ର ଭାବେ ଅଭିହିତ ହୋଇଆସୁଛି । ସେମାନଙ୍କ ଉପରେ ଦେଶର ଭବିଷ୍ୟତର ସ୍ୱପ୍ନ ନିର୍ଭର କରୁଛି । ସେମାନେ ଯେତେ ଦକ୍ଷ, ସକ୍ଷମ ଏବଂ ବିକଶିତ ହେବେ ଦେଶର ଅବସ୍ଥା ସେତେ ସୁଧୁରିବ। କିନ୍ତୁ ବର୍ତ୍ତମାନର ଯୁବସମାଜ ଅତ୍ୟଧିକ ଗୋଷ୍ଠୀ କନ୍ଦଳ, ନିଶା ଏବଂ ମୋବାଇଲ୍ ବ୍ୟବହାରରେ ଅଧିକ ସମୟ ଦେଉଛନ୍ତି । ଯୁବଶକ୍ତି ହିଁ ରାଷ୍ଟ୍ରର ପ୍ରମୁଖ ଅସ୍ତ୍ର ସାଜିଥାନ୍ତି। ସମାଜ ତଥା ଦେଶର ପ୍ରଗତି ନିମିତ୍ତ ଯୁବଗୋଷ୍ଠୀଙ୍କର ଭୂମିକା ସର୍ବାଗ୍ରେ ମହତ୍ତର ହୋଇଥାଏ। ସେମାନେ ସଶକ୍ତ ହେଲେ ହିଁ ଦେଶ ବିକଶିତ ହୋଇପାରିବ। ପ୍ରାଚୀନ କାଳରେ ଉତ୍କଳର ସାଧବ ପୁଅମାନେ ନୌବାଣିଜ୍ୟ କରିବା ଉଦ୍ଦେଶ୍ୟରେ ଦୂରଦେଶକୁ ଗମନ କରି ଦେଶାନ୍ତରରୁ ବିପୁଳ ଧନରତ୍ନ ଆନୟନ କରୁଥିଲେ। ବାସ୍ତବ ପକ୍ଷେ ସେଇମାନେ ହିଁ ଥିଲେ ଆମର ଗର୍ବ ଏବଂ ଗୌରବ। ସମୟର କରାଳ ସ୍ରୋତରେ ଅତୀତର ସ୍ମୃତିମାନ ସତେକି ସଲୀଳ ସମାଧି ନେଇଛି। ସାଂପ୍ରତିକ ସମାଜରେ ଅଧୁନା ଯୁବବର୍ଗଙ୍କର ସ୍ଥିତି ଖୁବ ଦୁର୍ବିସହ ହୋଇପଡ଼ିଛି। ନିଜର ଶକ୍ତି ଓ ସାମର୍ଥ୍ୟକୁ ଏମାନେ ଗୋଷ୍ଠୀକନ୍ଦଳ ଓ ଧର୍ମାନ୍ଧତାରେ ବ୍ୟୟ କରୁଛନ୍ତି। ଜାତି, ଧର୍ମ, ସାଂପ୍ରଦାୟିକତାର ନାମେ ଏଠି ନିତ୍ୟଦିନ ରକ୍ତପାତ ସଂଘଟିତ ହେଉଛି। ଧରଣୀ ମାତାର ପବିତ୍ର କାୟା ଆଜି ରକ୍ତରଞ୍ଜିତ ହୋଇଉଠିଛି। ଏହା ଏକ ଅତ୍ୟନ୍ତ ବିଡ଼ମ୍ବନାର ପ୍ରସଙ୍ଗ ଅଟେ। ଯୁବସୁଲଭ ଉଦ୍ଦାମତା ସଠିକ ରୂପେ ଯଥାର୍ଥ କାର୍ଯ୍ୟରେ ବିନିଯୋଗ ହେବା ଆବଶ୍ୟକ ହୋଇଥାଏ। ଆଳସ୍ୟତା ଆଜିର ଯୁବପିଢ଼ିଙ୍କୁ ବହୁମାତ୍ରାରେ ଗ୍ରାସ କରିଛି। ସ୍ମାର୍ଟଫୋନର ଅଯଥା ଉପଯୋଗ ସେମାନଙ୍କର ବ୍ୟକ୍ତିତ୍ୱ ଗଠନ ଦିଗରେ ମୁଖ୍ୟ ପ୍ରତିବନ୍ଧକ ସାଜିଥାଏ। ଅତ୍ୟାଧୁନିକ ଯୁଗରେ ସ୍ମାର୍ଟଫୋନର ଆବଶ୍ୟକତା ରହିଛି ସତ ପରନ୍ତୁ ନିଜର ଆବଶ୍ୟକତାଠାରୁ ବହୁ ଅତ୍ୟଧିକ ବ୍ୟବହାର ଆମକୁ କୁଫଳ ପ୍ରଦାନ କରିଥାଏ। ଏହା ଆମର ଶାରୀରିକ, ମାନସିକ ଓ ବୌଦ୍ଧିକ କ୍ଷମତାକୁ ବିଲୁପ୍ତ କରିଦିଏ ତତସହିତ ଆମର ସାମାଜିକ ସମ୍ବନ୍ଧ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ହ୍ରାସ ପାଇଥାଏ। ଯୁବପିଢ଼ିଙ୍କ ଉପରେ ଦେଶର ଭବିଷ୍ୟ ନିର୍ଭରଶୀଳ। ଏମାନଙ୍କ ମଧ୍ୟରେ ପ୍ରଚୁର ସମ୍ଭାବନା ନିହିତ ଥାଏ। ଏଣୁ ଆଜିର ଯୁବଶକ୍ତି ଏଥିପ୍ରତି ବିଶେଷ ଧ୍ୟାନକେନ୍ଦ୍ରିତ କରିବା ଜରୁରୀ ଅଟେ। ଯୋଗ, ବ୍ୟାୟାମ ଉଭୟ ଶାରୀରିକ ଓ ମାନସିକ ବିକାଶ କ୍ଷେତ୍ରରେ ଅତୀବ ଫଳପ୍ରଦ ହୋଇଥାଏ। ବିଶେଷ କରି ଯୁବଗୋଷ୍ଠୀଙ୍କ ଲାଗି ଏହା ଅତ୍ୟନ୍ତ ଉପାଦେୟ ଅଟେ। କର୍ମ ବିମୁଖ ନହୋଇ ଶ୍ରମ ସାଧନ କରିବା ବାଞ୍ଛନୀୟ। ପ୍ରତିଦିନ ପୁସ୍ତକ ଓ ଖବରକାଗଜ ପଠନ ପରି ସୁଅଭ୍ୟାସ ଆମର ବୌଦ୍ଧିକ ବିକାଶରେ ବେଶ୍ ସହାୟକ ହୋଇଥାଏ। ପ୍ରକୃତି ସହ ସଂଯୋଗ ସ୍ଥାପନ ମଧ୍ୟ ଆମ ସଭିଙ୍କ ଲାଗି ବହୁ ଗୁରୁତ୍ୱପୂର୍ଣ୍ଣ ଅଟେ। ପରିବେଶର ସନ୍ତୁଳନକୁ ବଜାୟ ରଖିବା ସହିତ ନିଜର ମାନସିକ ପ୍ରଶାନ୍ତି ଲାଗି ଆମକୁ ବିପୁଳ ପରିମାଣରେ ବୃକ୍ଷରୋପଣ କରିବାକୁ ହେବ।

ସତ୍ୟଜିତ ସାହୁ, ପୁରୀ

# ଅଙ୍ଗଦାନ, ଶ୍ରେଷ୍ଠଦାନ

**ପ୍ରଫେସର ଉମେଶ ଚନ୍ଦ୍ର ପାତ୍ର**

ଅଙ୍ଗଗ୍ରହିତାଙ୍କ ପାଇଁ ପ୍ରତ୍ୟାରୋପଣ ଅର୍ଥ ହେଉଛି ପୁନର୍ଜୀବନର ସୁଯୋଗ। ଏହା ଅନେକଙ୍କୁ ପୁଣି ଥରେ ସ୍ୱାଭାବିକ ଜୀବନକୁ ଫେରାଏ। ଆଗରୁ ଲୋକେ ଅଙ୍ଗଦାନ କ'ଣ ତାହା ଠିକ୍ ଭାବରେ ବୁଝିପାରୁନଥିଲେ। ଏବେ କିନ୍ତୁ ଲୋକେ ସଚେତନ ହେଲେଣି। ମୃତ୍ୟୁ ପରେ ଅଙ୍ଗପ୍ରତ୍ୟଙ୍ଗର ପୁନଃଚକ୍ରଣ ଯେ ହୋଇପାରେ ସେ କଥା ସାଧାରଣ ଲୋକେ ବି ବୁଝିଲେଣି। ମୃତ୍ୟୁପରେ ନିଜ ଅଙ୍ଗଦାନ ପାଇଁ ରାଜି ହେଲେଣି। ହେଲେ ଏତିକିରେ କ'ଣ ଦାୟିତ୍ୱ ସରିଗଲା ? ଆପଣ ଅଙ୍ଗଦାନ ପାଇଁ ରାଜି ହୋଇଗଲେମାନେ କ'ଣ ମୃତ୍ୟୁ ପରେ ଆପଣଙ୍କ ଅଙ୍ଗ କାମରେ ଲାଗିଯିବ ? ଏହାର ନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରକ୍ରିୟା ଅଛି। ଆଇନଗତ ବ୍ୟବସ୍ଥା ଅଛି। ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ଚାହୁଁଥିଲେ ପ୍ରଥମେ ନିଜ ନାମ ପଞ୍ଜିକରଣ କରାନ୍ତୁ। ନାମ ପଞ୍ଜିକରଣ କରାଇଥିଲେ ପ୍ରତ୍ୟାରୋପଣ ଯୋଗ୍ୟ ଅଙ୍ଗପ୍ରତ୍ୟଙ୍ଗକୁ କାମରେ ଲଗାଇବା ଉଭୟ ଡାକ୍ତର ଓ ପ୍ରତ୍ୟାରୋପଣକାରୀଙ୍କ ପାଇଁ ସହଜ ହେବ। ନାମ ପଞ୍ଜିକରଣ ଅଙ୍ଗଦାନ ପ୍ରକ୍ରିୟାରେ ଅଯଥା ବିଳମ୍ବକୁ ହ୍ରାସ କରେ ଫଳରେ ପ୍ରତ୍ୟାରୋପଣର ସଫଳତା ବୃଦ୍ଧି ପାଏ। ବର୍ତ୍ତମାନ ଭାରତରେ କେନ୍ଦ୍ରୀୟ ପଞ୍ଜିକରଣ ବ୍ୟବସ୍ଥା ନାହିଁ। କିନ୍ତୁ ଏ ଦିଗରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଏନ୍‌ଜିଓ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି। ଆଗରୁ ଅନେକ ଧାର୍ମିକ ଅନ୍ଧବିଶ୍ୱାସ ଯୋଗୁଁ ଅଙ୍ଗଦାନ ପ୍ରତି ବୀତସ୍ପୃହ ଥିଲେ। ଶୋକସନ୍ତପ୍ତ ପରିବାରକୁ ଅଙ୍ଗଦାନ ପାଇଁ କହିବାକୁ ଡାକ୍ତରମାନେ ମଧ୍ୟ ସାହସ କରିପାରୁନଥିଲେ। କିନ୍ତୁ ଏବେ ଅନେକେ ଏ ନେଇ ଦୃଷ୍ଟିଭଙ୍ଗୀ ବଦଳାଇଲେଣି। ପ୍ରିୟଜନଙ୍କୁ ହରାଇବାର କ୍ଷତିକୁ ତ ଅସ୍ୱୀକାର କରିହେବନି। କିନ୍ତୁ ଏ ଭିତରେ ବି ଅନ୍ୟକୁ ଜୀବନ ଦେଇପାରିବାରେ ଆତ୍ମ ସନ୍ତୋଷ ଅଛି ଏକଥା ଅନେକ ଅନୁଭବ କଲେଣି। ଅଧ୍ୟୟନରୁ ଜଣାପଡ଼ିଛି ନିଜ ପ୍ରିୟଜନର ଅଙ୍ଗରେ ଅନ୍ୟଜଣେ ବଞ୍ଚିପାରିବା ପରିବାରର ଦୁଃଖର ବୋଝକୁ ଲାଘବ କରୁଛି। ଅନେକ ଅଙ୍ଗଦାତା ପରିବାର ଅନୁଭବ କରସାରିଲେଣି ସେମାନଙ୍କ କ୍ଷତି ଭିତରେ ଏଇ ଗୋଟିଏ ମାତ୍ର ସକାରାତ୍ମକ ଦିଗ ରହିଛି।

ପ୍ରତିବର୍ଷ ଜାତୀୟ ଅଙ୍ଗଦାନ ଦିବସ ପାଳିତ ହେଉଛି। ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କର ମୃତ୍ୟୁ ହେବାପରେ କିଡ଼ନୀ, ହାର୍ଟ, ଫୁସଫୁସ, ଲିଭର, ଅଗ୍ନାଶୟ, ପାନକ୍ରିୟାଜ ଆଦି ପ୍ରତିରୋପଣ କରାଯିବାର ବ୍ୟବସ୍ଥା ରହିଛି। ସମଗ୍ର ବିଶ୍ୱରେ ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଆମେରିକା ଓ ଚୀନ ପରେ ଭାରତର ସ୍ଥାନ ତୃତୀୟ। ୨୦୧୩ରେ ୪୯୯୦ଟି ଅଙ୍ଗଦାନ ହୋଇଥିବାବେଳେ ୨୦୨୨ରେ ଏହି ସଂଖ୍ୟା ୧୫୫୬୧କୁ ବୃଦ୍ଧି ପାଇଛି। ଭାରତରେ କେବଳ ପାଖାପାଖି ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର କିଡ଼ନୀ ପ୍ରତିରୋପଣ ଦରକାର ପଡ଼ିଥାଏ। ତେବେ ସର୍ବପ୍ରଥମେ ଭାରତରେ ୧୯୯୪ ମସିହାରେ ସରକାରଙ୍କ ଦ୍ୱାରା ମାନବ ଅଙ୍ଗ ପ୍ରତିରୋପଣ ଆଇନ ଗୃହୀତ ହେବାପରେ ୧୯୯୭ ମାର୍ଚ୍ଚ ୨୭ରେ ମୁମ୍ବାଇ ଠାରେ ସର୍ବପ୍ରଥମ କାଡ଼ାଭରିକ୍ କିଡ଼ନୀ ପ୍ରତିରୋପଣ ହୋଇଥିଲା।

କିନ୍ତୁ ଏହାର ପୂର୍ବରୁ ପ୍ରଥମ ସଫଳ କାଡ଼ାଭରିକ ହାର୍ଟ ପ୍ରତିରୋପଣ ଅଗଷ୍ଟ ୩, ୧୯୯୪ରେ ହୋଇଥିଲା। ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଏଭଳି ଏକ ଚିକିତ୍ସା ସେବାକୁ ସ୍ମରଣ କରିବା ପାଇଁ ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ସଚେତନତା ବୃଦ୍ଧି କରାଯାଉଛି। ଅଙ୍ଗଦାନ ହାରକୁ ବୃଦ୍ଧି କରିବା ପାଇଁ ବ୍ୟାପକ ସଚେତନତା ଦ୍ୱାରା ଏକ ବଡ଼ ବାର୍ତ୍ତା ଦିଆଯିବା ପାଇଁ କାର୍ଯ୍ୟ କରୁଛି ତାହା ହେଉଛି 'ମୃତ୍ୟୁ ପରେ ଜଣେ ଅଙ୍ଗଦାତା କିପରି ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଜୀବିତ ରୁହେ ତାକୁ ନେଇ ସଚେତନତା ସୃଷ୍ଟି କରିବା।' ୨୦୨୦ ଫେବୃଆରୀରେ ଓଡ଼ିଶାରେ ସର୍ବପ୍ରଥମେ କାଡ଼ାଭରିକ କିଡ଼ନୀ ପ୍ରତିରୋପଣ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ କରାଯାଇଥିଲା। ଓଡ଼ିଶା ସରକାର ଅଙ୍ଗଦାତାଙ୍କୁ ସେମାନଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷ ସମ୍ମାନ ପ୍ରଦାନ କରିବା ସହ ତାଙ୍କ ପରିବାରକୁ ସୁରଜ ସମ୍ମାନରେ ସମ୍ମାନିତ କରାଯାଉଛି। ଏହା ରାଜ୍ୟରେ ଅଙ୍ଗଦାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସଚେତନତା ଦେବ। ବର୍ତ୍ତମାନ ସୁଦ୍ଧା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ୨୧୨ଟି କିଡ଼ନୀ ପ୍ରତିରୋପଣ କରାଯାଇଛି। ସେମାନଙ୍କ ଭିତରୁ କେବଳ ୧୪ଟି କାଡ଼ାଭରିକ୍ ପ୍ରତିରୋପଣ। ଚଳିତ ବର୍ଷ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଗଷ୍ଟ ୫ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ସଚେତନଧର୍ମୀ ସ୍ଲୋଗନ ରହିଛି - 'ମୁଁ ଜଣେ ଅଙ୍ଗଦାତା'। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଲିଭର ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ୭ଟି ଲିଭର ପ୍ରତିରୋପଣ ସଫଳତାର ସହ ହୋଇଥିବାବେଳେ ସେଥିମଧ୍ୟରୁ ୨ଟି ହେଉଛି କାଡ଼ାଭରିକ ପ୍ରତିରୋପଣ। ୨ଟି କାଡ଼ାଭରିକ ଲିଭର ପ୍ରତିରୋପଣରୁ ଗୋଟିଏ ଏସସିବିରେ ହୋଇଛି। ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡେ଼ଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧ୍ୟରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତିତ, ଭାଇ-ଭଉଣୀ ଆଦି ସାମିଲ ।

ତେବେ ଏ ସବୁ ଭିତରେ ପ୍ରତିବର୍ଷ ହଜାର ହଜାର ରୋଗୀ ପ୍ରତ୍ୟାରୋପଣ ପାଇଁ ଅପେକ୍ଷା କରି କରି ଶେଷ ନିଶ୍ୱାସ ତ୍ୟାଗ କରନ୍ତି। କାରଣ ସେମାନଙ୍କ ପାଇଁ ଉପଯୁକ୍ତ ଅଙ୍ଗଦାତା ମିଳନ୍ତି ନାହିଁ। ଦିନକୁ ଦିନ ଏ ସମସ୍ୟା ଆହୁରି ବଢୁଛି। ଭାରତରେ ପ୍ରତିବର୍ଷ ୫ଲକ୍ଷ ଲୋକେ ଅଙ୍ଗ ପ୍ରତ୍ୟାରୋପଣ ଅଭାବରୁ ପ୍ରାଣ ହରାନ୍ତି। ଏ ମଧ୍ୟରୁ ୨ଲକ୍ଷ ଲୋକ ମୃତ୍ୟୁବରଣ କରନ୍ତି କେବଳ ଲିଭର ଅକାମୀ ହୋଇଯିବା କାରଣରୁ। ୫୦ ହଜାର ବ୍ୟକ୍ତି ହୃଦ୍ ରୋଗରେ ପ୍ରାଣହରାନ୍ତି। ଦେଢ଼ଲକ୍ଷ ରୋଗୀ କିଡ଼ନୀ ପ୍ରତ୍ୟାରୋପଣ କରନ୍ତି କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୫ ହଜାର ଜଣ କିଡ଼ନୀ ପାଇବାକୁ ଭାଗ୍ୟବାନ ବିବେଚିତ ହୁଅନ୍ତି। ଭାରତରେ ୧୦ଲକ୍ଷ କର୍ଣ୍ଣିଆ ଜନୀତ ରୋଗ ଯୋଗୁ ଅନ୍ଧତ୍ୱରେ ଜୀବନ କାଟନ୍ତି। ଏମାନେ ମଧ୍ୟ କର୍ଣ୍ଣିଆ ପ୍ରତ୍ୟାରୋପଣ ଦ୍ୱାରା ସ୍ୱାଭାବିକ ଦୃଷ୍ଟିଶକ୍ତି ଫେରିପାଇ ପାରିବେ। ଭାରତ ପରି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ପ୍ରତ୍ୟାରୋପଣ ଯୋଗ୍ୟ ଅଙ୍ଗ ନମିଳିବା ପ୍ରକୃତରେ ଦୁଃଖର ବିଷୟ। ଅଧ୍ୟୟନରୁ ଜଣାପଡ଼ିଛି ୧୨୦ କୋଟି ଜନସଂଖ୍ୟା ବିଶିଷ୍ଟ ଭାରତରେ ୧ନିୟୁତ ଲୋକଙ୍କ ପାଇଁ ମାତ୍ର ୦.୦୮ ଅଙ୍ଗଦାତା ଅଛନ୍ତି। ବୈଶ୍ୱିକ ପରିସଂଖ୍ୟାନ ତୁଳନାରେ ଏହି ହାର ଖୁବ୍ କମ। ସରକାରଙ୍କ ବ୍ୟତୀତ ଅନେକ ଦାତବ୍ୟ ସଂଗଠନ ଏହି କାର୍ଯ୍ୟକ୍ରମ ପାଇଁ ଆଗେଇ ଆସୁଅଛନ୍ତି। ଲୋକମାନଙ୍କ ଭିତରେ ଦିନକୁ ଦିନ ସଚେଦନତା ମଧ୍ୟ ବଢୁଛି। ଜୀବନରେ ଜଣେ ଶ୍ରେଷ୍ଠ ସେବା ଭାବେ ଅଙ୍ଗଦାନ ଦ୍ୱାରା ଯେଉଁ ଉତ୍ସର୍ଗୀକୃତ ସେବା କରିଥାନ୍ତି ତାହା ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଯୋଗାଇଥାଏ।

କଟକ
ମୋ: ୯୪୩୭୦୫୧୯୫୭

# ଶୀତଳଭଣ୍ଡାର ନଥିବାରୁ କ୍ଷତି ସହୁଛନ୍ତି ପରିବା ଚାଷୀ

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ରେ ଅବବାହିତ ବୈତରଣୀ ନଦୀର ବାମ ପାର୍ଶ୍ୱ ଗ୍ରାମ ଓ କୋଚିଲା ନଦୀର ଉଭୟ ପାର୍ଶ୍ୱର ଗ୍ରାମରେ ପ୍ରଚୁର ପରିମାଣର ପରିବା ଚାଷ ହେଉଛି । ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ସୈଲ,ମମାଦୁଲା,ନଦିଗାଁ ପଞ୍ଚାୟତରେ ତିନିଘରିଆ, ହସନାବାଦ ପଞ୍ଚାୟତର ପଙ୍ଗଟା, ପଣ୍ଡାସାହି, ନୂଆସାହି,ମଠସାହି,ଘାଟକୁଳ,ପାଳସାହି ପଞ୍ଚାୟତର ସାହୁସାହି,ଗଡ଼ଗଡ଼ି , କୁଳସାହି , ଗାନ୍ଧୀଘାଟ ଶାସନ ଆଦି ଗ୍ରାମ ହେଉଛି କୃଷିଭିତ୍ତିକ ଅଞ୍ଚଳ । ଏହି ଗ୍ରାମରେ ଖରିଫ ସମୟରେ ପ୍ରଚୁର ଧାନ ଚାଷ ସହିତ ରବି ଋତୁରେ ପ୍ରଚୁର ପରିମାଣରେ ପନିପରିବା ଚାଷ କରି ଲୋକେ ଜୀବିକା ନିର୍ବାହ କରନ୍ତି । ଏସବୁ ଗ୍ରାମର ଲୋକ ସଂଖ୍ୟା ପ୍ରାୟ ୧୦ ହଜାରରୁ ଅଧିକ । ଏସବୁ ଅଞ୍ଚଳରେ ପ୍ରାୟ ୮୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ଏହି ଅଞ୍ଚଳରେ ଚାଷୀ ମାନେ ଅନେକ ବୈଜ୍ଞାନିକ ପ୍ରଣାଳୀରେ ପନିପରିବା ଚାଷ କରି ରୋଜଗାର କରୁଥିଲେ ମଧ ଶୀତଳଭଣ୍ଡାର ନ ଥିବାରୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି.କଷ୍ଟ ଉପାର୍ଜିତ ପନିପରିବାକୁ ଉଚିତ ମୂଲ୍ୟ ମିଳୁ ନଥିବାବେଳେ ବେପାରୀ ସେଥିରୁ ଭଲ ଲାଭ କରୁଛନ୍ତି ।




ବୈତରଣୀ ଓ କୋଚିଲା ନଦୀ ଜଳକୁ ବ୍ୟବହାର କରି ଚାଷୀ ବର୍ଷକ ବାର ମାସ ପନିପରିବା, ବିରି,ମୁଗ, ଧାନ ଆଦି ଚାଷ କରୁଛନ୍ତି । ପ୍ରାୟ ଦୁଇରୁ ତିନି ହଜାର ଏକରରୁ ଅଧିକ ଚାଷଜମି ରହିଥିବା ବେଳେ ଉଠା ଜଳ ସେଚନର ବ୍ୟବସ୍ଥା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଛି । ବାଲିପାଟଣା, ତିନିଘରିଆ ପଙ୍ଗଟା,ପଣ୍ଡାସାହି, ଗଡ଼ଗଡି , କୁଳସାହି, ଗାନ୍ଧୀଘାଟ ଆଦି ଗ୍ରାମରେ ହେକ୍ଟର ହେକ୍ଟର କ୍ଷେତରେ ପନିପରିବା ଚାଷ ହେଉଛି। ଶୀତଳଭଣ୍ଡାରର ସୁବିଧା ନ ଥିବାରୁ ଚାଷୀ ମାନେ ବାଧ ହୋଇ ବେପାରୀଙ୍କୁ ଦେଉଛନ୍ତି ଓ ଚାଷୀ ଗାଡ଼ି ଭଡା କରି ଯାଜପୁର,ଭଦ୍ରକ ଆଦି ଅନ୍ୟାନ୍ୟ ଗଦିଲେ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦାମରେ ବିକ୍ରି କରୁଛନ୍ତି । ଏ ଅଞ୍ଚଳରେ ଶୀତଳଭଣ୍ଡାର ସ୍ଥାପନ ହେଲେ ଟମାଟୋ ସସ୍, ଆଳୁ ଚିପ୍ସ ଆଦି ଛୋଟ କୃଷି ଉଦ୍ୟୋଗ ଗଢ଼ିଉଠିବ ଏହା ଚାଷୀଙ୍କ ଆର୍ଥିକ ସ୍ଥିତି ସୁଧାରିବ ବୋଲି ଚାଷୀ କରିଛନ୍ତି । ଉଦ୍ୟାନ ଅଧିକାରୀ କହିଛନ୍ତି, ବୈତରଣୀ,କୋଚିଳା ପାର୍ଶ୍ୱର ଗ୍ରାମ ପନିପରିବା ଚାଷର ପେଣ୍ଠସ୍ଥଳ। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଶୀତଳ ଭଣ୍ଡାର ପାଇଁ ସହାୟତା ଦେଉଛନ୍ତି । କେନ୍ଦ୍ର ସରକାର ରାଷ୍ଟ୍ରୀୟ ଉଦ୍ୟାନ ଓ ସମନ୍ୱିତ କୃଷି ବିକାଶ ଯୋଜନାରେ ସହାୟତା ଯୋଗାଇ ଦେଉଛନ୍ତି.ଚାଷୀଙ୍କୁ ବିଭିନ୍ନ ସଭା ସମିତିରେ ସଚେତନ କରାଯାଇଛି, କିନ୍ତୁ ନିଜସ୍ୱ ଅର୍ଥରେ ଶୀତଳ ଭଣ୍ଡାର କରିବାକୁ ସେମାନଙ୍କର ଆଗ୍ରହ ନ ଥିବା ପରିଲକ୍ଷିତ ହେଉଛି। ଯଦି କୌଣସି ଚାଷୀ ଆଗ୍ରହ ପ୍ରକାଶ କରିବେ, ସରକାରୀ ସହଯୋଗ ଦିଆଯିବ ବୋଲି ସେ କହିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର



ନୂଆପଡ଼ା : ରାଜ୍ୟ ସରକାର ବିଦ୍ୟୁତ୍ ଭିତ୍ତିଭୂମିରେ ଉନ୍ନତିକରଣ ସହ ଲୋକଙ୍କୁ ସୁବିଧାରେ ବିଦ୍ୟୁତ୍ ଯୋଗାଣ ପାଇଁ ଟାଟା କମ୍ପାନୀ ହାତରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। କିନ୍ତୁ କେତେକ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ବିଦ୍ୟୁତ୍ ଯୋଗାଣରେ ଅବ୍ୟବସ୍ଥା ସହ ଟାନ୍ସଫର୍ମର ମଧ ବିପଦପୂର୍ଣ୍ଣ ଭାବେ ମୁକୁଳା ପଡ଼ିଥିବାର ପରିଲକ୍ଷିତ ହେଉଛି। ଏହାର ଏକ ଉଦାହରଣ ନୂଆପଡ଼ା ଜିଲ୍ଲାରେ ଦେଖାଦେଇଛି। ପ୍ରକାଶ ଯେ, ନୂଆପଡ଼ା ସଦର ବ୍ଲକ କେରମେଲି ଗାଁ ବରପଡା ଛକଠାରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ବିପଦ ସଙ୍କୁଳ ଅବସ୍ଥାରେ ରହିଛି। ଟ୍ରାନ୍ସଫର୍ମର ଚାରି ପାର୍ଶ୍ୱରେ ତାର ବାଡ କିମ୍ବା ପାଚେରି ନିର୍ମାଣ ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଓ ମୌଖିକ ଭାବରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଗାଁର ତିନିଛକ ହୋଇଥିବାରୁ ଜନଗହଳି ଲାଗିବା ସହ ଗ୍ରାମ୍ୟ ଜଳଯୋଗାଣ ବିଭାଗର ପାଣିଟାଙ୍କି ମଧ ରହିଛି। ସୁରକ୍ଷା ବାଡ ନ ଥିବାରୁ ଅନେକ ସମୟରେ ବନ୍ୟଜନ୍ତୁ ଓ ଗୃହ ପାଳିତ ଗାଈ, ମଇଁଷି, ଛେଳି,ମେଣ୍ଢା ଇତ୍ୟାଦି ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରୁଥିବା ଅଭିଯୋଗ ହେଉଛି। ସେହି ରାସ୍ତା ନୂଆପଡା-ଟାନୱାଟ ଦେଇ ସୁନାବେଡାକୁ ସଂଯୋଗ କରିଛି। ଅଳ୍ପ ଦୂର ହୋଇଥିବାରୁ ଲୋକେ ସେହି ରାସ୍ତା ଦେଇ ନୂଆପଡାରୁ ସୁନାବେଡା ଯାଇଥାନ୍ତି। କୌଣସି ବଡ ଅଘଟଣ ଘଟିବା ପୂର୍ବରୁ ବିଦ୍ୟୁତ୍ ? ବିଭାଗ ମୁକୁଳା ଟ୍ରାନ୍ସଫର୍ମର ଚାରି ପାର୍ଶ୍ୱରେ ତାରବାଡ କିମ୍ବା ପାଚେରି ନିର୍ମାଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଅସୁରକ୍ଷିତ ଅବସ୍ଥାରେ ଜୈନ କୀର୍ତ୍ତିରାଜି

କୋରାପୁଟ: ଐତିହ୍ୟ ସଂପନ୍ନ କୋରାପୁଟ ଜିଲ୍ଲାରେ ଜୈନ କୀର୍ତିରାଜି ଅସୁରକ୍ଷିତ। ପ୍ରାଚୀନ ଜୈନମୂର୍ତି ଚୋରି ମାଫିଆ ସକ୍ରିୟ ହେଲେଣି। ଶହ ଶହ ବର୍ଷ ପୁରୁଣା ପଥର ଖୋଦେଇ ମୂର୍ତିକୁ ଆଦିବାସୀ ଇଷ୍ଟଦେବୀ ତଥା ଦେବତା ଭାବେ ପୂଜା କରୁଥିଲା ବେଳେ ମାଫିଆ ତାହାକୁ ବାରମ୍ବାର ଟାର୍ଗେଟ୍ କରୁଛନ୍ତି। ଗତ କିଛି ବର୍ଷ ମଧ୍ୟରେ ଅନେକ ପ୍ରାଚୀନ ମୂର୍ତି ଚୋରି ହୋଇଥିଲେ ସୁଦ୍ଧା ପୁଲିସ ହାତ ଖାଲି। ତେଣୁ ଐତିହ୍ୟ ସଂପନ୍ନ ପୁରାତନ ମୂର୍ତି ଲୋପ ପାଇବାରେ ଲାଗିଛି। ଚଳିତବର୍ଷ ଅଗଷ୍ଟରେ ନନ୍ଦପୁର ବ୍ଲକ୍ ସୁବାଇ ଜୈନ ମନ୍ଦିରରୁ ପ୍ରାଚୀନ ମୂର୍ତି ଚୋରି ହୋଇଥିଲା। ମନ୍ଦିର କମିଟି ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ସତ୍ତ୍ୱେ ମାଫିଆଙ୍କ ସୁରାକ ପାଉନି ପୁଲିସ। ସେହିପରି ୨୦୧୪ ମସିହାରେ ସୁବାଇ ଜୈନ ମନ୍ଦିରରୁ ତିନୋଟି ଜୈନ ମୂର୍ତି ଚୋରି ହୋଇଥିଲା। ଗତ ଏପ୍ରିଲ ମାସରେ କୋରାପୁଟ ସଦର ଥାନା ଅନ୍ତର୍ଗତ କେଚଲାରେ ଖୋଲା ଆକାଶ ତଳେ ପୂଜା ପାଉଥିବା ୭ଟି ଜୈନମୂର୍ତି ମଧ୍ୟରୁ ସବୁଠାରୁ ବଡ଼ ମୂର୍ତି ଚୋରି ହୋଇଥିଲା। ମାଫିଆ କେବଳ ପୁରାତନ ଜୈନ ମୂର୍ତିକୁ ଟାର୍ଗେଟ୍ କରୁନାହାନ୍ତି, ବିଭିନ୍ନ ସମୟରେ ଦୁର୍ଲଭ ମୂର୍ତି ଚୋରି କରିଛନ୍ତି। ଯେମିତି ୨୦୨୨ ମସିହାରେ ନନ୍ଦପୁର ବ୍ଲକ୍ ବୁଢ଼ାଭୈରବ ପୀଠରୁ ବିରଳ ଗଣେଶ, ସରସ୍ୱତୀ ଓ ଦୁର୍ଗାଙ୍କ ମୂର୍ତି ଚୋରି କରିଥିଲେ। ସହକାରୀ ପ୍ରଫେସର ପ୍ରୀତିଧାରା ସାମଲଙ୍କ ମତରେ ପ୍ରାୟ ଷଷ୍ଠ ଶତାବ୍ଦୀ ବେଳକୁ ନନ୍ଦପୁରରୁ ଛତିଶଗଡ଼ ପର୍ଯ୍ୟନ୍ତ ଏକ ଉନ୍ନତ ଜୈନ ସଂସ୍କୃତି, ବିଶେଷ କରି ଅବିଭକ୍ତ କୋରାପୁଟରୁ ଛତିଶଗଡ଼ ପର୍ଯ୍ୟନ୍ତ ଅଂଚଳରେ ଜୈନ ସଂସ୍କୃତି ପ୍ରଚାର ପ୍ରସାର ହୋଇଥିଲା। ସେହି ସମୟରେ ସୁବାଇଠାରେ ଗୋଟିଏ ସ୍ଥାନରେ ୫ଟି ମନ୍ଦିର ନିର୍ମାଣ କରି ୫ଟି ଭିନ୍ନ ଭିନ୍ନ ମୂର୍ତି ପ୍ରତିଷ୍ଠା ହୋଇଥିଲା। ସ୍ଥାନୀୟ ବାସିନ୍ଦା ଓ ଆଖପାଖ ଅଂଚଳବାସୀ ବିଭିନ୍ନ ହିନ୍ଦୁ ପର୍ବପର୍ବାଣିରେ ଏହି ମନ୍ଦିରଗୁଡିକରେ ପୂଜା କରୁଥିଲେ। ଏହି ଜୈନ କୀର୍ତିରାଜି ଦେଖିବା ପାଇଁ ଆନ୍ଧ୍ର, ଛତିଶଗଡ଼ ସହ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଆସୁଛନ୍ତି। ମନ୍ଦିରର ବିକାଶ ପାଇଁ କମିଟି ବି ଗଠନ ହୋଇଛି। ଜିଲ୍ଲାର ଏକ ମାତ୍ର ଜୈନ ମନ୍ଦିରର ଯେଉଁଭଳି ବିକାଶ ହେବା କଥା ହୋଇପାରୁନି।



# ସବୁଥାଇ ବି କଳାହାଣ୍ଡି ପଛୁଆ



କଳାହାଣ୍ଡି: ରତ୍ନଗର୍ଭା କଳାହାଣ୍ଡି ଜିଲ୍ଲା ବିଭିନ୍ନ ରତ୍ନପଥର ଓ ଖଣିଜ ସମ୍ପଦରେ ପରିପୂର୍ଣ୍ଣ। ଏଠାରେ ପ୍ରାକୃତିକ ସମ୍ପଦ ବି ଭରି ରହିଛି। ତଥାପି ଏହି ଜିଲ୍ଲା ପଛୁଆ। ଏସବୁ ସମ୍ପଦର ସୁବିନିଯୋଗ ହେଉ ନଥିବାରୁ ଏଭଳି ସ୍ଥିତି ହୋଇଥିବା ନେଇ ଜନସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲ୍ଲାରେ ସମୁଦାୟ ୧୪୨ଟି ବୃହତ୍ ଖଣି ଉତ୍ସ ଓ ୧୨ଟି ରତ୍ନପଥର ଉତ୍ସ ଠାବ ହୋଇଥିବା ବେଳେ ସରକାରୀ ଭାବେ ଏହାର ନିଲାମ ହେଉ ନାହିଁ। ଫଳରେ ଚୋରାଚାଲାଣକାରୀଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଜିଲ୍ଲାର ୧୩ଟି ବ୍ଲକ୍‌ରେ ବ୍ୟାପକ ରୂପେ ବୃହତ୍ ଖଣି ଉତ୍ସ ରହିଛି। ୨୦ରୁ ଅଧିକ ରତ୍ନଖଣି ଉତ୍ସ ରହିଥିବା ବେଳେ ୧୪୨ରୁ ଅଧିକ ବୃହତ୍ ଖଣି ଉତ୍ସ ରହିଛି। ଥୁଆମୂଳ ରାମପୁରରେ ୧୭ଟି ବକ୍ସାଇଟ୍ ଓ ୨ଟି କାରୁଣ୍ଡମ୍ ରୁବି ଉତ୍ସ ରହିଛି। ଜୁନାଗଡ଼ରେ ୩ଟି ଓ ଧର୍ମଗଡ଼ରେ ଗୋଟିଏ କାରୁଣ୍ଡମ୍ ରୁବି ଉତ୍ସ ରହିଛି। ସେହିପରି ଥୁଆମୂଳ ରାମପୁରରେ ଗୋଟିଏ ସିଟ୍ରାଇଟ୍ ଆମେଥିସ୍ତ ଓ ଗୋଟିଏ ବେରାଇଲ୍ ଖଣି ଥିବା ସୂଚନା ମିଳିଛି। କେସିଙ୍ଗାରେ ୫ଟି, ନର୍ଲାରେ ୨ଟି ଓ ମଦନପୁର ରାମପୁରର ୬ଟି ସ୍ଥାନରେ ଗେଲେନା ଖଣି ଉତ୍ସ ଠାବ କରାଯାଇଛି। କେସିଙ୍ଗାରେ ୧୭ଟି, ନର୍ଲାରେ ୭ଟି ଓ ମଦନପୁର ରାମପୁରର ୯ଟି ସ୍ଥାନରେ ଗ୍ରାଫାଇଟ୍ ଖଣି ଉତ୍ସ ରହିଛି। ନର୍ଲାରେ ୨ଟି, ମଦନପୁର ରାମପୁରରେ ୨ଟି, ଭବାନୀପାଟଣାରେ ଗୋଟିଏ, କୋକସରାରେ ୨ଟି ଓ ଧର୍ମଗଡ଼ର ଗୋଟିଏ ସ୍ଥାନରେ ଲାଇମ୍ କାଙ୍କର ଖଣି ଚିହ୍ନଟ ହୋଇଛି।

ନର୍ଲାରେ ୨ଟି, ମଦନପୁର ରାମପୁରରେ ୪ଟି, ଭବାନୀପାଟଣାରେ ୪ଟି, କୋକସରାରେ ୨ଟି, ଜୁନାଗଡ଼ରେ ୫ଟି ଏବଂ ଜୟପାଟଣାର ୧୦ଟି ସ୍ଥାନରେ ବ୍ୟାପକ ରୂପେ କ୍ୱାର୍ଜ ଓ କ୍ୱାର୍ଜାଇଟ୍ ଖଣି ଠାବ ହୋଇଛି। ମଦନପୁର ରାମପୁରର ୪ଟି ସ୍ଥାନରେ ମାଙ୍ଗାନିଜ ଖଣି ରହିଥିବା ଜଣାଯାଇଛି। ଭବାନୀପାଟଣାରେ ୨ଟି, କୋକସରାରେ ଗୋଟିଏ, କେଗାଁରେ ୩ଟି, ଜୁନାଗଡ଼ରେ ୯ଟି ଓ ଧର୍ମଗଡ଼ର ୪ଟି ସ୍ଥାନରେ ଆୟୋଲାଇଟ୍ ଖଣି ଉତ୍ସ ରହିଛି। ସେହିଭଳି କେଗାଁରେ ୨ଟି, ଜୁନାଗଡ଼ରେ ଗୋଟିଏ, ଧର୍ମଗଡ଼ରେ ୪ଟି ଗାର୍ନେଟ୍ ଖଣି ଉତ୍ସ ରହିଛି। ଭବାନୀପାଟଣାରେ ଗୋଟିଏ ଆକ୍ୱା ମେରାଇନ୍ ଟୋପାଜ, ଆମେଥିଷ୍ଟ ଖଣି ଓ ଧର୍ମଗଡ଼ରେ ୨ଟି ଏନ୍ସଟାଟାଇଟ କ୍ୟାଟ୍‌ଆଇ ଖଣି ଉତ୍ସ ରହିଛି। ଏହି ଖଣିଗୁଡ଼ିକର ନିଲାମ ହେଉ ନ ଥିବା ଯୋଗୁଁ ମାଫିଆମାନେ ବେଧଡ଼କ ଖଣି ଚୋରି କରୁଛନ୍ତି। ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ହସ୍ତକ୍ଷେପ କରି ରାଜସ୍ୱହାନି ରୋକିବାକୁ ଜିଲ୍ଲାବାସୀ ଦାବି କରିଛନ୍ତି।

### ଦୁର୍ଗମ ଅଞ୍ଚଳବାସୀଙ୍କୁ ଅବହେଳା

# ଏଏନଏମ ସେଣ୍ଟର, ମିଶନଶକ୍ତି ଭବନ ଓ ସ୍କୁଲ କୋଠା କାର୍ଯ୍ୟ ଅଧାପନ୍ତରିଆ, ଗଛ ତଳେ ଚାଲିଛି ପଞ୍ଚାୟତ ଅଫିସ୍



କଳାହାଣ୍ଡି : କଳାହାଣ୍ଡି ଜିଲା ଆଦିବାସୀ ଅଧୁଷିତ ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ଅଞ୍ଚଳ ପୋଡାପଦର ପଞ୍ଚାୟତକୁ ବର୍ତ୍ତମାନ ଦୁର୍ଗମ ଅଞ୍ଚଳ ଭାବି ଅଣଦେଖା କରାଯାଉଛି । ପାହାଡ଼ ପର୍ବତ ଘେରରେ ରହିଥିବା ଯୋଗୁ ଆଜିବି ଅବହେଳିତ ଅବସ୍ଥାରେ ଜୀବନ ଅତିବାହିତ କରୁଛନ୍ତି ଏଠିକାର ଲୋକେ । ସରକାରଙ୍କ ମୌଳିକ ସୁବିଧା ସୁଯୋଗ ଏମାନଙ୍କ ପାଇଁ ସାତ ସପ୍ନ ପାଲଟିଛି। ଏଠାରେ ଗୁରୁତ୍ୱପୂର୍ଣ୍ଣ କଥା ଲୋକଙ୍କ କାର୍ଯ୍ୟରେ ଲାଗୁଥିବା ପଞ୍ଚାୟତ ଗୃହଟିଏ ନିର୍ମାଣ ହେବାକୁ ବର୍ଷ ବର୍ଷ ବିତିଯାଉଛି ହେଲେ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। କେବଳ ଏଠାରେ ଠିକାଦାର ପୋଷା ନୀତିରେ ଚାଲିଛି ପୋଡା ପଦର ପଞ୍ଚାୟତର ବିକାଶ ବୋଲି ଅଞ୍ଚଳବାସୀ ଅଭିଯୋଗ କରିବା ସହ ସ୍ଥାନୀୟ ସରପଞ୍ଚ ରାଏ ସିଂ ମାଝୀ ମଧ ବିଭାଗୀୟ ଯନ୍ତ୍ରୀ ଖାଇଦେଇଛନ୍ତି ଟଙ୍କା ସେଥିପାଇଁ ଆମ ଗ୍ରାମପଞ୍ଚାୟତର ନିର୍ମାଣ ଧିନ ଗୃହ ସବୁ ସମ୍ପୂର୍ଣ୍ଣ ହୋଇପାରୁନାହିଁ ବୋଲି ଗଣମାଧ୍ୟମ ଆଗରେ ବାଖାଣିଛନ୍ତି । ପୋଡାପଦର ଅଞ୍ଚଳ ଆଗରୁ ତାଳନଗୀ ପଞ୍ଚାୟତ ଅଧୀନରେଥିଲା। ୨୦୧୭ ମସିହାରେ ୧୮ ଟି ଗାଁକୁ ନେଇ ପୋଡାପଦରକୁ ନୂତନ ପଞ୍ଚାୟତ ଗଠନ କରାଗଲା । ଏହାପରଠାରୁ ଆଜକୁ ଦୁଇ ଥର ପଞ୍ଚାୟତ ନିର୍ବାଚନ ଶେଷ ହୋଇଯାଇଛି। ଏହି ପଞ୍ଚାୟତ ନିମନ୍ତେ ୨୦୧୭ ମସିହାରେ ୩୫ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ଏକ ପଞ୍ଚାୟତ ଗୃହ ନିର୍ମାଣ କାମ ଆରମ୍ଭ କାରାଗଲା। ହେଲେ ଆଜକୁ ୭ ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି ତଥାପି ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ଶେଷ ହୋଇ ପାରିଲା ନାହିଁ। ଏଠାରେ କେବଳ ପଞ୍ଚାୟତ ଗୃହ ନୁହେଁ ସେହିଭଳି ପଞ୍ଚାୟତ ଗୃହ ପରିସରରେ ପୁଣି ନିର୍ମାଣ ହେଉଥିବା ଗ୍ରାହକ ସେବା କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାଜୀବ ଗାନ୍ଧୀ ଭବନ, ପଞ୍ଚାୟତ ଗୋଦାମ ଗୃହ ଏଏନଏମ ସେଣ୍ଟର, ମିଶନ ଶକ୍ତି ଭବନ ଏବଂ ସ୍କୁଲ କୋଠା ମଧ ସେହିଭଳି ଅଧାପନ୍ତରିଆ ଭାବେ ପଡି ରହିଛି । ଅଞ୍ଚଳରେ ଅନେକ ସମସ୍ୟା ଥିବା ବେଳେ ଆଜି ପର୍ଯ୍ୟନ୍ତ ଆଦିବାସୀଙ୍କର ଏହି ସବୁ ସମସ୍ୟାର ସମାଧାନ ଦିଗରେ ନିର୍ବାଚିତ ପ୍ରତିନିଧି ନା ରାଜନେତା କି ପ୍ରଶାସନ ମଧ କୌଣସି ପ୍ରକାରେ ଚେଷ୍ଟା କରୁ ନ ଥିବା ନେଇ ଅଞ୍ଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି ହେଉଛି। ଏହାଫଳରେ ଏବେବି ଅଞ୍ଚଳର ଆଦିବାସୀମାନେ ହତାସାରେ ଜୀବନ ଯାପନ କରୁଛନ୍ତି। ଲୋକେ ବ୍ୟାଙ୍କ ସେବା, ଡାକ୍ତରଖାନା କିମ୍ବା ଅନ୍ୟ କୌଣସି ସେବା ପାଇବା ପାଇଁ ୭୦ କି.ମି ଥୁଆମୂଳ ରାମପୁର କିମ୍ବା ଇନ୍ଦ୍ରାବତୀ ନଦୀ ପାରହୋଇ ନବରଙ୍ଗପୁର ଯାଉଛନ୍ତି । ଏହାକୁ ଦୃଷ୍ଟିରେ ରଖି ଯଦି ଏହିଭଳି ଅଧାପନ୍ତରିଆ ସମସ୍ତ ଗୃହ ଗୁଡିକକୁ ଜରୁରୀକାଳୀନ ଭିତ୍ତିରେ ନିର୍ମାଣ କରାଯାଏ ତେବେ ନିଜ ଅଞ୍ଚଳରେ ଲୋକେ ସରକାରୀ ସେବା ପାଇପାରିବେ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଅଛି। ଏହି ପଞ୍ଚାୟତ ଦୁର୍ଗମ ଅଞ୍ଚଳ ହୋଇଥିବା ଯୋଗୁ କୌଣସି ଅଧିକାରୀ ମଧ ଏ ଅଞ୍ଚଳକୁ ଯାଉ ନାହାଁନ୍ତି । ଯାହା ଫଳରେ ଏହାର ଫାଇଦା ଉଠାଉଛନ୍ତି ଠିକାଦାର ଓ ଯନ୍ତ୍ରୀ। ଏଣୁ ତୁରନ୍ତ ଜିଲା ପ୍ରଶାସନ, ରାଜ୍ୟ ସରକାର ଏ ଗ୍ରାମପଞ୍ଚାୟତର ଦୁଃଖ ଶୁଣନ୍ତୁ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି । ଏନେଇ ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ପଚାରିବାରୁ ସେ ଅଞ୍ଚଳ ପାଇଁ ସିଧାସଳଖ ଗାଡ଼ି ମାଧ୍ୟମରେ କୌଣସି ମେଟେରିଆଲ ନେବା ପାଇଁ ସୁବିଧା ନାହିଁ କେବଳ ଯାହା ଯିବାକଥା ବୋଟ ମାଧ୍ୟମରେ ହିଁ ଅଳ୍ପ ଅଳ୍ପ ମେଟେରିଆଲ ଯାଉଛି ଏଣୁ କାମ ଏଭଳି ଭାବରେ ମନ୍ଥର ଗତିରେ ଚାଲିଛି ଆଗରୁ ଯେଉଁ ବିଭାଗ ପକ୍ଷରୁ ବ୍ରିଜ ନିର୍ମାଣ କରାଯାଇଥିଲା ବର୍ତ୍ତମାନ ତାହା ବନ୍ଦ ଅଛି ରାସ୍ତା ହୋଇଗଲେ ସେ ପଞ୍ଚାୟତ ପାଇଁ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇପାରିବ ଏବଂ ଆମେ ମଧ ଅଧାପନ୍ତରିଆ ରହିଥିବା ଗୃହ ଗୁଡ଼ିକ କେମିତି ଶୀଘ୍ର ସରିପରିବ ସେନେଇ ଚେଷ୍ଟା କରିବୁ ବୋଲି କହିଛନ୍ତି।

# ରାଜଧାନୀରେ ହେବ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ



**ଭୁବନେଶ୍ୱର(ପିପିଏସ୍):** ରାଜଧାନୀରେ ନିର୍ମାଣ ହେବ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ୍। ଏହି ହବ୍‌ର ନିର୍ମାଣ ଡିଜାଇନ, ସାଜସଜ୍ଜା, ପାର୍କିଂ ସ୍ଥଳ, ଫୁଡକୋର୍ଟ ସହ ସମ୍ପୂର୍ଣ୍ଣ କୋଠାକୁ ପୁରାତନ କଳାକୃତିରେ ଆକର୍ଷଣୀୟ କରାଯିବ। ଏହାସହ ଏହି କୋଠାରେ ବୟନିକା, ଉତ୍କଳିକା ଏବଂ ସମ୍ବଲପୁରୀ ବସ୍ତ୍ରାଳୟ ସହ ସରକାରୀ କାର୍ଯ୍ୟାଳୟ ରହିବ। ଏନେଇ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକରେ ଆଲୋଚନା ହୋଇଛି। ଓଡ଼ିଶାର ହସ୍ତଶିଳ୍ପ ଓ ହସ୍ତତନ୍ତର ପ୍ରସିଦ୍ଧି ସାରା ବିଶ୍ୱରେ ରହିଛି ଓ ରାଜ୍ୟ ତଥା ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକ ମାନେ ଓଡ଼ିଶାର ଏହି ସାମଗ୍ରୀ କିଣିବାରେ ବେଶ ଆଗ୍ରହ ଦେଖାଇଥାନ୍ତି। ଓଡ଼ିଶାର ଏହି ପ୍ରସିଦ୍ଧିକୁ ବିଶ୍ୱବ୍ୟାପୀ କରାଇବା ତଥା ରାଜ୍ୟରେ ହସ୍ତଶିଳ୍ପ ଓ ହସ୍ତତନ୍ତ ହବ୍ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ଯେଉଁ ଲକ୍ଷ୍ୟ ରହିଛି ତାହାକୁ ଆଗେଇ ନେବା ଲାଗି ଶୁକ୍ରବାର ନିର୍ମାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିସନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ହସ୍ତଶିଳ୍ପ ନିର୍ଦ୍ଦେଶକ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ନିବେଦିତା ପୃଷ୍ଟି, ଉପନିର୍ଦ୍ଦେଶକ ମାନଗୋବିନ୍ଦ ଜେନା, ନିର୍ମାଣ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ତଥା ସ୍ୱତନ୍ତ୍ର ଶାସନ ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ, ମୁଖ୍ୟଯନ୍ତ୍ରୀ ବିଲଡିଂ ପ୍ରିୟବ୍ରତ ସାମନ୍ତରାୟ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ମହାନନ୍ଦଙ୍କ ସମେତ ଅଧୀକ୍ଷଣ ଯନ୍ତ୍ରୀ ସଚିନ ସାହୁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମହିଳା ଆଇନଜୀବୀଙ୍କ ଦ୍ୱାରା ମହିଳାମାନେ ନ୍ୟାୟ ପାଇବେ




**ଭୁବନେଶ୍ୱର(ପିପିଏସ୍):** ଅଲ୍ ଓମେନ୍ସ ଆଡଭୋକେଟ୍ ଫୋରମ ଓ ଅଖିଳ ଭାରତୀୟ ସଂଯୁକ୍ତ ଅଧିବକ୍ତା ମଞ୍ଚ ମିଳିତ ଅନୁକୂଳରେ ଆର୍ନ୍ତଜାତୀୟ ମହିଳା ଦିବସ ପାନ୍ଥ ନିବାସରେ ପାଳିତ ହୋଇଯାଇଛି। ଫୋରମର ଅଧକ୍ଷା ଆଇନଜୀବୀ ହରପ୍ରିୟା ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ହାଇକୋର୍ଟ ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ କହିଥିଲେ ଯେ, ମହିଳା ଆଇନଜୀବୀଙ୍କ ଦ୍ୱାରା ହିଁ ମହିଳାମାନେ ନ୍ୟାୟ ପାଇ ପାରିବେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ହାମାରା ବଚପନର ପ୍ରତିଷ୍ଠାତା ଡ଼. ଧରାତ୍ରୀ ପଟ୍ଟନାୟକ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱର୍ଗତ ଶାନ୍ତିପ୍ରୀୟା ପଟ୍ଟନାୟକଙ୍କ ସ୍ମୃତିରେ ମହିଳା ଆଇନଜୀବୀ ଛାୟା ମିଶ୍ର, ଦିପ୍ତୀ ରେଖାନନ୍ଦ, ପ୍ରତିଭା ଦାଶ, ଋତୁପୂର୍ଣ୍ଣା ମହାନ୍ତି, ଶ୍ୱେତାଶର୍ମା, ଭୋପାଲ ସାଂସଦ ଅନିତା ସିଂଙ୍କୁ ସମାଜସେବୀ ମୃତ୍ୟୁଞ୍ଜୟ ମିଶ୍ର, ସଂଗିତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ, କଣ୍ଠଶିଳ୍ପୀ ଉମେଶ ଚନ୍ଦ୍ର ଦାସ ଓ ଆଇନଜୀବୀ ଲିଙ୍ଗରାଜ ସାହୁଙ୍କୁ ଅଟଳ କର୍ମବୀର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଜଗତଜିତା ନାରୀ ଭାବେ ଡ. ତୃପ୍ତୀ ପତି, ଡ. ଗୀତା ମଞ୍ଜରୀ ବେହେରା, ମମତାମହାନ୍ତି, ଡ. ସ୍ୱୟଂପ୍ରଭା ମହାନ୍ତି, ସାଗତିକା ସାମଲ, ସସ୍ମିତା ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ଗୀତାଞ୍ଜଳି ମହାପାତ୍ରଙ୍କୁ ସମ୍ମାନୀତ କରାଯିବା ସହ ୧୬ଜଣଙ୍କୁ ୟୁଥ୍ ଆଚିଭର ଭାବେ ଓ ମହିଳା ଆଇନଜୀବୀଙ୍କୁ ସମ୍ବାର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଙ୍କିତା ସଂଯୋଜନା କରିଥିବା ବେଳେ ବିଷ୍ଣୁପ୍ରିୟା ପୃଷ୍ଟି ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଆଇନଜୀବୀ ପ୍ରଶାନ୍ତ ରଞ୍ଜନ ପଟ୍ଟନାୟକ, ସନ୍ତୋଷ ଚୌଧୁରୀ, ଭୁବନେଶ୍ୱର ଓକିଲ ସଙ୍ଘ ଯୁଗ୍ମ ସମ୍ପାଦକ ରଶ୍ମୀ ରଞ୍ଜନ ମହାନ୍ତି ସମେତ ବହୁତ ଆଇନଜୀବୀ ସାମିଲ ହୋଇଥିଲେ।

# ଚିତ୍ରଶିଳ୍ପୀ ଗୋପାଳ କାନୁନ୍‌ଗୋଙ୍କ ଶ୍ରାଦ୍ଧୋତ୍ସବ

**ଭୁବନେଶ୍ୱର(ପିପିଏସ୍):** ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ରାଜ୍ୟ ସଂଗ୍ରହାଳୟର ସମ୍ମିଳନୀ କକ୍ଷଠାରେ ଚିତ୍ରଶିଳ୍ପୀ ସ୍ୱର୍ଗତ ଗୋପାଳ କାନୁନଗୋଙ୍କ ଶ୍ରାଦ୍ଧୋତ୍ସବ ଆୟୋଜିତ ହୋଇଛି। ଏହି ଅବସରରେ ଓଡ଼ିଶାର ବରିଷ୍ଠ ଚିତ୍ରଶିଳ୍ପୀ ରାମହରି ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥବା ବେଳେ ମୁଖ୍ୟବକ୍ତା ଭାବେ ଓଡ଼ିଶା ଲଳିତ କଳା ଏକାଡେମୀ ପୂର୍ବତନ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁ, ପୂର୍ବତନ ଅଧକ୍ଷ ଗଜେନ୍ଦ୍ର କୁମାର ପାଢୀ ସମ୍ମାନିତ ଅତିଥି ଭାବରେ ଓ ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ କବିତା ମହାନ୍ତି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ସାମଲ, ଖଲ୍ଲିକୋଟ ଚାରୁକଳା ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ସୁବ୍ରତ କୁମାର ମଲ୍ଲିକ୍ ମଧ ଉପସ୍ଥିତ ଥିଲେ।

# ମଣିପାଲ ହସ୍ପିଟାଲ୍‌ରେ କିଡ୍‌ନୀ ଦିବସ

**ଭୁବନେଶ୍ୱର(ପିପିଏସ୍):** ବିଶ୍ୱ କିଡନୀ ଦିବସ ଅବସରରେ ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ 'କେ ଆଣ୍ଡ ଡ଼ି ପର୍ଫମାନ୍ସ ରିଭ୍ୟୁ ଅଭିଯାନ' ନାମରେ ଏକ ନୂତନ ସାର୍ବଜନୀନ ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ଇଣ୍ଟର୍‌ଆକ୍ଟିଭ୍ ସେସନରେ ସାଧାରଣ ଲୋକେ ଯୋଗଦେଇ କିଡନୀ ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହି ଅଭିଯାନକୁ ଆକର୍ଷଣୀୟ କରିବା ପାଇଁ ହସ୍ପିଟାଲ୍ ପକ୍ଷରୁ 'କିଡ୍.' ଓ 'ନି' ନାମରେ ଦୁଇଟି ମାସକଟ୍ ମଧ୍ୟ ଉନ୍ମୋଚିତ କରାଯାଇଛି। ଏହି ମାସକଟ୍‌ମାନେ ଆସନ୍ତା ଏକ ସପ୍ତାହ ଧରି ଭୁବନେଶ୍ୱର ଓ କଟକର ବିଭିନ୍ନ ଅଞ୍ଚଳଗୁଡ଼ିକରେ ଲୋକମାନଙ୍କୁ କିଡନୀ ସ୍ୱାସ୍ଥ୍ୟ ବିଷୟରେ ସଚେତନ କରିବେ। ଅଭିଯାନରେ ମୂତ୍ରରୋଗ ବିଶେଷଜ୍ଞ ଡାକ୍ତର ମାନସ ରଞ୍ଜନ ପ୍ରଧାନ, ଡାକ୍ତର ସୁବୋଧ ଦାଶଙ୍କ ସମେତ କିଡନୀରୋଗ ବିଶେଷଜ୍ଞ ଡାକ୍ତର ସାଇଁ ପ୍ରସାଦ ସାହୁ ଏବଂ ଡାକ୍ତର ସୁକାନ୍ତ କିଶୋର ଦାଶ ସାମିଲ ହୋଇଛନ୍ତି।

# ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ଦୁଇଟି ପୁସ୍ତକ ଲୋକାର୍ପିତ



**ଭୁବନେଶ୍ୱର(ପିପିଏସ୍):** ଗୀତଗୋବିନ୍ଦ ସଦନରେ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀଙ୍କ ଦୁଇଟି ପୁସ୍ତକର ଲୋକାର୍ପଣ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି। ଉତ୍ସବରେ ଅତିଥି ଭାବେ ଜାତୀୟ ମାନବାଧିକାର ଆୟୋଗର ସଦସ୍ୟ ଡ. ନ୍ୟାୟମୂର୍ତ୍ତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଅନ୍ୟତମ ଅତିଥି ଭାବେ ଦୈନିକ 'ନିତିଦିନ'ର ସମ୍ପାଦକ ମନୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। ତିରୁପତିସ୍ଥ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାଧାପକ ଡ. ଭାରତଭୂଷଣ ରଥ, ଭାଷାବିଜ୍ଞାନୀ ଡ. ଦେବାଶିଷ ମହାପାତ୍ର ପୁସ୍ତକ ସମୀକ୍ଷା କରିଥିଲେ। ସଂସ୍କୃତକାବ୍ୟର ହିନ୍ଦୀ ଅନୁବାଦରେ ସହଯୋଗ କରିଥିବା ନାରାୟଣ ଦାସ ମାଓ୍ୱତଓ୍ୱାଲଙ୍କ ସହିତ ଉତ୍ସାହଦାତା ନୀଳାଦ୍ରିମୋହନ ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶ୍ରୀ ଅନନ୍ୟା ମିଶ୍ରଙ୍କ ସଂଯୋଜନା କରିଥିବା ବେଳେ ଗିରିଜା ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଚାକିରି ଲୋଭ ଦେଖାଇ ଠକେଇ, ଜଣେ ଗିରଫ

**ଭୁବନେଶ୍ୱର(ପିପିଏସ୍):** ଏବେ ବେକାରୀ ସମସ୍ୟା ବଢୁଥିବାବେଳେ ଚାକିରି ଆଶାୟୀଙ୍କ ସଂଖ୍ୟା ବି କମ୍ ନୁହନ୍ତି। ଫଳରେ ଏହାର ସୁଯୋଗ ନେଇ କିଛି ଠକ ସେମାନଙ୍କ ଶିକାର ଜାଲରେ ପକାଇ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ସାଇବର୍ ଠକେଇ ସାଙ୍ଗକୁ ଏବେ ଚାକିରି ଆଳ ଦେଖାଇ ଠକେଇ ବଢ଼ିବାରେ ଲାଗିଛି। ଏଏସ୍‌ଓ ଚାକିରି ଲୋଭ ଦେଖାଇ ଜଣେ ଠକ ୧୪ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଣେ ଠକକୁ ପୁଲିସ ଗିରଫ କରିଥିବା ବେଳେ ଏବେ ପୁଣି ସେହିଭଳି ଆଉଜଣେ ଠକକୁ ଚନ୍ଦ୍ରଶେଖରପୁର ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା କେନ୍ଦ୍ରାପଡ଼ା ଜିଲ୍ଲା ବଡ଼ସାଦେଇପୁର ଗ୍ରାମର ଅଶୋକ କୁମାର ପରିଡ଼ା। ଅଶୋକ ଭୁବନେଶ୍ୱରରେ ଶୈଳଶ୍ରୀ ବିହାର ଅଞ୍ଚଳରେ ରହୁଥିଲେ। ସେ ଅଷ୍ଟ୍ରେଲିଆରେ ଆଇଟି



ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ଦେଢ ଲକ୍ଷ ଟଙ୍କା ଠକି ନେଇଥିବା ପୁଲିସ ଜାଣିବାକୁ ପାଇଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ଅଶୋକ ତାଙ୍କ ସହଯୋଗୀ ରତିକାନ୍ତଙ୍କ ସହିତ ମିଶି ଅଭିଯୋଗକାରୀଙ୍କ ପୁଅ ବିଭୂତି ଭୂଷଣ ପ୍ରଧାନଙ୍କୁ ଅଷ୍ଟ୍ରେଲିଆରେ ଆଇଟି ଚାକିରି ଯୋଗାଇବାର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରିଥିଲେ। ସେହି ପ୍ରତିଶ୍ରୁତି ଉପରେ ବିଶ୍ୱାସ କରି ଅଭିଯୋଗକାରୀ ଅଭିଯୁକ୍ତ ଅଶୋକଙ୍କ ଆଇଡିବିଆଇ ବ୍ୟାଙ୍କ ଆକାଉଣ୍ଟକୁ ୧,୫୦,୦୦୦ ଟଙ୍କା ଟ୍ରାନ୍ସଫର କରିଥିଲେ। ଯିଏ ଛଅ ମାସ ମଧ୍ୟରେ ଚାକିରି ବ୍ୟବସ୍ଥା କରିଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଏକ ଜାଲ୍ ଅଫର ଲେଟର ପ୍ରଦାନ କରିଥିଲେ। ପରେ ଅଭିଯୋଗକାରୀଙ୍କ ଫୋନ୍ କଲ୍‌ର ଉତ୍ତର ଦେବା ବନ୍ଦ କରିଦେଇଥିଲେ। ଅଭିଯୋଗକାରୀ ଟଙ୍କା ଫେରସ୍ତ ପାଇଁ ଦାବି କରିବା ସତ୍ତ୍ୱେ ଅଭିଯୁକ୍ତ ଟଙ୍କା ଫେରସ୍ତ କରିନଥିଲେ। କୌଣସି ଯୋଗାଯୋଗ ରଖିନଥିଲେ। ତଦନ୍ତ ସମୟରେ ଅଭିଯୋଗକାରୀଙ୍କଠାରୁ ପ୍ରାସଙ୍ଗିକ କାଗଜପତ୍ର ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡିଥିଲା ଯେ ଅଭିଯୁକ୍ତ ବିଦେଶରେ ନିଯୁକ୍ତି ପ୍ରତିଶ୍ରୁତି ଦେଇ ଠକେଇ ଭାବରେ ଟଙ୍କା ଆଦାୟ କରି ଅଭିଯୋଗକାରୀଙ୍କୁ ଠକିଥିଲେ। ଏହା ସହିତ ଅଭିଯୁକ୍ତ ବିଦେଶରେ ଚାକିରି ଦେବା ବାହାନାରେ ଲୋକମାନଙ୍କଠାରୁ ଟଙ୍କା ଆଦାୟ କରୁଥିବା ଏକ ରାକେଟ୍‌ରେ ସମ୍ପୃକ୍ତ ଥିବା ଅଭିଯୋଗ ମଧ୍ୟ ରହିଛି। ପରେ ଏକ ଚଢ଼ାଉ ଜରିଆରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ପଚରାଉଚରା ସମୟରେ ସେ ଅପରାଧରେ ତାଙ୍କ ସମ୍ପୃକ୍ତି ସ୍ୱୀକାର କରିଥିଲେ। ଯାଞ୍ଚରୁ ଅଭିଯୁକ୍ତ ଚନ୍ଦ୍ରଶେଖରପୁର ଥାନାରେ ଅନ୍ୟ ଦୁଇଟି ମାମଲାରେ ମଧ୍ୟ ଜଡିତ ଥିବା ଜଣାପଡ଼ିଛି। ସେହିଭଳି ଗତ କିଛିଦିନ ତଳେ ଚାକିରି ଆଳରେ ୧୪ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୁକ୍ତକୁ କ୍ୟାପିଟାଲ ଥାନା ପୁଲିସ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ହେଉଛି ଖଲ୍ଲିକୋଟ ଥାନା ଗୋପପୁରର ବୁଲୁ ଗୌଡ଼ (୪୦)। ପୁଲିସ ସୂଚନା ମୁତାବକ, ଜୟପୁରର ସୁଶାନ୍ତ କୁମାର ପାଢ଼ୀ ୨୦୨୪ ମସିହାରେ ସରକାରୀ ସ୍ତରରେ ତାର ଦଖଲ ଅଛି ବୋଲି କହିଥିଲା। ଆଲୋଚନା ବେଳେ ସୁଶାନ୍ତଙ୍କ ପତ୍ନୀ ସୁନୀତା କୁମାରୀ ସାମନ୍ତରାୟ ଓ ଶାଳୀ ସାଗରିକା ପାତ୍ରଙ୍କର ସରକାରୀ ଚାକିରି କରାଇଦେବ ବୋଲି ବୁଲୁ ପ୍ରତିଶ୍ରୁତି ଦେଇଥିଲା। ସୁଶାନ୍ତ ତାର କଥାରେ ବିଶ୍ୱାସ କରି ବିଭିନ୍ନ ପର୍ଯ୍ୟାୟରେ ମୋଟ ୧୪ ଲକ୍ଷ ଟଙ୍କା ଦେଇଥିଲେ। ଏସବୁ ପରେ ବୁଲୁ ଚାକିରି ଦେଇନଥିଲା କି ଟଙ୍କା ମଧ ଫେରାଇ ନଥିଲା। ଏନେଇ ସୁଶାନ୍ତ କ୍ୟାପିଟାଲ ଥାନାରେ ଏତଲା ଦେବାପରେ ପୁଲିସ ବୁଲୁକୁ ଗିରଫ କରିଛି।

## ନଦୀରୁ ଅଜଣା ମୃତଦେହ ଉଦ୍ଧାର

**ଭୁବନେଶ୍ୱର(ପିପିଏସ୍):** ମଞ୍ଚେଶ୍ୱର ଥାନା ବରିମୁଣ୍ଡ ଗ୍ରାମ ବ୍ୟାଙ୍କ ଅଫ୍ ଇଣ୍ଡିଆନ ସମ୍ମୁଖ କୁଆଖାଇ ନଦୀରୁ ଏକ ଅଜଣା ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ଉଦ୍ଧାର ମୃତ ଯୁବକଙ୍କ ଆନୁମାନିକ ବୟସ ୪୦ବର୍ଷ ହେବ ବୋଲି ମଞ୍ଚେଶ୍ୱର ଥାନା ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ଶୁକ୍ରବାର ସକାଳୁ ବରିମୁଣ୍ଡ ଗ୍ରାମ କୁଆଖାଇ ନଦୀ ତୁଠ କଡରେ ଏକ ମୃତଦେହ ଭାସୁଥିବାର ଲୋକେ ଦେଖିଥିଲେ। ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ମୃତକ ଦେହରେ ଏକ ପଇତା ଥିବା ବେଳେ ଜିଭ କାମୁଡି ହୋଇ ରହିଛି। ମଞ୍ଚେଶ୍ୱର ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି ବୋଲି ଥାନା ଅଧିକାରୀ ଦୟାନିଧି ନାୟକ କହିଛନ୍ତି।

## ଜ୍ୟୋତିଷ ପଟ୍ଟନାୟକଙ୍କ ଦେହାନ୍ତ

**ଭୁବନେଶ୍ୱର(ପିପିଏସ୍):** ଅବସରପ୍ରାପ୍ତ ଓଡ଼ିଶା ସଚିବାଳୟ ସେବା (ଓଏସ୍‌ଏସ୍) ଅଧିକାରୀ ଜ୍ୟୋତିଷ ଚନ୍ଦ୍ର ପଟ୍ଟନାୟକ (୮୮)ଙ୍କର ବୁଧବାର ଟଙ୍କପାଣି ରୋଡ଼ସ୍ଥିତ ବାସଭବନଠାରେ ପରଲୋକ ହୋଇଯାଇଛି। ସେ କୃଷି ବିଭାଗର ଡେପୁଟି ସେକ୍ରେଟାରୀ ପଦରୁ ୧୯୯୮ ମସିହାରେ ଅବସର ଗ୍ରହଣ କରିଥିଲେ। ଆମେରିକାରେ ରହୁଥିବା ଏକମାତ୍ର ପୁତ୍ର ତୁଷାରକାନ୍ତି ପଟ୍ଟନାୟକ ବିମାନ ଚଳାଚଳରେ ଅନିୟମିତତା ଯୋଗୁଁ ପହଞ୍ଚିପାରି ନଥିବା ବେଳେ ମୃତ୍ୟୁଶଯ୍ୟା ନିକଟରେ ତିନିଝିଅ ଓ ଜ୍ୱାଇଁ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

# ମ୍ୟୁଲ୍ ଆକାଉଣ୍ଟରେ ଠକେଇ ଅଭିଯୋଗ, ଜଣେ ଗିରଫ

**ଭୁବନେଶ୍ୱର(ପିପିଏସ୍):** ଇନଫୋସିଟି ଥାନା ପୁଲିସ ସାଇବର ଠକେଇ କାରବାରରେ ଜଡ଼ିତ ଥିବା ସହ ମ୍ୟୁଲ୍ ଆକାଉଣ୍ଟ ପରିଚାଳନା କରି ବେଆଇନ ଭାବେ ଟଙ୍କା ଗ୍ରହଣ କରିବା ଓ ପଠାଇବା ଅଭିଯୋଗରେ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା ଇନଫୋସିଟି ଥାନା ଅନ୍ତର୍ଗତ ଦେଉଳିଆ ପାଟଣା ଗ୍ରାମର ରତି ରଞ୍ଜନ ସାହୁ ଓରଫ ଶିବୁ। ଅଭିଯୁକ୍ତ ନିକଟରୁ ଗୋଟିଏ ଫୋନ, ଏକ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ଜବତ କରିବା ସହ ଅଦାଲତ ଚାଲାଣ କରିଛି ପୁଲିସ। ମିଳିଥିବା ସୂଚନା ଅନୁସାରେ ଶିବୁ ଗତ କିଛିମାସ ହେବ ସଂଗଠିତ ସାଇବର୍ ଠକେଇ ସିଣ୍ଡିକେଟ ସହ ଜଡିତ ଥିବା ସହ ଗ୍ୟାଙ୍ଗରେ ସକ୍ରିୟ ସଦସ୍ୟ ଥିଲେ। ଠକ ଶିବୁ ଅନଲାଇନ ଠକେଇ ମାଧ୍ୟମରେ ପ୍ରାପ୍ତ ଟଙ୍କା ଗ୍ରହଣ ଓ ସ୍ଥାନାନ୍ତର ପାଇଁ ବିଭିନ୍ନ ଲୋକଙ୍କୁ ଫସାଇ ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ସଂଗ୍ରହ ଓ ପରିଚାଳନା କରୁଥିଲେ। ଅଭିଯୁକ୍ତ ଶିବୁ ରଶପେ ନାମକ ଏକ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ବେଆଇନ ଭାବେ ଟଙ୍କା ପଠାଇବା ଓ ଗ୍ରହଣ କରିବା କାର୍ଯ୍ୟରେ ସଂପୃକ୍ତି ଥିବା ଜଣାପଡିଥିଲା। ଯାହା କ୍ରିପ୍ଟୋକରେନ୍ସି ପେମେଣ୍ଟ ସିଷ୍ଟମ ଭଳି କାମ କରେ। ତାହାକୁ ବ୍ୟବହାରକାରୀ ମାନେ ରାଇସ ପୁଲର କଏନ କ୍ରୟ ବିକ୍ରୟ କରିଥାନ୍ତି। ସାଇବର ଠକେଇ ବଢୁ ଥିବାରୁ କମିସନରେଟ ପୁଲିସ ପକ୍ଷରୁ ଏବେ ମ୍ୟୁଲ ଆକାଉଣ୍ଟ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ତେଣୁ ଅଧିକ ତଦନ୍ତ ବେଳେ ଜଣାପଡିଥିଲା ଯେ ଶିବୁ ରଶପେ ଲିଙ୍କ ସହ କାର୍ଯ୍ୟ କରୁଥିବା ଏକ ହ୍ୱାଟଆପ ଗ୍ରୁପରେ ମଧ ସକ୍ରିୟ ସଦସ୍ୟ ଥିଲେ। କମିସନ ଆଦାୟ ପାଇଁ ଏହା ମାଧମରେ ବ୍ୟଙ୍କ ଆକାଉଣ୍ଟରୁ ରଶପେ ପ୍ଲାଟଫର୍ମକୁ ଠକେଇ ଟଙ୍କା ପଠାଯାଉଥିଲା। ଏଥିପାଇଁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଏକ ଆକାଉଣ୍ଟ ଖୋଲା ଯାଇଥିଲା। ଅଭିଯୁକ୍ତ ଗତ କିଛି ମାସ ମଧରେ ଏହି କାର୍ଯ୍ୟ ମାଧ୍ୟମରେ ପ୍ରାୟ ୪୦ ହଜାର ଟଙ୍କା କମସନ ବାବଦରେ ରୋଜଗାର କରିଥିଲେ।ଏତେ ମାତ୍ରାର ବ୍ୟାଙ୍କ ଆକାଉଣ୍ଟରେ କାରବାର ଯୋଗୁ କର୍ତ୍ତୃପକ୍ଷଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ସନ୍ଦେହ ଜନକ ସାଇବର ଠକେଇ କାରବାରରେ ଲିପ୍ତ ଯୋଗୁ ବ୍ୟାଙ୍କ ଉକ୍ତ ଆକାଉଣ୍ଟକୁ ଫ୍ରିଜ କରାଯାଇଥିଲା। ସେଥିରେ ପ୍ରାୟ ୨୦ ହଜାର ଟଙ୍କା ଥିଲା ଯାହା ଠକେଇ ଟଙ୍କା ବୋଲି ଜଣାପଡିଛି। ଏହି ଘଟଣାରେ ଇନଫୋସିଟି ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରି ପଚରାଉଚରା କରିବା ବେଳେ ସେ କୌଣସି ସନ୍ତୁଷ୍ଟ ଜନକ ଉତ୍ତର ଦେଇ ପାରି ନ ଥିଲେ। ଏନେଇ ଇନଫୋସିଟି ଥାନାର ଏସଆଇ ସୌମ୍ୟରଞ୍ଜନ ସାହୁଙ୍କ ଲିଖିତ ଅଭିଯୋଗ ଆଧାରରେ ଆଜି ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି ପୁଲିସ।

# ଶିକ୍ଷକ ନିଯୁକ୍ତି ଦାବିରେ ବିଧାନସଭା ଆଗରେ ଧାରଣା

**ଭୁବନେଶ୍ୱର(ପିପିଏସ୍):** ଓଡ଼ିଶାର ସମସ୍ତ ସ୍କୁଲ ଗୁଡ଼ିକରେ ଓଡିଆ ଭାଷା ଶିକ୍ଷକ ନିଯୁକ୍ତି ଦାବି ନେଇ ଆଶାୟୀ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଓଡିଆ ଶାସ୍ତ୍ରୀୟ ଭାଷା ଦିବସରେ ବିଧାନସଭା ସମ୍ମୁଖରେ ଶତାଧିକ ଓଡ଼ିଆରେ ସ୍ନାତକ ଓ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ଶିକ୍ଷାର୍ଥୀ ଏକତ୍ରିତ ହୋଇ ସରକାରଙ୍କର ଓଡ଼ିଆ ଭାଷାର ଶିକ୍ଷାର୍ଥୀମାନଙ୍କୁ ଅବହେଳା ପ୍ରଦର୍ଶନ କରୁଥିବାର ଅଭିଯୋଗ କରିଛନ୍ତି। ସରକାରଙ୍କ ପୂର୍ବ ଘୋଷଣା ଅନୁଯାୟୀ ପ୍ରତି ହାଇସ୍କୁଲ୍‌ରେ ଓଡିଆ ଶିକ୍ଷକ ନିଯୁକ୍ତି ଦେବାପାଇଁ ଦାବି କରିଛନ୍ତି। ପ୍ରତି ଉଚ୍ଚ ବିଦ୍ୟାଳୟରେ ଓଡିଆ ଶିକ୍ଷକ ନିଯୁକ୍ତି ପାଇଁ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଆଶାୟୀ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।

# ଗ୍ରୀଷ୍ମ ଦାଉରୁ ପକ୍ଷୀଙ୍କ ସୁରକ୍ଷା ନେଇ ସୁବଳଙ୍କ ନିଆରା ପ୍ରୟାସ

**ଭୁବନେଶ୍ୱର(ପିପିଏସ୍):** ଆରମ୍ଭ ହେଲାଣି ଖରା। ସେନେଇ କିଛି ପଶୁ ଏବଂ ପକ୍ଷୀ ପ୍ରେମୀ ମଧ୍ୟ ପ୍ରତିବର୍ଷ ଭଳି ଖରା ଆସିଲେ ପଶୁପକ୍ଷୀଙ୍କ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରୁଥିବା ଦେଖିବାକୁ ମିଳେ। ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ସୁବଳ ମହାରଣା। ସେ ମଧ୍ୟ ପ୍ରତିବର୍ଷ ଖରାଦିନ ଆସିଲେ ପକ୍ଷୀମାନଙ୍କ ସେବାରେ ନିୟୋଜିତ ହୋଇଥାନ୍ତି। ବର୍ତ୍ତମାନ ସେ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ। ହେଲେ ଅବସର ନେବା ପୂର୍ବରୁ ମଧ୍ୟ ସେ ଏହି କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଛନ୍ତି। ସମୟ କାଢି ସେ ଚଢ଼େଇମାନଙ୍କ ବସା ତିଆର କରୁଥାନ୍ତି। ସବୁଥର ପରି ଏଥର ମଧ୍ୟ ସେ ଲାଗିପଡିଛନ୍ତି ନିରୀହ ପକ୍ଷୀଙ୍କ ଆଶ୍ରୟ ପ୍ରସ୍ତୁତିରେ। କରୋନା ସମୟରୁ ଦୀର୍ଘ ୫ ବର୍ଷ ହେଲାଣି ସେ ଏଭଳି ଚଢ଼େଇଙ୍କ ପାଇଁ ବସା ତିଆରି କରୁଛନ୍ତି। ତା ସହ ପକ୍ଷୀଙ୍କ ପାଇଁ ଖାଦ୍ୟ ଓ ପାଣିର ବ୍ୟବସ୍ଥା ମଧ୍ୟ କରୁଛନ୍ତି। କେବଳ ଖରା ଦିନ ନୁହେଁ ବିଭିନ୍ନ ଋତୁ ଅନୁଯାୟୀ ପକ୍ଷୀମାନଙ୍କୁ ସୁହାଇଲା ଭଳି ବିଭିନ୍ନ ଋତୁରେ ଅଲଗା ଅଲଗା ବସା ସେ ତିଆରି କରିଥାନ୍ତି। ଘରେ ବ୍ୟବହାର ହେଉନଥିବା ପେଟି, ବସ୍ତା, ଟିଣ ଡବା, କୁଟା, ବାଡ଼ି ବଗିଚାର ପତ୍ର, ଗଛର ଚେର, ନଡ଼ିଆ କତା ତଥା ଘରର ବର୍ଜ୍ୟ ଆଦିରେ ଚଢ଼େଇମାନଙ୍କୁ ସୁହାଇଲା ଭଳି ବସା ତିଆରି କରୁଛନ୍ତି। ଏହାକୁ ତୁଳୀ ଓ ରଙ୍ଗ ସାହାଯ୍ୟରେ ଆକର୍ଷଣୀୟ ରୂପ ଦିଅନ୍ତି। ଚଳିତ ବର୍ଷ ଏକ ନୂଆରୂପର ବସା ସେ ମାଟିରେ ତିଆରି କରୁଛନ୍ତି। ଯାହାକି ଖରାରେ ପକ୍ଷୀମାନଙ୍କୁ ଥଣ୍ଡା ଅନୁଭବ କରାଇବ। ନିଜ ଆଖପାଖ



ଅଞ୍ଚଳ ତଥା ଖଣ୍ଡଗିରିରେ ବି ଏହି ବ୍ୟବସ୍ଥା କରୁଛନ୍ତି। ତାଙ୍କ କହିବା ଅନୁଯାୟୀ ସେମାନେ ବସାରେ ବର୍ଷସାରା ରହି ନଥାନ୍ତି। ସେମାନେ ଋତୁ ଅନୁଯାୟୀ ସେଠାକୁ ଆସିଥାନ୍ତି। ସେମାନଙ୍କ ରହିବା ବ୍ୟବସ୍ଥା ସହ ଖାଦ୍ୟ ଏବଂ ପାଣିର ସୁବିଧା ବି କରିଥାନ୍ତି। ଏ କଂକ୍ରିଟ ଜଙ୍ଗଲରେ ଚଢ଼େଇମାନେ ବାସହରା ହୋଇ ଏଠି ସେଠି ବୁଲୁଛନ୍ତି। ଖରା ଦାଉରୁ ମଣିଷ ଯେପରି ବଞ୍ଚି ଘରେ ରହିବା ପସନ୍ଦ କରନ୍ତି, ଚଢ଼େଇମାନଙ୍କୁ ମଧ୍ୟ ରହିବାକୁ ବସା ଲୋଡ଼ା ଥାଏ। ତେଣୁ ଏହି ଛୋଟ ପ୍ରୟାସ ଚଢ଼େଇମାନଙ୍କୁ ବେଶ ସହାୟ ହେବ ବୋଲି ତାଙ୍କ ବିଶ୍ୱାସ। ଆମ୍ବ, ଦେବଦାରୁ, ନିମ୍ବ, ବେଲ, ନଡ଼ିଆ ପରି କିଛି ଗଛରେ ବସା ରଖୁଛନ୍ତି। ପ୍ରତିଦିନ ସକାଳ ୬ରୁ ୭ଟା ଭିତରେ ବିଭିନ୍ନ ସ୍ଥାନକୁ ଯାଇ ଗଛରେ, ରାସ୍ତା କଡରେ ପାର୍କ ଭଳି ସ୍ଥାନକ ମାଟି ପାତ୍ରରେ ଚଢେଇଙ୍କ ପାଇଁ ପାଣି ରଖି ଆସୁଛନ୍ତି।

# ଜିନ୍ଦଲ ପାନ୍ଥର ପକ୍ଷରୁ 'ଶାନ୍ତ ସିଟି, ସେଫ୍ ସିଟି' ଅଭିଯାନ

**ଭୁବନେଶ୍ୱର(ପିପିଏସ୍):** ଜିନ୍ଦଲ ପାନ୍ଥର, ଜିନ୍ଦଲ ଷ୍ଟିଲର ରିଟେଲ ବ୍ରାଣ୍ଡ ପକ୍ଷରୁ ଆଜି ଭୁବନେଶ୍ୱରରେ 'ଶାନ୍ତ ସିଟି, ସେଫ ସିଟି' ଅଭିଯାନର ଶୁଭାରମ୍ଭ କରାଯାଇଛି। ସହରର ୮୭ ପ୍ରତିଶତ ବାସିନ୍ଦା ଟ୍ରାଫିକ୍ ଶବ୍ଦକୁ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ବୋଲି ମାନୁଥିବା ଏକ ଅନୁଧ୍ୟାନରୁ ଜଣାପଡ଼ିବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ଅଭିଯାନର ଲକ୍ଷ୍ୟ ହେଉଛି ସହରାଞ୍ଚଳର ଦୁଇଟି ପ୍ରମୁଖ ସମସ୍ୟା ଶବ୍ଦ ପ୍ରଦୂଷଣ ଏବଂ ସଡ଼କ ସୁରକ୍ଷାକୁ ମୁକାବିଲା କରିବା। ଏହି ବିଷୟରେ ଗଭୀର ଅନୁଧ୍ୟାନ ପାଇଁ ଜିନ୍ଦଲ ପାନ୍ଥର-ୟୁଗଭ୍ ସହ ମିଶି ଭୁବନେଶ୍ୱରରେ ଏକ ସର୍ଭେ କରିଥିଲା। ଯାହା ଶବ୍ଦ ପ୍ରଦୂଷଣ କିଭଳି ଜନଜୀବନ ଏବଂ ଶାରୀରିକ ସୁସ୍ଥତା ଉପରେ ପ୍ରଭାବ ପକାଉଛି, ତାହାର ଏକ ଚିନ୍ତାଜନକ ଚିତ୍ର ପ୍ରଦାନ କରିଛି। ଏହି ଅଭିଯାନ ସମ୍ପର୍କରେ ଜିନ୍ଦଲ ଷ୍ଟିଲର ସିଇଓ ଗୌତମ ମାଲହୋତ୍ରା କହିଛନ୍ତି, ଭାରତୀୟ ସହର ଗୁଡ଼ିକରେ ଟ୍ରାଫିକର ଘନତ୍ୱ ବୃଦ୍ଧି ପାଇଛି। ତଥାପି ଶବ୍ଦ ପ୍ରଦୂଷଣ ସହରୀ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପାଇଁ ଏକ ବଡ଼ ବିପଦ ହୋଇ ରହିଥିଲେ ମଧ ଏହା ଉପରେ ଆଲୋଚନା ଖୁବ୍ କମ୍ ହେଉଛି। 'ଶାନ୍ତ ସିଟି, ସେଫ ସିଟି' ହେଉଛି ଏହି ଆଲୋଚନାରେ ସାଧାରଣ ଜନତାଙ୍କୁ ସାମିଲ କରିବାର ଏକ ବଡ଼ ପ୍ରୟାସ। 'ଶାନ୍ତ ସିଟି, ସେଫ ସିଟି' ଏହି ଅଭିଯାନ ମାଧ୍ୟମରେ ପ୍ରଭାବଶାଳୀ ପରିବର୍ତ୍ତନ ଆଣିବା ପାଇଁ ଅଧିକ ଟ୍ରାଫିକ ଥିବା ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ, ରେଡ଼ିଓ ବିଜ୍ଞାପନ ଏବଂ ଗୋଷ୍ଠୀଗତ ଅଂଶଗ୍ରହଣ ଭଳି ଅନେକଗୁଡ଼ିଏ ପଦକ୍ଷେପ ନିଆଯିବ। ଭୁବନେଶ୍ୱରରୁ ଆରମ୍ଭ ହୋଇଥିବା ଏହି ଅଭିଯାନକୁ ପରବର୍ତ୍ତୀ ସମୟରେ ଜିନ୍ଦଲ ପାନ୍ଥର ଦେଶର ଅନ୍ୟାନ୍ୟ ଦ୍ୱିତୀୟସ୍ତରୀୟ ସହର ଗୁଡ଼ିକୁ ସମ୍ପ୍ରସାରଣ କରିବ।

# ସୋଆର ଆନୁଆଲ୍ ଟ୍ୟାଲେଣ୍ଟ ଏନ୍‌ଗେଜମେଣ୍ଟ କାର୍ଯ୍ୟକ୍ରମ

**ଭୁବନେଶ୍ୱର(ପିପିଏସ୍):** ଶୁକ୍ରବାର ଅନୁଷ୍ଠିତ ୩-ଦିନିଆ ସୋଆର ଆନୁଆଲ୍ ଟ୍ୟାଲେଣ୍ଟ ଏନ୍‌ଗେଜମେଣ୍ଟ କାର୍ଯ୍ୟକ୍ରମ 'ସୋଆ ପ୍ରକ୍ସିମା ୨୦୨୬'ର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୌର ଗୋପାଳ ଦାସ ଯୋଗଦେଇ କହିଛନ୍ତି ଯେ ଦକ୍ଷତା ଜରୁରୀ ହେଲେ ମଧ ସଫଳତା ହାସଲ କରିବା ନିମନ୍ତେ ଦୃଢ଼ ମନୋବୃତି ରହିବା ଉଚିତ୍। ସେ ମହାଭାରତ କାବ୍ୟର ଉଦାହରଣ ଦେଇ ଏହି ପ୍ରସଙ୍ଗକୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ସନ୍ଥ ଗୌର ଗୋପାଳ ଦାସଙ୍କୁ ସ୍ୱାଗତ କରିଥିଲେ। ସନ୍ଥ ଦାସ ତାଙ୍କୁ ସ୍ୱଲିଖିତ ଏକ ପୁସ୍ତକ ଉପହାର ଦେଇଥିଲେ। କାର୍ଯ୍ୟକ୍ରମର ସ୍ୱତନ୍ତ୍ର ପର୍ଯ୍ୟାୟ 'ସେଲିବ୍ରେସନ୍ ଅଫ୍ ଏକ୍ସିଲେନ୍ସ' ଅବସରରେ କର୍ପୋରେଟ ଜଗତର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା।

# ରୋଟାରୀ କ୍ଲବ୍ ପକ୍ଷରୁ ୧୦ ମହିଳା ସମ୍ମାନିତ




**ଭୁବନେଶ୍ୱର(ପିପିଏସ୍):** ରୋଟାରୀ କ୍ଲବ୍ ଭୁବନେଶ୍ୱର ଆଞ୍ଜେଲା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ରୋଟାରୀ ଡିଷ୍ଟ୍ରିକ୍ଟ ୩୨୬୨ର ନାରୀ ସଶକ୍ତୀକରଣ ଅଧ୍ୟକ୍ଷା ରୋଟାରିଆନ ମମତା ବାଜପେୟୀ, ସହ ଅଧ୍ୟକ୍ଷା ଅର୍ପିତା ମହାନ୍ତି ଏହି ଡିଷ୍ଟ୍ରିକ୍ଟ ଆଲୋଚନାଚକ୍ରକୁ ରୋଟାରୀ କ୍ଲବ୍ ଭୁବନେଶ୍ୱର ଆଞ୍ଜେଲାର ସହ ଭାଗିତାରେ ସଫଳ କରାଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରୋଟାରୀ ଜିଲ୍ଲା ୩୨୬୨ ପ୍ରାନ୍ତପାଳ ରୋଟାରିଆନ୍ ମନୋଜ କୁମାର ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଡ.ରୋଜାଲିନ୍ ପାଟ୍ଟଶାଣୀ ମିଶ୍ର, ଡ.ପ୍ରତିଭା ମହାରଥି, ସାଧନା ମିଶ୍ର, ଋତୁପର୍ଣ୍ଣା ମହାନ୍ତି ଯୋଗ ଦେଇଥିଲେ। ଏହି ଅବସରରେ ୧୦ ଜଣ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ଦୁଇ ଜଣ ବ୍ୟକ୍ତିଙ୍କୁ ହୁଇଲ୍ ଚେୟାର, ସ୍ୱାବଲମ୍ବୀ ପାଇଁ ଦୁଇ ମହିଳାଙ୍କୁ ସିଲେଇ ମେସିନ୍ ପ୍ରଦାନ କରାଯାଇଥିଲା। ରୋଟାରୀ କ୍ଲବ୍ ଆଞ୍ଜେଲା ସଭାପତି ରୋଟାରିଆନ ସୁରଭି ଦାଶ, ସମ୍ପାଦିକା ରୋଟାରିଆନ ଅମିତା ମିଶ୍ର, ସବିତା ମହାନ୍ତି, ଚୁମକି ଘୋଷାଲ, ଅମୀୟବାଳା ପରିଡା, ତୃପ୍ତିରେଖା ଭଞ୍ଜଦେଓ, ସୁଜାତା ସାହୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ

# ମାରଣାସ୍ତ୍ର ସହ ଧରାପଡ଼ିଲେ ୨ ଲୁଟେରା

**ଭୁବନେଶ୍ୱର(ପିପିଏସ୍):** ଭୁବନେଶ୍ୱର ଉପକଣ୍ଠ ଧଉଳି ଥାନା ପୁଲିସ ପାଟ୍ରୋଲିଂ କରୁଥିବା ସମୟରେ ଦୁଇ ପେସାଦାର ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ ଜିଲ୍ଲା ଦଶପଲ୍ଲା ଥାନା ବୁରୁସାହି ଗ୍ରାମର ସିଲୁ ଓରଫ ଶୁଭମ ଚନ୍ଦ୍ର ନାୟକ ଓ କଟକ ବିଡାନାଶି ସେକ୍ଟର-୬ ର ଆକାଶ ଓରଫ ସମିର ଚନ୍ଦ୍ର ଦାସ। ଆକାଶ ଭରତପୁର ଥାନା ଅଧୀନ ଏକ ଆୟୁର୍ବେଦିକ ସ୍ୱାସ୍ଥ୍ୟକେନ୍ଦ୍ରରେ କାମ କରନ୍ତି। ସେମାନଙ୍କ ଠାରୁ ପୁଲିସ ଏକ ତେଲେଙ୍ଗା କଟୁରି, ୨ଟା ମେଟାଲ ପଞ୍ଚ, ଗୋଟେ ମୋଟର ସାଇକଲ, ୨ ଟି ମୋବାଇଲ ଜବତ କରିଛି। ଜାମିନ ନାମଞ୍ଜୁର ହେବାରୁ ଝାରପଡା ସ୍ଥିତ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଖବରନେବାରେ ଜଣାପଡିଛି ଗୁରୁବାର ରାତିରେ ସହକାରୀ ଆୟୁକ୍ତ ବିଭୁନାରାୟଣ ସାହୁ ପୁଲିସ କର୍ମଚାରୀଙ୍କ ସହିତ ଅନ୍ୟ ଏକ ମାମଲାର ଅଭିଯୁକ୍ତଙ୍କୁ ଖୋଜୁଥିବାବେଳେ ଶିଶୁପାଳଗଡ଼ ଐତିହ୍ୟ ଫାଟକ ନିକଟରେ ଥିବା ଏକ ପାନ ଦୋକାନ ପାଖରେ ଅଭିଯୁକ୍ତ ସିଲୁ ଓ ଆକାଶ ସନ୍ଦେହଜନକ ଭାବରେ ଠିଆ ହୋଇଥିବାର ଦେଖିଥିଲେ। ପୁଲିସକୁ ଦେଖି ସମ୍ପୃକ୍ତ ସେମାନେ ଘଟଣାସ୍ଥଳରୁ ଖସିଯିବାକୁ ଚେଷ୍ଟା କରିଥିଲେ। ମାତ୍ର ପାଟ୍ରୋଲିଂ କର୍ମଚାରୀମାନେ ତୁରନ୍ତ ସେମାନଙ୍କୁ ପିଛା କରି କାବୁ କରିବାରେ ସକ୍ଷମ ହୋଇଥିଲେ। ଧରାପଡ଼ିବା ପରେ ଅଭିଯୁକ୍ତମାନେ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସେମାନଙ୍କୁ ମାରିଦେବା ପାଇଁ ଧମକ ଦେଇ ସରକାରୀ କାର୍ଯ୍ୟରେ ବାଧା ଦେଇଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ମାନଙ୍କୁ ବ୍ୟକ୍ତିଗତ ଭାବରେ ତଲାସୀ କରିବା ସମୟରେ ସେମାନଙ୍କ ହେପାଜତରୁ ମୁଣ୍ଡରେ ଆକ୍ରମଣ ପାଇଁ ବ୍ୟବହାର



କରାଯାଇପାରିବା ଭଳି ଦୁଇଟି ଧାତୁର କଣ୍ଟା ଜବତ କରାଯାଇଥିଲା। ସେହିପରି ସେମାନଙ୍କର ମୋଟରସାଇକେଲ ଓ ମୋବାଇଲ ଫୋନ ମଧ ଜବତ କରାଯାଇଥିଲା। ମୋଟରସାଇକେଲର ଅଧିକ ତଲାସ କରିବା ପରେ ଗାଡ଼ି ଭିତରେ ଲୁଚାଇ ରଖାଯାଇଥିବା ଏକ ବଡ଼ ଧାରୁଆ ତେଲେଙ୍ଗା ଖଣ୍ଡା ମଧ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତମାନେ ଏହି ଅସ୍ତ୍ରଶସ୍ତ୍ର ରଖିବା ସମ୍ପର୍କରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ସେହିପରି ତଦନ୍ତ ସମୟରେ ଜଣାପଡିଥିଲା ଯେ ଅଭିଯୁକ୍ତମାନେ ଉପରୋକ୍ତ ମରଣାନ୍ତକ ଅସ୍ତ୍ରଶସ୍ତ୍ର ଧରି ଏନଏଚ୍-୩୧୬ ବାଇପାସ୍ ରାସ୍ତାରେ ଜନସାଧାରଣଙ୍କ ଉପରେ ଆକ୍ରମଣ ଓ ଛିନତାଇ କରିବା ଉଦ୍ଦେଶ୍ୟରେ ବୁଲାବୁଲି କରୁଥିବାରୁ ଅଞ୍ଚଳର ଲୋକମାନଙ୍କ ମଧରେ ଭୟ ଓ ଆତଙ୍କ ସୃଷ୍ଟି ହେଉଥିଲା। ଯାଞ୍ଚରୁ ଅଭିଯୁକ୍ତ ଆକାଶ ପୂର୍ବରୁ ମର୍କତନଗର ଓ ବାଣିଗୋଚ୍ଛା ଥାନାରେ ଦୁଇଟି ଅପରାଧିକ ମାମଲାରେ ଜଡିତ ଥିବା ଜଣାପଡିଛି।

# ହୋର୍ମୁଜରେ ଫସିଗଲା ଭାରତର ୨୨ ଜାହାଜ

ନୂଆଦିଲ୍ଲୀ ; ପଶ୍ଚିମ ଏସିଆରେ ସଂଘର୍ଷ ଯୋଗୁଁ ସୃଷ୍ଟି ହୋଇଥିବା ଉତ୍ତେଜନା ସମଗ୍ର ବିଶ୍ୱକୁ ପ୍ରଭାବିତ କରିଛି। ଭାରତ ମଧ୍ୟ ଏହାର ପ୍ରଭାବ ଅନୁଭବ କରିଛି। ବିଶେଷକରି, ହରମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳରେ ବାଧା ସୃଷ୍ଟି ହେବା ଯୋଗୁଁ ଶକ୍ତି କ୍ଷେତ୍ର ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଛି। ସମ୍ପ୍ରତି, ଇରାନ କିଛି ଭାରତୀୟ ଜାହାଜକୁ ହରମୁଜ ପ୍ରଣାଳୀ ଦେଇ ଯିବା ପାଇଁ ଅନୁମତି ପ୍ରଦାନ କରିଥିଲା। ବର୍ତ୍ତମାନ, ରିପୋର୍ଟଗୁଡ଼ିକ ସୂଚିତ କରୁଛି ଯେ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ହରମୁଜ ପ୍ରଣାଳୀ ନିକଟରେ ୨୨ଟି ଭାରତ ଅଭିମୁଖୀ ଜାହାଜ ଫସି ରହିଛି। ସେମାନଙ୍କର ନିରାପଦ ପଥ ସୁନିଶ୍ଚିତ କରିବା ପାଇଁ କୂଟନୈତିକ ପ୍ରୟାସକୁ ତୀବ୍ର କରାଯାଇଛି। ଆଶ୍ଚର୍ଯ୍ୟଜନକ ଭାବରେ, ଏହି ଜାହାଜଗୁଡ଼ିକ ମଧ୍ୟରୁ ଛଅଟି ତରଳ ପେଟ୍ରୋଲିୟମ ଗ୍ୟାସ (LPG) ରେ ଲଦା ହୋଇଥିବା ବେଳେ ଚାରିଟି ଅଶୋଧିତ ତୈଳ ପରିବହନ କରୁଛି।



ରିପୋର୍ଟ ଅନୁଯାୟୀ, ଭାରତ ସରକାର ହରମୁଜ ପ୍ରଣାଳୀର ପଶ୍ଚିମରେ ଫସି ରହିଥିବା ୨୨ଟି ଭାରତୀୟ ଜାହାଜ ପାଇଁ ଏକ ସୁରକ୍ଷିତ କରିଡର ସୁରକ୍ଷିତ କରିବା ପାଇଁ କୂଟନୈତିକ ପ୍ରୟାସକୁ ତ୍ୱରାନ୍ୱିତ କରିଛି। ବୈଦେଶିକ ମନ୍ତ୍ରଣାଳୟ (ଗରଇ) କହିଛି ଯେ ଶକ୍ତି ଯୋଗାଣ ନିରବଚ୍ଛିନ୍ନ ରହିବା ଏବଂ ଭାରତୀୟ ଜାହାଜଗୁଡ଼ିକ ସୁରକ୍ଷିତ ଭାବରେ ସେମାନଙ୍କର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିବା ନିଶ୍ଚିତ କରିବା ପାଇଁ ଭାରତ ଏହି ଅଞ୍ଚଳର ଅନେକ ଦେଶ ସହିତ ଯୋଗାଯୋଗରେ ଅଛି। ଗରଇ ମୁଖପାତ୍ର ରଣଧୀର ଜୟସୱାଲ ଉଲ୍ଲେଖ କରିଛନ୍ତି ଯେ ଭାରତ ପଶ୍ଚିମ ଏସିଆର ଦେଶଗୁଡ଼ିକ ସହିତ ନିରନ୍ତର ସମ୍ପର୍କ ବଜାୟ ରଖିଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଭାରତର ପ୍ରାଥମିକତା ହେଉଛି ଶକ୍ତି ସୁରକ୍ଷା ଏବଂ ସାମୁଦ୍ରିକ ମାର୍ଗର ସୁରକ୍ଷିତ ପରିବହନ ସୁନିଶ୍ଚିତ କରିବା। ଏଥିପାଇଁ, ଗଲ୍ଫ ସହଯୋଗ ପରିଷଦ (GCC)ର ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହିତ, ଇରାନ, ଆମେରିକା ଏବଂ ଇସ୍ରାଏଲ ସହିତ ଆଲୋଚନା କରାଯାଉଛି।

ଏହି ସମ୍ବେଦନଶୀଳ ସାମୁଦ୍ରିକ କ୍ଷେତ୍ର ନିକଟରେ ଅନେକ ଭାରତୀୟ ଜାହାଜ ଫସି ରହିଛି। ଜାହାଜ ଚଳାଚଳ ମନ୍ତ୍ରଣାଳୟର ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନାଙ୍କ ଅନୁଯାୟୀ, ଫସି ରହିଥିବା ନୌବାହିନୀରେ ଚାରୋଟି ଅଶୋଧିତ ତୈଳ ଟ୍ୟାଙ୍କର, ଛଅଟି ଖଚଏ ବାହକ ଏବଂ ଗୋଟିଏ ଖଘଏ ବାହକ ଅନ୍ତର୍ଭୁକ୍ତ। ଚାଲିଥିବା ସଂଘର୍ଷ ଯୋଗୁଁ ସାମୁଦ୍ରିକ ପରିବହନରେ ବାଧା ସୃଷ୍ଟି ହେବା ଯୋଗୁଁ ଏହି ଜାହାଜର ଚଳାଚଳ ବାଧାପ୍ରାପ୍ତ ହୋଇଛି। ବିଶେଷକରି, ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଇରାନ ବିରୁଦ୍ଧରେ ମିଳିତ ସାମରିକ ଅଭିଯାନ ଆରମ୍ଭ ହେବା ପରେ, ଇରାନ ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଅଧିକାଂଶ ଜାହାଜର ପରିବହନକୁ ବନ୍ଦ କରିଦେଇଥିଲା। ଏହି ଜଳପଥ ଇରାନ ଉପକୂଳରେ ଅବସ୍ଥିତ ଏବଂ ବିଶ୍ୱ ଶକ୍ତି ଯୋଗାଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଏ। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଅଶୋଧିତ ତୈଳ ଏବଂ ସମୁଦ୍ରବାହୀ ଖଘଏ ଯୋଗାଣ ଏହି ମାର୍ଗ ଦେଇ ଗତି କରେ।

# ନିର୍ବାଚନ ପୂର୍ବରୁ ମମତାଙ୍କ ମାଷ୍ଟରଷ୍ଟ୍ରୋକ୍

କୋଲକାତା : ପଶ୍ଚିମବଙ୍ଗ ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ମାଷ୍ଟରଷ୍ଟ୍ରୋକ୍ ମାରିଛନ୍ତି। ରବିବାର ଏକ ଘୋଷଣା କରି, ସେ କହିଛନ୍ତି ଯେ ରାଜ୍ୟ ସରକାର ପୂଜାରୀ ଏବଂ ମୁଏଜିନମାନଙ୍କ ଦ୍ୱାରା ଯଥାସମ୍ଭବ ଦାଖଲ କରାଯାଇଥିବା ସମସ୍ତ ନୂତନ ଆବେଦନକୁ ମଞ୍ଜୁରୀ ଦେଇଛନ୍ତି। ସେ ଆହୁରି ସୂଚନା ଦେଇଛନ୍ତି ଯେ, ତୁରନ୍ତ ପ୍ରଭାବରୁ, ପୂଜାରୀ ଏବଂ ମୁଏଜିନମାନେ ମାସିକ ୨,୦୦୦ ଟଙ୍କା ଭତ୍ତା ପାଇବେ। 'ଢ' (ପୂର୍ବରୁ ଟୁଇଟର) ରେ ତାଙ୍କ ସରକାରୀ ହ୍ୟାଣ୍ଡେଲ ମାଧ୍ୟମରେ ଏହି ସୂଚନା ଶେୟାର କରି ମମତା ବାନାର୍ଜୀ ଲେଖିଛନ୍ତି: 'ମୁଁ ଘୋଷଣା କରି ଖୁସି ଯେ ଆମର ପୂଜାରୀ ଏବଂ 'ମୁଏଜିନମାନେ' – ଯାହାଙ୍କ ସେବା ଆମ ସମ୍ପ୍ରଦାୟର ଆଧ୍ୟାତ୍ମିକ ଏବଂ ସାମାଜିକ ଗଠନକୁ ବଜାୟ ରଖେ – ସେମାନଙ୍କ ଦ୍ୱାରା ପାଉଥିବା ମାସିକ ସମ୍ମାନ ୫୦୦ ବୃଦ୍ଧି କରାଯାଇଛି। ଏହି ସଂଶୋଧନ ସହିତ, ସେମାନେ ଏବେ ପ୍ରତି ମାସରେ ୨,୦୦୦ଟଙ୍କା ପାଇବେ।' ପୋଷ୍ଟଟି ଆହୁରି କହିଛି: 'ଏହା ବ୍ୟତୀତ, ରାଜ୍ୟ ସରକାର ପୂଜାରୀ ଏବଂ ମୁଏଜିନ ଦ୍ୱାରା ଯଥାର୍ଥ ଭାବରେ ଦାଖଲ କରାଯାଇଥିବା ସମସ୍ତ ନୂତନ ଆବେଦନକୁ ମଧ୍ୟ ଅନୁମୋଦନ କରିଛନ୍ତି। ଆମେ ଏପରି ଏକ ପରିବେଶ ସୃଷ୍ଟି କରିବାରେ ଗର୍ବ ଅନୁଭବ କରୁ ଯେଉଁଠାରେ ପ୍ରତ୍ୟେକ ସମ୍ପ୍ରଦାୟ ଏବଂ ପରମ୍ପରାକୁ ମୂଲ୍ୟବାନ ଏବଂ ସୁଦୃଢ଼ କରାଯାଏ। ଆମର ପ୍ରୟାସ ହେଉଛି ଆମର ସମୃଦ୍ଧ ଆଧ୍ୟାତ୍ମିକ ଐତିହ୍ୟର ରକ୍ଷକମାନଙ୍କୁ ସେମାନେ ଯଥାର୍ଥ ଭାବରେ ପାଇବାକୁ ଥିବା ସ୍ୱୀକୃତି ଏବଂ ସମର୍ଥନ ପାଇବାକୁ ନିଶ୍ଚିତ କରିବା।' ସମ୍ମାନ (ଭତ୍ତା) ବୃଦ୍ଧି ସହିତ, ରାଜ୍ୟ ସରକାର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରିଲିଫ ପଦକ୍ଷେପ ବିସ୍ତାର କରିଛନ୍ତି। ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ଯେ ପୂଜାରୀ ଏବଂ ମୁଏଜିନ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ନୂତନ ଆବେଦନକୁ ରାଜ୍ୟ ସରକାରଙ୍କ ଦ୍ୱାରା ଯଥାର୍ଥ ଭାବରେ ଅନୁମୋଦନ କରାଯାଇଛି। ଏହା ବୁଝାଏ ଯେ ବର୍ତ୍ତମାନ ବହୁ ସଂଖ୍ୟକ ନୂତନ ହିତାଧିକାରୀଙ୍କୁ ଏହି ଯୋଜନାର ପରିସରଭୁକ୍ତ କରାଯିବ, ଯାହା ସେମାନଙ୍କୁ ୨,୦୦୦ର ସଂଶୋଧିତ ମାସିକ ଲାଭ ପାଇବାକୁ ସକ୍ଷମ କରିବ। ପ୍ରଶାସନ ବିଶ୍ୱାସ କରେ ଯେ ଏହି ପଦକ୍ଷେପ ଦୀର୍ଘ ଦିନ ଧରି ସେମାନଙ୍କ ସେବା ବଦଳରେ ଉପଯୁକ୍ତ ସ୍ୱୀକୃତି ଏବଂ ଆର୍ଥିକ ସହାୟତା ଅପେକ୍ଷା କରିଥିବା ପରିବାରଗୁଡ଼ିକୁ ଅତ୍ୟନ୍ତ ଆବଶ୍ୟକୀୟ ସହାୟତା ପ୍ରଦାନ କରିବ।



# ଦିଲ୍ଲୀ ନେଚର ବଜାରରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ: ଦିଲ୍ଲୀର ନେଚର ବଜାରରେ ରବିବାର ସକାଳେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟି ୫୦ରୁ ଅଧିକ ହସ୍ତଶିଳ୍ପ ଦୋକାନ ଜଳିଯାଇଛି। ସୌଭାଗ୍ୟବଶତଃ, ଏହି ଘଟଣାରେ କେହି ମୃତାହତ ହୋଇ ନାହାନ୍ତି। ଏହା ଦୋକାନ କରିଥିବା କାରିଗରଙ୍କ ଜୀବିକା ଉପରେ ବଡ଼ ଆଘାତ ସୃଷ୍ଟି କରିଛି। ସେମାନଙ୍କର କଠିନ ପରିଶ୍ରମ ଏହି ବଜାରକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଦିଲ୍ଲୀ ଅଗ୍ନିଶମ ବିଭାଗର ରେକର୍ଡ ଅନୁଯାୟୀ, ରବିବାର ସକାଳ ୭:୩୭ ରେ ଅଗ୍ନିକାଣ୍ଡବିଷୟରେ ପ୍ରଥମ କଲ୍ ଆସିଥିଲା। ଲାଡୋ ସାରା ଏବଂ ଅନ୍ଧେରିଆ ମୋର୍ ମଧ୍ୟରେ ଅବସ୍ଥିତ ନେଚର ବଜାରରେ ବହୁ ଅସ୍ଥାୟୀ ଓ ଅର୍ଦ୍ଧ-ସ୍ଥାୟୀ ଦୋକାନ ରହିଛି। ଦୋକାନଗୁଡ଼ିକ କାଠ, କପଡା ଏବଂ ଅନ୍ୟାନ୍ୟ ଜ୍ୱଳନଶୀଳ ହସ୍ତଶିଳ୍ପ ସାମଗ୍ରୀରେ ତିଆରି ହୋଇଥିବାରୁ ନିଆଁ ଦ୍ରୁତ ଗତିରେ ବ୍ୟାପିଯାଇଥିଲା। ପ୍ରତ୍ୟକ୍ଷଦର୍ଶୀମାନେ ରିପୋର୍ଟ କରିଛନ୍ତି ଯେ,ନିଆଁ କିଛି ମିନିଟ୍ ମଧ୍ୟରେ ଗୋଟିଏ ଦୋକାନରୁ ଅନ୍ୟ ଦୋକାନକୁ ବ୍ୟାପିବାକୁ ଲାଗିଥିଲା। ଭୟରେ ବଜାରରେ ଉପସ୍ଥିତ ଥିବା ଲୋକମାନେ ନିଜ ଜୀବନ ବଞ୍ଚାଇବାକୁ ଦୌଡ଼ିବାକୁ ଲାଗିଲେ। ସୂଚନା ମିଳିବା ମାତ୍ରେ ଦିଲ୍ଲୀ ଅଗ୍ନିଶମ ସେବା ଦଳ ବିଳମ୍ବ ନକରି ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିକାଣ୍ଡର ଭୟାବହତାକୁ ଦୃଷ୍ଟିରେ ରଖି, ଗୋଟିଏ ପରେ ଗୋଟିଏ ମୋଟ ୧୦ଟି ଅଗ୍ନିଶମଗାଡ଼ି ନିୟୋଜିତ କରାଯାଇଥିଲା ।ଦିଲ୍ଲୀ ପୁଲିସ ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ନହେବା ପାଇଁ ଭିଡ଼କୁ ନିୟନ୍ତ୍ରଣ କରିଥିଲେ। ଶେଷରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିଲା। ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡ଼ିନାହିଁ। ଅଧିକାରୀମାନେ ଏହା ସର୍ଟ ସର୍କିଟ୍ ନା ଅବହେଳା ଯୋଗୁ ଘଟିଛି ତାହାର ତଦନ୍ତ କରୁଛନ୍ତି।

## ଉପ-ମୁଖ୍ୟମନ୍ତ୍ରୀ ପଦ ସହିତ ୮୦ ଆସନ

# ଥାଲାପତି ବିଜୟଙ୍କୁ ଗଠବନ୍ଧନ ପାଇଁ ପ୍ରସ୍ତାବ ଦେଲା ବିଜେପି

ଚେନ୍ନାଇ: ତାମିଲନାଡୁ ବିଧାନସଭା ନିର୍ବାଚନରେ ବିଜେପି ଅଭିନେତା ବିଜୟଙ୍କ ତାମିଲାଗା ଭେଟ୍ରି କାଝାଗମ୍ (ଟିଭିକେ) ସହିତ ମେଣ୍ଟ କରିପାରେ। ବିଜେପି ରାଜ୍ୟରେ ବିଜୟଙ୍କ ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଟିଭିକେକୁ ଏନଡିଏ ମେଣ୍ଟରେ ସାମିଲ କରିବାକୁ ଚାହୁଁଛି। ବିଜେପି ଏଥିପାଇଁ ବିଜୟଙ୍କୁ ଉପମୁଖ୍ୟମନ୍ତ୍ରୀ ପଦ ସହିତ ୮୦ ଆସନର ପ୍ରସ୍ତାବ ଦେଇଛି। ସୂଚନାଯୋଗ୍ୟ, ତାମିଲନାଡୁ ବିଧାନସଭାରେ ମୋଟ ୨୩୪ ଆସନ ରହିଛି। ସୂତ୍ର ଅନୁଯାୟୀ ଦୁଇ ଦଳ ମଧ୍ୟରେ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଯଦି ବାସ୍ତବରେ ଏହା ମେଣ୍ଟ ରୂପ ନିଏ, ତାହାହେଲେ ନିଶ୍ଚିତ ଭାବେ ନିର୍ବାଚନୀ ଫଳାଫଳ ଉପରେ ଏହାର ବହୁତ ବଡ଼ ପ୍ରଭାବ ଦେଖିବାକୁ ମିଳିପାରେ। ଯେଉଁ ନିର୍ବାଚନ ମଣ୍ଡଳୀଗୁଡ଼ିକରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିଛି ସେହି ସବୁ ସ୍ଥାନରେ ସାମାନ୍ୟ ପରିବର୍ତ୍ତନ ବଡ଼ ଫଳାଫଳ ଆଣିପାରେ ବୋଲି ବିଜେପି ଅନୁମାନ କରୁଛି। ତେବେ ମୁଖ୍ୟମନ୍ତ୍ରୀ ପଦ ଉପରେ ବିଜୟଙ୍କ ଆଖି ଥିବାରୁ ଦୁଇ ଦଳ ମଧ୍ୟରେ ବୁଝାମଣା ଟିକେ ଅଟକି ରହିଛି।

ବିଜେପି ବିଜୟ ଓ ତାଙ୍କ ଦଳକୁ ଏନ୍ଡିଏର ଛତ୍ରଛାୟା ତଳକୁ ଆଣିବାକୁ ଲଗାତର ପ୍ରୟାସ ଚଳାଇଛି। ବିଭିନ୍ନ ଚାନେଲ ମାଧ୍ୟମରେ ବିଜେପି ବିଜୟଙ୍କ ସହିତ କଥାବାର୍ତ୍ତା କରୁଛି। ଅନ୍ୟ ଏକ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ବିଜେପି ଓ ବିଜୟଙ୍କ ମଧ୍ୟରେ ବୁଝାମଣା ପାଇଁ ମଧ୍ୟସ୍ଥତା କରୁଛନ୍ତି। ବିଜୟଙ୍କର ତାମିଲନାଡୁରେ ବହୁ ସଂଖ୍ୟକ ପ୍ରଶଂସକ ରହିଥିବାରୁ ନିର୍ବାଚନରେ ଏହାର ବଡ଼ ପ୍ରଭାବ ପଡ଼ିପାରେ ବୋଲି ବିଜେପି ଅନୁଭବ କରୁଛି। ଏପରିକି ୨ ପ୍ରତିଶତ ଭୋଟ ଭାଗ ନିର୍ବାଚନରେ ଦିଶା ବଦଳାଇ ଦେବ। ତାମିଲନାଡୁ ନିର୍ବାଚନୀ ଇତିହାସକୁ ଦେଖିଲେ ଫଳାଫଳରେ ସର୍ବଦା ସ୍ୱଳ୍ପ ଅନ୍ତର ରହିଥାଏ। ତେବେ ବିଜେପି ସହିତ ମେଣ୍ଟ କରିବା ସପକ୍ଷରେ ନାହାନ୍ତି ବିଜୟଙ୍କ ଘନିଷ୍ଠ ପରାମର୍ଶଦାତାମାନେ। ମେଣ୍ଟ ଦ୍ୱାରା ନୂଆ କରି ଆରମ୍ଭ ହୋଇଥିବା ରାଜନେ ?ତିକ ଦଳର ଭବିଷ୍ୟତ ଉପରେ କ'ଣ ପ୍ରଭାବ ପଡ଼ିବ ବୋଲି ସେମାନେ ଚିନ୍ତା କରୁଛନ୍ତି। ତାମିଲନାଡୁ ନିର୍ବାଚନୀ ମେ ?ଦାନକୁ ବିଜୟ ଜଣେ ସ୍ୱାଧୀନ ଛବି ବ୍ୟକ୍ତିତ୍ୱ ସହିତ ବିକଳ୍ପ ରାଜନେ ?ତିକ ଦଳ ଭାବେ ପଦାର୍ପଣ କରିଥିବାରୁ ବିଜେପି ସହିତ ମେଣ୍ଟର କ'ଣ ପ୍ରଭାବ ରହିବ ସେ ନେଇ ଦଳ ଚିନ୍ତା କରୁଛି। ପରାମର୍ଶଦାତାମାନେ ଭୟ କରୁଛନ୍ତି ଯେ ଏକ ପ୍ରତିଷ୍ଠିତ ଜାତୀୟ ମେଣ୍ଟରେ ବହୁତ ଶୀଘ୍ର ଯୋଗ ଦେବା ସେମାନଙ୍କ ଦଳକୁ ଦୁର୍ବଳ କରି ଦେଇପାରେ।



# ମଧ୍ୟପ୍ରାଚ୍ୟରେ ଦ୍ୱାଦଶ ପରୀକ୍ଷା ବାତିଲ

ନୂଆଦିଲ୍ଲୀ: ମଧ୍ୟପ୍ରାଚ୍ୟରେ ଯୁଦ୍ଧ ମଧ୍ୟରେ ସିବିଏସ୍ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ବାତିଲ କରିଛି। ବୋର୍ଡ କହିଛି ଯେ ଯୁଦ୍ଧ ଯୋଗୁଁ ପଶ୍ଚିମ ଏସିଆର ପରିସ୍ଥିତି ଖରାପ ହେବାରେ ଲାଗିଛି। ଏପରି ପରିସ୍ଥିତିରେ ପରୀକ୍ଷା ପରିଚାଳନା ଅସମ୍ଭବ। ତେଣୁ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ କରିବାର ନିଷ୍ପତ୍ତି ନିଆଯାଇଛି। ବୋର୍ଡ ବାହାରିନ, ଇରାନ, କୁୱେତ, ଓମାନ, କାତାର, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସରେ ପରୀକ୍ଷା ବାତିଲ କରିଛି। ପରିସ୍ଥିତି ସମୀକ୍ଷା କରିବା ଏବଂ ଏହି ସମସ୍ତ ଦେଶର ସ୍କୁଲ ଏବଂ ଶିକ୍ଷା ଅଧିକାରୀଙ୍କଠାରୁ ପରାମର୍ଶ ଗ୍ରହଣ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏପର୍ଯ୍ୟନ୍ତ ମାର୍ଚ୍ଚ ୧, ୩, ୫, ୭ ଏବଂ ୯ ପାଇଁ ନିର୍ଦ୍ଧାରିତ ପରୀକ୍ଷା ପାଞ୍ଚ ଥର ସ୍ଥଗିତ ରଖାଯାଇଛି। ତଥାପି ପରିସ୍ଥିତି ଆହୁରି କିଛି ଦିନ ଖରାପ ରହିବାର ସମ୍ଭାବନା ଥିବାରୁ, ସମସ୍ତ ପରୀକ୍ଷା ବାତିଲ କରାଯାଉଛି। ୨୦୨୬ ଫେବୃଆରୀ ୮ ତାରିଖ ଠାରୁ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଚାଲିଛି। ୨୮ ଫେବୃଆରୀରେ ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିଥିଲେ। ପ୍ରତିଶୋଧ ସ୍ୱରୂପ, ଇରାନ ପ୍ରଥମେ ଇସ୍ରାଏଲ ଉପରେ ଆକ୍ରମଣ କରିଥିଲା। ଏହା ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ମଧ୍ୟ ଆକ୍ରମଣ କରିଥିଲା। କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, କତାର, କୁଏତ ଏବଂ ବାହାରିନ ସମେତ ଅନେକ ଦେଶରେ ଧ୍ୱଂସ ରଚିଥିଲା। ଇରାନର ଆକ୍ରମଣ ଯୋଗୁଁ ଏହି ଦେଶଗୁଡ଼ିକ ପ୍ରଚୁର କ୍ଷତି ସହିଛନ୍ତି।

# ମୋଜତାବା ତେହେରାନ ଛାଡି ରୁଷରେ

ତେହେରାନ/ମସ୍କୋ: ଏପର୍ଯ୍ୟନ୍ତ, ଇରାନ-ଆମେରିକା ଯୁଦ୍ଧରେ ରୁଷର ଭୂମିକା କେବଳ ଗୁପ୍ତଚର ଏବଂ ନୈତିକ ସମର୍ଥନ ପର୍ଯ୍ୟନ୍ତ ସୀମିତ ହୋଇ ରହିନାହିଁ। ଏବେ, ଏପରି ଖବର ସାମ୍ନାକୁ ଆସୁଛି ଯେ, ଯଦି ଏହା ସତ୍ୟ ହୁଏ, ତେବେ ଯୁଦ୍ଧରେ ଏକ ମୋଡ଼ ଆସିପାରେ। ଡୋନାଲ୍ଡ ଟ୍ରମ୍ପ ଓ ବେଞ୍ଜାମିନ୍ ନେତାନ୍ୟାହୁ ମୋଜତାବା ଖେମିନିଙ୍କ ପଛରେ ପଡ଼ିଛନ୍ତି। ସେ ଆହତ ହୋଇଥିବା ରିପୋର୍ଟ ମଧ୍ୟ ପ୍ରକାଶ ପାଇଥିଲା, କିନ୍ତୁ ଇରାନ ସେସବୁକୁ ଅସ୍ୱୀକାର କରିଥିଲା। କୁଏତ ଖବରକାଗଜ ଅଲ୍ ଜାରିଦା ଏବେ ଦାବି କରିଛି ଯେ, ମୋଜତାବା ତାଙ୍କ ଦେଶରେ ନାହାନ୍ତି। ଅଲ୍-ଜାରିଦା ଅନୁଯାୟୀ, ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବାଙ୍କୁ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା କାରଣରୁ ଏକ ଅତ୍ୟନ୍ତ ଗୁପ୍ତ ଅଭିଯାନରେ ରୁଷ ନିଆଯାଇଛି ।ରିପୋର୍ଟରେ କୁହାଯାଇଛି ଯେ ତାଙ୍କୁ ଏକ ରୁଷ ସାମରିକ ବିମାନରେ ମସ୍କୋ ନିଆଯାଇଥିଲା, ଯେଉଁଠାରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା ଏବଂ ବର୍ତ୍ତମାନ ସେ ଚିକିତ୍ସିତ ହେଉଛନ୍ତି। ରିପୋର୍ଟରେ କୁହାଯାଇଛି, ତାଙ୍କର ଖରାପ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ଚିନ୍ତା ଯୋଗୁଁ ଏହି ପଦକ୍ଷେପ ନିଆଯାଇଛି। ତଥାପି, ଏହି ଦାବିଗୁଡ଼ିକୁ ସରକାରୀ ଭାବରେ ନିଶ୍ଚିତ କରାଯାଇ ନାହିଁ। କିଛି ରିପୋର୍ଟ ଏହା ମଧ୍ୟ ସୂଚାଇଛି, ସେ ଆକ୍ରମଣରେ ଆହତ ହୋଇଥିଲେ, କିନ୍ତୁ ଇରାନୀ ଅଧିକାରୀମାନେ କହିଛନ୍ତି, ସେ ସୁରକ୍ଷିତ ଓ ସୁସ୍ଥ ଅଛନ୍ତି ।ରିପୋର୍ଟରେ ଦାବି କରାଯାଇଛି ଯେ ମୋଜତାବାଙ୍କୁ ନେଇ ଏକ ରୁଷୀୟ ସାମରିକ ବିମାନ ଗୁରୁବାର ମସ୍କୋରେ ପହଞ୍ଚିଥିଲା। ଏହା ମଧ୍ୟ କୁହାଯାଉଛି ଯେ ତାଙ୍କୁ ରାଷ୍ଟ୍ରପତି ଭବନରେ ଅବସ୍ଥିତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୋମାମାଡ଼ ଏବଂ ବିମାନ ଆକ୍ରମଣ ଯୋଗୁଁ ତାଙ୍କୁ ଇରାନରୁ ବାହାର କରିବା ନିଷ୍ପତ୍ତି ଅସମ୍ଭବ ହୋଇଯାଇଥିଲା।

ରିପୋର୍ଟରେ ଦାବି କରାଯାଇଛି, ରୁଷ ରାଷ୍ଟ୍ରପତି ଭ୍ଲାଡ଼ିମିର ପୁଟିନ ତାଙ୍କୁ ଶରଣ ଦେଇଛନ୍ତି। ମୋଜତାବା ସେଠାରେ ପହଞ୍ଚି ସଫଳ ଅସ୍ତ୍ରୋପଚାର କରିଥିଲେ। ସୂତ୍ରଗୁଡ଼ିକ ଦାବି କରିଛନ୍ତି ଯେ, ଇରାନୀ ସୁରକ୍ଷା ଏଜେନ୍ସିଗୁଡ଼ିକ ମୋଜତାବାଙ୍କ ରହିବା ସ୍ଥାନ ଲିକ୍ ହେବା ନେଇ ଆଶଙ୍କାରେ ଥିଲେ। ସେଥିପାଇଁ ତାଙ୍କୁ ମସ୍କୋ ସ୍ଥାନାନ୍ତର କରିବା ସୁପାରିଶରେ ରାଜି ହୋଇଥିଲେ। ଦାବି କରାଯାଉଛି ଯେ, ପୁଟିନ ନିଜେ ଇରାନୀ ରାଷ୍ଟ୍ରପତି ମାସୁଦ ପାଜେଶକିୟାନଙ୍କ ସହ ଆଲୋଚନା ସମୟରେ ଏହି ପ୍ରସ୍ତାବ ଦେଇଥିଲେ। ପୂର୍ବରୁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖାମେନିଙ୍କ ଅବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ ଯେ ସେ ଜୀବିତ ଅଛନ୍ତି କି ନାହିଁ ତାହା ମଧ୍ୟ ମୁଁ ଜାଣେନା। ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ତାଙ୍କ ଆଘାତର ରିପୋର୍ଟ ଆସିବା ପରେ ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଆସିଥିଲା।

# ଇସ୍ରାଏଲ ପାଇଁ ଗୁପ୍ତଚରୀ ଅଭିଯୋଗ: ୨୦ ଗିରଫ

ତେହେରାନ: ଇସ୍ରାଏଲ ପାଇଁ ଗୁପ୍ତଚରୀ କରୁଥିବା ଅଭିଯୋଗରେ ଇରାନ ଦେଶର ଉତ୍ତର-ପଶ୍ଚିମ ଅଞ୍ଚଳରେ ୨୦ ଜଣଙ୍କୁ ଗିରଫ କରିଛି। ପଶ୍ଚିମ ଆଜରବୈଜାନ ପ୍ରଦେଶର ପବ୍ଲିକ ପ୍ରସିକ୍ୟୁଟରଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ସୂଚନା ପ୍ରଦାନ କରାଯାଇଛି। ରିପୋର୍ଟ ଅନୁଯାୟୀ, ସନ୍ଦିଗ୍ଧ ବ୍ୟକ୍ତିମାନେ ଇରାନର ସାମରିକ ଏବଂ ସୁରକ୍ଷା ସମ୍ପତ୍ତିର ସ୍ଥାନର ସ୍ଥିତି ସମ୍ପର୍କିତ ବିବରଣୀ ଇସ୍ରାଏଲକୁ ପଠାଇଥିବା ଅଭିଯୋଗ ହୋଇଛି। ଇରାନୀ କର୍ତ୍ତୃପକ୍ଷ କହିଛନ୍ତି, ଏହି ଗୋଷ୍ଠୀ ଇସ୍ରାଏଲୀ ସେନାକୁ ସମ୍ବେଦନଶୀଳ ସୂଚନା ପ୍ରଦାନ କରିବାକୁ ଚେଷ୍ଟା କରିଥିଲା। ଇସ୍ରାଏଲ ଇରାନ ଉପରେ ଆକ୍ରମଣର ଏକ ନୂତନ ପର୍ଯ୍ୟାୟ ଆରମ୍ଭ କରିଥିବା ସମୟରେ ଏହି ଗିରଫଦାରୀ ହୋଇଛି। ଜଣେ ଆମେରିକୀୟ ଅଧିକାରୀ ଏବଂ ଜଣେ ଇସ୍ରାଏଲୀ ଅଧିକାରୀ ଟାଇମ୍ସ ଅଫ୍ ଇସ୍ରାଏଲକୁ କହିଛନ୍ତି ଯେ ଇରାନ ସାରା ଚାଲିଥିବା ବିମାନ ଆକ୍ରମଣ ଶାସକ ବାହିନୀର ସଦସ୍ୟମାନଙ୍କୁ ଟାର୍ଗେଟ କରୁଛି। ସେମାନେ ଚଳିତ ବର୍ଷ ଆରମ୍ଭରେ ସରକାର ବିରୋଧୀ ପ୍ରଦର୍ଶନକାରୀଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନରେ ଅଂଶଗ୍ରହଣ କରିଥିଲେ।

# ନେପାଳରେ ଖାଇକୁ ଖସିଲା ଯାତ୍ରୀବାହୀ ବସ୍, ୭ ମୃତ

ନୂଆଦିଲ୍ଲୀ : ନେପାଳରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଖାଇକୁ ଖସିଲା ଯାତ୍ରୀବାହୀ ବସ୍ । ଦୁର୍ଘଟଣାରେ ୭ ଜଣ ଭାରତୀୟ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଆହତ ହୋଇଥିବା ନେଇ ପୁଲିସ ସୂଚନା ଦେଇଛି। ଭାରତୀୟ ତୀର୍ଥଯାତ୍ରୀମାନେ ନେପାଳର ପ୍ରସିଦ୍ଧ ମନକାମନା ମନ୍ଦିର ଦର୍ଶନ କରି ଫେରୁଥିବା ବେଳେ ଏହି ଅଘଟଣ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ବସଟି କାଠମାଣ୍ଡୁରୁ ପ୍ରାୟ ୧୨୦ କିଲୋମିଟର ପଶ୍ଚିମରେ ଥିବା ସହିଦ ଲଖନ ଗାଁ ନିକଟରେ ହାଇୱେରୁ ମନ୍ଦିରକୁ ଯାଉଥିବା ଏକ ପାହାଡିଆ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍ ପାହାଡ଼ିଆ ରାସ୍ତାରୁ ତଳକୁ ଓହ୍ଲାଉଥିବା ବେଳେ ଏକ ମୋଡ଼ରେ ନିୟନ୍ତ୍ରଣ ହରାଇଥିଲେ ଡ୍ରାଇଭର । ଫଳରେ ବସଟି ରାସ୍ତାରୁ ୧୫୦ ମିଟର ଖାଇକୁ ଖସିପଡ଼ିଥିଲା । ଏହି ଦୁର୍ଘଟଣାରେ ୭ଜଣ ଭାରତୀୟ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୯ଜଣ ଆହତ ହୋଇଛନ୍ତି । ଆସୋସିଏଟେଡ୍ ପ୍ରେସ୍ ଅନୁଯାୟୀ, ଦୁର୍ଘଟଣାର ଖବର ପାଇବା ମାତ୍ରେ ସ୍ଥାନୀୟ ପୁଲିସ ଏବଂ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ବସର ଭଗ୍ନାବଶେଷରୁ ଆହତମାନଙ୍କୁ ବାହାର କରି ଆମ୍ବୁଲାନ୍ସ ସାହାଯ୍ୟରେ ନିକଟସ୍ଥ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। ପୁଲିସର ସୂଚନା ଅନୁଯାୟୀ, ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ୭ ଜଣ ଭାରତୀୟ ତୀର୍ଥଯାତ୍ରୀ ଥିଲେ। ଆହତଙ୍କ ମଧ୍ୟରେ ୭ ଜଣ ଭାରତୀୟ ଯାତ୍ରୀ ଥିଲେ, ଅନ୍ୟ ଦୁଇଜଣ ବସ୍ ଡ୍ରାଇଭର ଏବଂ ତାଙ୍କ ସହାୟକ ଥିଲେ, ଉଭୟ ନେପାଳର ବାସିନ୍ଦା ।ପୁଲିସ କହିଛି ଯେ ମୃତକଙ୍କ ମୃତଦେହର ପୋଷ୍ଟମର୍ଟମ କରାଯିବ, ତା'ପରେ ସେମାନଙ୍କ ମୃତଦେହକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯିବ।

# ଅହମ୍ମଦାବାଦ ବିମାନ ଦୁର୍ଘଟଣାର ତଦନ୍ତରେ ନୂତନ ମୋଡ଼

ନୂଆଦିଲ୍ଲୀ : ଅହମ୍ମଦାବାଦ ବିମାନ ଦୁର୍ଘଟଣାର ତଦନ୍ତରେ ଏକ ନୂତନ ମୋଡ଼ ଆସିଛି। ଆମେରିକା ସ୍ଥିତ ଏଭିଏସନ୍ ସେଫ୍ଟି ଫାଉଣ୍ଡେସନ୍ ଦାବି କରିଛି ଯେ ଦୁର୍ଘଟଣା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ତଦନ୍ତକାରୀ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇ ନଥିଲା, ଯାହା ସମଗ୍ର ତଦନ୍ତ ପ୍ରକ୍ରିୟା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି। ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏଡ୍ ପିଅର୍ସନ ତଦନ୍ତକାରୀଙ୍କୁ ପଠାଯାଇଥିବା ଏକ ଇମେଲରେ ପ୍ରକାଶ କରିଛନ୍ତି ଯେ ତାଙ୍କୁ ଅନେକ ଗୁପ୍ତ ଦଲିଲ ମିଳିଛି ଯାହା ସ୍ପଷ୍ଟ ଭାବରେ ସୂଚିତ କରୁଛି ଯେ ବିମାନ ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି ବୈଦ୍ୟୁତିକ ବିଫଳତା। ଏହି ଦଲିଲଗୁଡ଼ିକୁ ଆଧାର କରି, ପିଅର୍ସନ ଦାବି କରିଛନ୍ତି ଯେ ବିମାନରେ ଦୀର୍ଘକାଳୀନ, ଗୁରୁତର ବୈଦ୍ୟୁତିକ ସିଷ୍ଟମ ତ୍ରୁଟି ଥିଲା ଯାହା ଦୁର୍ଘଟଣାର ବଡ କାରଣ ଥିଲା ।ପିଅର୍ସନ କହିଛନ୍ତି ଯେ ବୋଇଂ ୭୮୭ ଡ୍ରିମଲାଇନର, ପଞ୍ଜିକରଣ ଠଞ୍ଚ-ଇଘଇ ସମ୍ପର୍କିତ ଦସ୍ତାବିଜଗୁଡ଼ିକ ପୂର୍ବରୁ ଥିବା ବୈଦ୍ୟୁତିକ ସିଷ୍ଟମ ସମସ୍ୟାକୁ ପ୍ରକାଶ କରିଛି। ସେ ଦାବି କରିଛନ୍ତି ଯେ ବିମାନଟି ଦୀର୍ଘ ସମୟ ଧରି ସର୍ଟ ସର୍କିଟ, ଧୂଆଁ ଏବଂ ତାର ସମସ୍ୟାର ସମ୍ମୁଖୀନ ହେଉଥିଲା। ଦୁର୍ଘଟଣାଗ୍ରସ୍ତ ବିମାନଟି ବୈଦ୍ୟୁତିକ ତ୍ରୁଟି ଯୋଗୁଁ ଅନେକ ଥର ଗ୍ରାଉଣ୍ଡେଡ୍ କରାଯାଇଥିଲା। ଏହାର ପି ୧୦୦ ପାୱାର ପ୍ୟାନେଲ, ଯାହା ବିମାନର ବାମ ଇଞ୍ଜିନକୁ ବିଦ୍ୟୁତ୍ ଯୋଗାଣ କରେ, ତାହାକୁ ମଧ୍ୟ ଅନେକ ଥର ବଦଳାଯାଇଥିଲା ।ତେବେ ଏଭିଏସନ୍ ସେଫ୍ଟି ଫାଉଣ୍ଡେସନ୍ର ଏହି ଦାବି ତଦନ୍ତର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛି। ଫାଉଣ୍ଡେସନ୍ ଅଭିଯୋଗ କରିଛି ଯେ ଗୁରୁତ୍ୱପୂର୍ଣ୍ଣ ଦଲିଲଗୁଡ଼ିକୁ ଲୁଚାଇ ରଖାଯାଇଛି କିମ୍ବା ସେୟାର କରାଯାଇ ନାହିଁ, ଯାହା ଫଳରେ ଦୁର୍ଘଟଣାର ପ୍ରକୃତ କାରଣ ନିର୍ଣ୍ଣୟ କରିବା କଷ୍ଟକର ହୋଇପଡ଼ିଛି।

# ରକ୍ତ ଦେବୁ ପଛେ ମାଟି ଦେବୁନି : ଇରାନ

ନୂଆଦିଲ୍ଲୀ : ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ ଆମେରିକାକୁ କଡ଼ା ଚେତାବନୀ ଦେଇଛି ଇରାନ । ଭାରତରେ ଅବସ୍ଥାପିତ ଇରାନର ସର୍ବୋଚ୍ଚ ନେତାଙ୍କ ପ୍ରତିନିଧି ଅବଦୁଲ ମଜିଦ ହକିମ ଇଲାହି ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ ପରିସ୍ଥିତିରେ ଆମେରିକା ସହ କୌଣସି ଆଲୋଚନା ହେବାର ପ୍ରଶ୍ନ ହିଁ ଉଠୁନାହିଁ । ଇଘଓକୁ ଦେଇଥିବା ଏକ ସାକ୍ଷାତକାରରେ ଇଲାହି କହିଛନ୍ତି ଯେ, ଇରାନର ଜନସାଧାରଣଙ୍କ ମଧ୍ୟରେ ଏବେ ପ୍ରବଳ କ୍ରୋଧ ଓ ପ୍ରତିରୋଧର ଭାବନା ରହିଛି । ସେମାନେ ନିଜ ଦେଶର ସୁରକ୍ଷା ପାଇଁ ଯେକୌଣସି ବଳିଦାନ ଦେବାକୁ ପ୍ରସ୍ତୁତ । ଲୋକଙ୍କ ସ୍ଲୋଗାନ ହେଉଛି 'ଆମେ ରକ୍ତ ଦେବାକୁ ପ୍ରସ୍ତୁତ, କିନ୍ତୁ ଜମି ଦେବୁ ନାହିଁ ।' ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୟାନକୁ ଖଣ୍ଡନ କରି ଇଲାହି କହିଛନ୍ତି ଯେ, ତେହେରାନ ଆଲୋଚନା ପାଇଁ ଆଦୌ ଆଗ୍ରହୀ ନୁହେଁ । ପୂର୍ବରୁ ଆଲୋଚନା ଚାଲିଥିବା ସମୟରେ ଇରାନ ଉପରେ ଦୁଇ ଦୁଇଥର ଆକ୍ରମଣ ହୋଇଥିବାରୁ ସେମାନଙ୍କର ଆଉ ଆମେରିକା ଉପରେ ବିଶ୍ୱାସ ନାହିଁ । ଇଲାହିଙ୍କ କହିବା ଅନୁସାରେ, ଇରାନ ପାଖରେ ୮ ବର୍ଷ ଧରି ଇରାକ ସହ ଯୁଦ୍ଧ କରିବାର ଅଭିଜ୍ଞତା ରହିଛି । ତେଣୁ ଯଦି ପରିସ୍ଥିତି ଏପରି ରହେ, ଇରାନ ବର୍ଷ ବର୍ଷ ଧରି ଲଢ଼ିବାକୁ ପଛାଇବ ନାହିଁ । ବିଶ୍ୱ ସମୁଦାୟ ଏହି ଘଟଣାରେ ହସ୍ତକ୍ଷେପ କରି ଆମେରିକା ଉପରେ ଚାପ ପକାଇବା ଉଚିତ ବୋଲି ସେ ଅପିଲ୍ କରିଛନ୍ତି । କହିରଖୁଛୁ ଯେ, ଚଳିତ ବର୍ଷ ଫେବୃଆରୀ ୨୮ ରୁ ଏହି ଉତ୍ତେଜନା ଆରମ୍ଭ ହୋଇଛି । ଆମେରିକା ଓ ଇସ୍ରାଏଲର ମିଳିତ ସାମରିକ କାର୍ଯ୍ୟାନୁଷ୍ଠାନରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ପରେ ସ୍ଥିତି ଅଣାୟତ୍ତ ହୋଇପଡ଼ିଛି । ଏହି ବିବାଦ ଯୋଗୁଁ ବିଶ୍ୱ ବଜାରରେ ଗ୍ୟାସ୍, ପେଟ୍ରୋଲ ଏବଂ ତୈଳ ଦର ବଢ଼ିବାର ଆଶଙ୍କା ଦେଖାଦେଇଛି।

# ନେତାନ୍ୟାହୁଙ୍କୁ ଖୋଜିକି ମାରିବୁ : ଇରାନ ସେନା

ନୂଆଦିଲ୍ଲୀ : ମଧ୍ୟପ୍ରାଚ୍ୟରେ ଜାରି ଭୀଷଣ ଯୁଦ୍ଧ ଭିତରେ ଇରାନର ଶକ୍ତିଶାଳୀ ସେନା ସଂଗଠନ ଇସ୍ଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍(ଆଇଆରଜିସି) ଏକ ବୟାନ ଜାରି କରିଛି। ଆଇଆରଜିସିର ବୟାନକୁ ନେଇ ପୁରା ଦୁନିଆ ଚିନ୍ତାରେ ବଢିଯାଇଛି। ଆଇଆରଜିସି ପ୍ରତିଜ୍ଞା ନେଇଛି ସେ ନିଜର ସର୍ବୋଚ୍ଚ ନେତାଙ୍କ ମୃତ୍ୟୁ ପ୍ରତିଶୋଧ ନେବା ପାଇଁ ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ଖୋଜିକି ମାରିବ। ଇରାନୀ ଗାର୍ଡସ ନିଜର ୱେବସାଇଟ୍ ସେପାହ ନ୍ୟୁଜରେ ବୟାନ ଜାରି କରି କହିଛନ୍ତି,ଯଦି ପିଲାଙ୍କ ଜୀବନ ନେଉଥିବା ଅପରାଧୀ ବଞ୍ଚିଛି,ତେବେ ଆମେ ପୁରା ଶକ୍ତି ଲଗାଇ ତା'ର ପିଛା କରିବୁ ଓ ତାଙ୍କୁ ମାରିବୁ।' ଏକ ବାର୍ତ୍ତାରେ ଆଇଆରଜିସି କମାଣ୍ଡର କହିଛନ୍ତି, ୨୮ ଫେବୃଆରୀରେ ଆୟାତୁଲ୍ଲା ଅଲ୍ଲୀ ଖାମେନେଇଙ୍କ ହତ୍ୟାର ଏକ ଏଭଳି ଅପରାଧ ରହିଛି,ଯାହାର ହିସାବ ନେତାନ୍ୟାହୁଙ୍କୁ ନିଜର ଜୀବନ ଦେଇ ସୁଝିବାକୁ ହେବ।

# ସଚିନ କି ରୋହିତ ନୁହନ୍ତି, କ୍ରିସ୍ ଗେଲ୍ ସର୍ବଶ୍ରେଷ୍ଠ ଟି-୨୦ ଓପନର: କୋହଲି

ନୂଆଦିଲ୍ଲୀ, (ପିପିଏସ୍): କିଏ ସର୍ବଶ୍ରେଷ୍ଠ ଟି-୨୦ ଓପନର ଏନେଇ ଏକ ଚମକାଇଲା ଭଳି ମନ୍ତବ୍ୟ ଦେଇଛନ୍ତି ବିରାଟ କୋହଲି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏକ ଭିଡିଓରେ କୋହଲି, ସଚିନ ତେନ୍ଦୁଲକର ଏବଂ ରୋହିତ ଶର୍ମାଙ୍କୁ ପଛରେ ପକାଇ ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ ଖେଳାଳି କ୍ରିସ୍ ଗେଲ୍‌ଙ୍କୁ ଟି-୨୦ ଫର୍ମାଟର ସର୍ବଶ୍ରେଷ୍ଠ ଓପନର ଭାବେ ବାଛିଛନ୍ତି। ଏକ କାର୍ଯ୍ୟକ୍ରମରେ ଯେତେବେଳେ ତାଙ୍କୁ ସଚିନ ଏବଂ ବିରେନ୍ଦ୍ର ସେହ୍ୱାଗଙ୍କ ମଧ୍ୟରୁ ଜଣକୁ ବାଛିବାକୁ କୁହାଯାଇଥିଲା, ସେ ସେହ୍ୱାଗଙ୍କୁ ବାଛିଥିଲେ। ସେହିପରି ଶେଷ ପର୍ଯ୍ୟାୟରେ କ୍ରିସ୍ ଗେଲ୍



ଏବଂ ରୋହିତ ଶର୍ମାଙ୍କ ମଧ୍ୟରୁ ସେ ନିଜର ପୂର୍ବତନ ଆରସିବି ସାଥୀ ଗେଲ୍‌ଙ୍କୁ ହିଁ ଶ୍ରେଷ୍ଠ ବୋଲି କହିଥିଲେ।

ଆଗାମୀ ଆଇପିଏଲ୍ ସିଜିନ ପାଇଁ କୋହଲି ଏବେଠାରୁ ନେଟ୍ସରେ ଅଭ୍ୟାସ ଆରମ୍ଭ କରିଦେଇଛନ୍ତି। ୩୭ ବର୍ଷୀୟ କୋହଲି ନିଜ ଇନଷ୍ଟାଗ୍ରାମରେ ଏକ ଭିଡିଓ ସେୟାର କରିଛନ୍ତି, ଯେଉଁଥିରେ ସେ ଖୁବ୍ ପରିଶ୍ରମ କରୁଥିବା ଦେଖିବାକୁ ମିଳିଛି। ୨୦୨୫ ସିଜିନରେ କୋହଲି ୬୫୭ ରନ୍ ସଂଗ୍ରହ କରି ବେଙ୍ଗାଲୁରୁକୁ ତା'ର ପ୍ରଥମ ଆଇପିଏଲ୍ ଟ୍ରଫି ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ଚାଇନିଜ୍ ଗ୍ରାଁ ପ୍ରି ଜିତିଲେ ୧୯ ବର୍ଷୀୟ ଆଣ୍ଟୋନେଲି

ସାଙ୍ଘାଇ: ମର୍ସିଡିଜ୍‌ର ୧୯ ବର୍ଷୀୟ ଚାଳକ କିମି ଆଣ୍ଟୋନେଲି ରବିବାର ଜୀବନର ପ୍ରଥମ ଗ୍ରାଁ ପ୍ରି ଜିତିବାର ଗୌରବ ଅର୍ଜନ କରିଛନ୍ତି। ସାଙ୍ଘାଇରେ ଏହି ଇଟାଲି ଯୁବକ ନିଜ ଦଳୀୟ ସାଥୀ ଜର୍ଜ ରସେଲ ଏବଂ ୭ ଥରର ବିଶ୍ୱବିଜେତା ଫେରାରି ଚାଳକ ଲୁଇସ୍ ହାମିଲଟନ୍‌ଙ୍କୁ ପଛରେ ପକାଇ ଏହି ସଫଳତା ପାଇଥିଲେ। ଆଣ୍ଟୋନେଲି ୧ ଘଣ୍ଟା ୩୩ ମିନିଟ୍ ୧୫.୩୭ ସେକେଣ୍ଡରେ ଏହି ରେସ୍ ଶେଷକରି ପ୍ରଥମ ସ୍ଥାନ ଅଧିକାର କରିଥଲେ। ରସେଲ ଦ୍ୱିତୀୟ ଏବଂ ବ୍ରିଟିସ୍ ଚାଳକ ହାମିଲଟନ୍ ତୃତୀୟ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଥିଲେ।

ଫେରାରିର ଚାର୍ଲସ ଲେକଲର୍କ ଚତୁର୍ଥ ଏବଂ ହାସ୍ ଚାଳକ ଓଲିଭର ବିଅରମାନ ପଞ୍ଚମରେ ରହିଥଲେ। ବେଳେ ୪ ଥରର ବିଶ୍ୱବିଜେତା ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍



ଖରାପ ପ୍ରଦର୍ଶନ କରି ୧୬ତମ ସ୍ଥାନରେ ଅଭିଯାନ ଶେଷ କରିଥିଲେ। ଏଥିସହ ଆଣ୍ଟୋନେଲି (୧୯ ବର୍ଷ ୬ ମାସ ୧୮ ଦିନ ବୟସ) ଫର୍ମୁଲା ୱାନ୍ ରେସ୍ ଜିତିବାରେ ଦ୍ୱିତୀୟ ସର୍ବକନିଷ୍ଠ ଚାଳକ ହୋଇଛନ୍ତି। ପ୍ରଥମ ସ୍ଥାନରେ ମ୍ୟାକ୍ସ ଭର୍ଷ୍ଟାପେନ ରହିଛନ୍ତି। ସେ ୨୦୧୬ରେ ସ୍ପେନ୍‌ରେ ୧୮ ବର୍ଷ ୭ ମାସ ୧୫ ଦିନ ବୟସରେ ରେସ୍ ଜିତିଥିଲେ।

## ଦକ୍ଷିଣ ଆଫ୍ରିକାର ନ୍ୟୁଜିଲାଣ୍ଡ ଗସ୍ତ

# ପ୍ରଥମ ଟ୍ୱେଣ୍ଟି-୨୦: ଦକ୍ଷିଣ ଆଫ୍ରିକାଠୁ ହାରିଲା ନ୍ୟୁଜିଲାଣ୍ଡ



ବେଓଭାଲ: ଦକ୍ଷିଣ ଆଫ୍ରିକା ପୁରୁଷ କ୍ରିକେଟ୍ ଦଳର ନ୍ୟୁଜିଲାଣ୍ଡ ଗସ୍ତ ବିଜୟରୁ ଆରମ୍ଭ ହୋଇଛି। ହେଲେ ମହିଳା ଦଳ ପରାଜୟ ମୁହଁ ଦେଖିଛି। ଏଠାରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ପୁରୁଷ ଦଳ ୭ ୱିକେଟ୍‌ରେ ବିଶ୍ୱକପ୍ ଉପବିଜେତା ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ଦକ୍ଷିଣ ଆଫ୍ରିକା ଏଥିସହ ନ୍ୟୁଜିଲାଣ୍ଡଠୁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ସେମିଫାଇନାଲ୍ ପରାଜୟର ମଧୁର ପ୍ରତିଶୋଧ ନେଇଛି। ରବିବାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ୧୪.୩ ଓଭରରେ ମାତ୍ର ୯୧ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା।

୨୧ ରନ୍‌ରେ ପ୍ରଥମ ୪ ୱିକେଟ୍ ହରାଇବା ପରେ ଜେମ୍ସ ନୀଶାମ (୨୬), ମିଚେଲ ସାଣ୍ଟନର (୧୫), କୋଲେ ମ୍ୟାକ୍‌କୋଞ୍ଚି (୧୫) ଓ ବେଭାନ ଜାକବ୍ସ (୧୦) ଦୁଇ ଅଙ୍କ ଛୁଇଁବାରୁ ଦଳ ୧୦୦ ରନ୍‌ର ନିକଟତର ହୋଇପାରିଥିଲା। ଏନ୍‌କ୍ୱବାନି ମୋକୋଏନା ୩ ଏବଂ ଗେରାଲ୍ଡ କୋଏଜି, ଓଟ୍‌ନେଲ ବାର୍ଟମାନ ଓ କେଶବ ମହାରାଜ ୨ ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ୩ ୱିକେଟ୍ ହରାଇ ୨୦ ବଲ୍ ପୂର୍ବରୁ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। କୋନର ଇଷ୍ଟରହୁଇଜେନ ୪୮ ବଲ୍‌ରୁ ଅପରାଜିତ ୪୫ ରନ୍‌ର ପାଳି ଖେଳି ବିଜୟ ମୁଣ୍ଡି ମାରିଥିଲେ। ମୋକୋଏନା ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ଅନ୍ୟପକ୍ଷରେ ଏହି ସମାନ ଭେନ୍ୟୁରେ ଖେଳାଯାଇଥିବା ମହିଳା ଟ୍ୱେଣ୍ଟି-୨୦ରେ ନ୍ୟୁଜିଲାଣ୍ଡ ୮୦ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ଅଧିନାୟିକା ଆମେଲିଆ କେର (୭୮) ଓ ଜର୍ଜିଆ ପ୍ଲିମର (୬୩)ଙ୍କ ଅର୍ଦ୍ଧଶତକ ବଳରେ ନ୍ୟୁଜିଲାଣ୍ଡ ମହିଳା ଦଳ ୭ ୱିକେଟ୍ ହରାଇ ୧୯୦ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଦଳ ୧୧୦ ରନ୍‌ରେ ଅଲ୍‌ଆଉଟ୍ ହୋଇ ଯାଇଥିଲା। ସୋଫି ଡିଭାଇନ୍ ୪ ୱିକେଟ୍ ଅକ୍ତିଆର କରିଥିଲେ। କେର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# କୌଣସି ଦଳ ଆଇସିସିଠାରୁ ବଡ଼ ନୁହେଁ: ଜୟ ଶାହ



ମୁମ୍ବାଇ: ନିକଟରେ ସମାପ୍ତ ହୋଇଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଓ ତାପୂର୍ବରୁ ଦେଖାଦେଇଥିବା ବିବାଦ ସମ୍ପର୍କରେ ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଆଇସିସି ଅଧ୍ୟକ୍ଷ ଜୟ ଶାହ। ସେ କହିଛନ୍ତି ଯେ କୌଣସି ଦଳ ଆଇସିସିଠାରୁ ବଡ଼ ନୁହେଁ।

କୌଣସି ଦଳର ନାଁ ନ ନେଇ ସେ କହିଛନ୍ତି ଯେ ଏହି ଆଇସିସି ବିଶ୍ୱକପ୍ ବେଶ ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ ଏହା ଆରମ୍ଭ ହେବା ପୂର୍ବରୁ କେତେକ ନିର୍ଦ୍ଦିଷ୍ଟ ଦଳଙ୍କ ଅଂଶଗ୍ରହଣ ନେଇ ଅନିଶ୍ଚିତତା ଲାଗି ରହିଥିଲା। ଏପରିକି ବିଶ୍ୱକପ୍‌କୁ କିପରି ହେବ ତାହାକୁ ନେଇ ଅଚଳାବସ୍ଥା ଦେଖାଦେଇଥିଲା। ଆଇସିସିର ଅଧ୍ୟକ୍ଷଭାବେ ମୁଁ କହିବାକୁ ଚାହୁଁଛି ଯେ କୌଣସି ଦଳ ସଂଗଠନଠାରୁ ବଡ଼ ନୁହେଁ, କାରଣ ଗୋଟିଏ ଦଳକୁ ନେଇ ଏହି ସଂଗଠନ ତିଆରି ହୋଇନାହିଁ। ଏହି ସଂଗଠନ ବିଭିନ୍ନ ଦଳକୁ ନେଇ ଗଢାଯାଇଛି। ଏହି ବିଶ୍ୱକପ୍‌ର ସଫଳତା ସମ୍ପର୍କରେ ସେ କହିଛନ୍ତି, "ପ୍ରଥମ ଥର ପାଇଁ ଗୋଟିଏ ସମୟରେ ୭୨ ଲକ୍ଷ ଦର୍ଶକ ଏହାକୁ ଦେଖୁଥିଲେ। ମୋଟ ଦର୍ଶକ ସଂଖ୍ୟା ମଧ୍ୟ ପୂର୍ବର ସବୁ ରେକର୍ଡକୁ ଭାଙ୍ଗିଦେଇଛି। ଆପଣ ଦେଖିଥିବେ, ୟୁଏସଏ ଭାରତକୁ ସମସ୍ୟାରେ ପକାଇଥିଲା, ନେଦରଲାଣ୍ଡସ୍ ପାକିସ୍ତାନକୁ କଡ଼ା ଟକ୍କର ଦେଇଥିଲା, ଜିମ୍ବାୱେ ଅଷ୍ଟ୍ରେଲିଆ ପରି ଦଳକୁ ହରାଇଦେଇଥିଲା ଓ ନେପାଳ ଇଂଲଣ୍ଡକୁ ଡରେଇ ଦେଇଥିଲା। ପୂର୍ଣ୍ଣକାଳୀନ ସଦସ୍ୟ ଦେଶମାନଙ୍କ ବିପକ୍ଷରେ ଭଲ ପ୍ରଦର୍ଶନ କରିଥିବାରୁ ମୁଁ ସହଯୋଗୀ ଦେଶମାନଙ୍କୁ ଅଭିନନ୍ଦନ ଜଣାଉଛି।"

ବିଶ୍ୱକପ୍ ପୂର୍ବରୁ ବାଂଲାଦେଶ ଓ ପାକିସ୍ତାନକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ସୁରକ୍ଷା କାରଣରୁ ବାଂଲାଦେଶ ଭାରତ ଆସିବାକୁ ମନା କରିବାରୁ ଆଇସିସି ଏହି ଦଳ ବଦଳରେ ସ୍କଟ୍‌ଲାଣ୍ଡକୁ ସାମିଲ କରିଥିଲା। ସେହିପରି ବାଂଲାଦେଶକୁ ସମର୍ଥନ କରି ପାକିସ୍ତାନ ଭାରତ ବିପକ୍ଷ ମ୍ୟାଚ୍ ଖେଳିବାକୁ ମନା କରିଦେଇଥିଲା। ତେବେ ପରେ ଏଥିପାଇଁ ରାଜି ହୋଇଥିଲା।

ସେ ମଧ୍ୟ ଭାରତୀୟ ଟ୍ୱେଣ୍ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ଏକ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ଉପରୁ ତଳକୁ ଖସିବାକୁ ଅଳ୍ପ କିଛି ମାସ ସମୟ ଲାଗିଥାଏ, ମାତ୍ର ତଳୁ ଉପରକୁ ଉଠିବାକୁ ବର୍ଷ ବର୍ଷ ଲାଗିଥାଏ। ଏଣୁ ସେମାନେ କଠିନ ପରିଶ୍ରମ କରିଚାଲନ୍ତୁ ଓ ଟ୍ରଫି ଜିତିଚାଲନ୍ତୁ। ଏବେ ସେମାନେ ୨୦୩୦, ୨୦୩୧ ଓ ୨୦୩୬ ପର୍ଯ୍ୟନ୍ତ ଲକ୍ଷ୍ୟ ରଖିବା ଆବଶ୍ୟକ।

## ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଝାଡ଼ଖଣ୍ଡ ସିକେବି ବିଜୟୀ



ଗୋପ (ପିପିଏସ୍): ରବିବାର ଗୋପ ନିଗମାନନ୍ଦ ସ୍ମାର୍ଟ ସ୍କୁଲ ଖେଳ ପଡ଼ିଆରେ ଗୋପ ଆଥଲେଟିକ ଆସୋସିଏସନ୍ ପକ୍ଷରୁ ଚାଲିଥିବା ତୃତୀୟ ସର୍ବଭାରତୀୟ ଧର୍ମେନ୍ଦ୍ର ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟନ ହୋଇ ଯାଇଛି। ଏହି ଉଦଘାଟନ ମ୍ୟାଚରେ ସିକେବି ଝାରଖଣ୍ଡ ଏବଂ ରାଇଜିଙ୍ଗ ଷ୍ଟୁଡେଣ୍ଟ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସିକେବି ପ୍ରଥମେ ଟସ୍ ଜିତି ଫିଲ୍ଡିଙ୍ଗ କରିବାର ନିଷ୍ପତ୍ତି ନେଇଥିଲା। ପ୍ରଥମେ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ବ୍ୟାଟିଙ୍ଗ କରି ନିର୍ଦ୍ଧାରିତ ୧୫ ଓଭର ଦୁଇଟି ବଲ ଖେଳି ସମସ୍ତ ୱିକେଟ ହାରି ୭୬ ରନ କରିଥିଲେ। ରାଇଜିଙ୍ଗ ତରଫରୁ ସମରେଶ ବେହେରା ୩୪ ଏବଂ ଅଙ୍କିତ ବେହେରା ୨୧ ରନ କରିଥିଲେ। ଜବାବ୍ ଝାରଖଣ୍ଡ ସିକେବି ନିର୍ଦ୍ଧାରିତ ୬ ଓଭରରେ ଗୋଟିଏ ୱିକେଟ ହରାଇ ୮୧ ରନ କରି ୯ ୱିକେଟରେ ମ୍ୟାଚଟିକୁ ଜିତିଯାଇଥିଲା। ଝାରଖଣ୍ଡ ତରଫରୁ ସଂଚୀନ ଦୁବେ ସର୍ବାଧିକ ୪୪ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରଯାଇଥିଲା। ଉଦ୍‌ଘାଟନ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟ, ମୁଖ୍ୟବକ୍ତା ଭାବେ ପୂର୍ବତନ ଭୁବନେଶ୍ୱର ବ୍ଲକ ଚେୟାରମ୍ୟାନ ଧୁଶାସନ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ କସ୍ତୁରୀବାଳା ଫାଉଣ୍ଡେସନର ପ୍ରତିଷ୍ଠାତା କସ୍ତୁରୀବାଳା ସ୍ୱାଇଁ, ଯୋଗେନ୍ଦ୍ର ପ୍ରଧାନ, ସନ୍ତୋଷ ପ୍ରଧାନ ଯୋଗଦେଇ ଖେଳ ଏକ ଭାଇଚାରାର ଉଦାହରଣ ବୋଲି ମତବ୍ୟକ୍ତ କରିଥିଲେ। ଆଜିର ଖେଳକୁ ସିନିଅର ଆମ୍ପାୟର ନିର୍ମଳ କୁମାର ମିଶ୍ର ଏବଂ ଅୟସ କାନ୍ତ ମିଶ୍ର ପରିଚାଳନା କରିଥିଲେ। ଭାଷାକାର ମନୋଜ କୁମାର ପାତ୍ର, ସଂଗ୍ରାମ କେଶରୀ ଭୋଳ, ଗୁନାକର ଭୋଇ ସମେତ ଗୋପ ଆଥଲେଟିକ ଆସୋସିଏସନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଦସ୍ୟ କାମାକ୍ଷା ପ୍ରସାଦ ଦଳବେହେରା, ଶୁଭେନ୍ଦୁ ପୃଷ୍ଟି, ସୁବାସ ଉପାଧ୍ୟାୟ, ବୈଲୋଚନ ସାହୁ, ଚିନ୍ମୟ ସ୍ୱାଇଁ, ବାପୁନ ସେନାପତି, ତାରାପ୍ରସଦ ସିଂ ସମେତ ସମସ୍ତ କର୍ମକର୍ତା ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟଟିକୁ ସୁଚାର ରୂପେ ତୁଲାଇଥିଲେ।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ
ପ୍ରଜାତନ୍ତ୍ର ସାପ୍ତାହିକୀ
୧୫-୨୧ ମାର୍ଚ୍ଚ - ୨୦୨୬
ବିଶ୍ୱବିଜୟୀ




**ଜାତୀୟ:** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପଶ୍ଚିମବଙ୍ଗ
**ଅନ୍ତର୍ଜାତୀୟ:** ଯୁଦ୍ଧକ୍ଷେତ୍ରରେ ଇରାନର ଗୁପ୍ତ ସାଥୀ
**ବିଶେଷ ପ୍ରସଙ୍ଗ:** ଅଳ୍ପ ଦିନର ଅତିଥି
**କ୍ଷୁଦ୍ରଗଳ୍ପ :** ହସିଲା ସଂସାର ପୁରି ଉଠିଲା
**ନାରୀ :** କୁଲ୍ ସମର୍ ଲୁକ
**ଚଳଚ୍ଚିତ୍ର :** ମୋତେ ଛାଡ଼ପତ୍ରରେ...ତ୍ରିଶା
**ଖେଳ:** ୨୪ ବର୍ଷୀୟ ପାକିସ୍ତାନୀ
**ମୀନାବଜାର :** ଯେବେ ରଙ୍ଗରେ ରଙ୍ଗ ମିଶିଯାଏ, ଚର୍ଚ୍ଚାରେ : ବତକକୁ କାଟିବା ବେଳେ, ଜାଣନ୍ତି କି ? : ଭାରତର ୧ ଟଙ୍କା, ସ୍ୱାସ୍ଥ୍ୟ : ଝାଳ ବୋହୁଥିଲେ, ନିଉଜ ମେକର : ଆମେରିକାର ଥାଡ୍, ଦିଲ୍ଲୀ ଡାଏରୀ : ବିଜୟଙ୍କୁ ପୁଣି ଥରେ, ସ୍ୱତନ୍ତ୍ର : ଇରାନ ଯୁଦ୍ଧରେ ଜଳ, ବାସ୍ତୁ : ବିବାହ ବିଳମ୍ବ ହେଉଛି କି ?, କବିତା : ମଉଳି ଗଲାଣି ଜହ୍ନ, ଜାଣନ୍ତି କି ? : ପରମାଣୁ ଆଟାକ୍ ହେଲେ ଭଳି ଆହୁରି ଅନେକ ଉପାଦେୟ ପ୍ରସଙ୍ଗ।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ବିଶ୍ୱକପ୍ ଟ୍ରଫିକୁ ସିଦ୍ଧି ବିନାୟକ ମନ୍ଦିର ନେଲେ ଗମ୍ଭୀର-ସୂର୍ଯ୍ୟ

ମୁମ୍ବାଇ: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଶନିବାର ମୁମ୍ବାଇର ପ୍ରସିଦ୍ଧ ସିଦ୍ଧି ବିନାୟକ ମନ୍ଦିର ଯାଇ ଆଶୀର୍ବାଦ ଭିକ୍ଷା କରିଛନ୍ତି। ସାଙ୍ଗରେ ଉଭୟ ନିକଟରେ ଜିତିଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଟ୍ରଫିକୁ ମଧ୍ୟ ନେଇଥିଲେ। ଏଥିନେଇ ମନ୍ଦିରର କୋଷାଧ୍ୟକ୍ଷ ଆଚାର୍ଯ୍ୟ ପବନ ତ୍ରିପାଠୀ କହିଛନ୍ତି ଯେ ବିଶ୍ୱକପ୍ ଜିତିବା ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ପ୍ରଶିକ୍ଷକ ଗୌତମ ଗମ୍ଭୀର ଏବଂ ଆଇସିସି ଅଧ୍ୟକ୍ଷ ଜୟ ଶାହ ଏଠାକୁ ଆସି ପୂଜାର୍ଚ୍ଚନା କରିଥିଲେ। ସେମିଫାଇନାଲ୍ ପୂର୍ବରୁ ମଧ୍ୟ ଭାରତୀୟ ଦଳର ସମସ୍ତ ସଦସ୍ୟ ଆସି ଭଗବାନ ଶ୍ରୀଗଣେଶଙ୍କ ଦର୍ଶନ



କରିଥିଲେ। ଏହା ପୂର୍ବରୁ ଭାରତୀୟ ଦଳ ବିଶ୍ୱକପ୍ ଟ୍ରଫିକୁ ଅହମଦାବାଦର ହନୁମାନ ମନ୍ଦିର ନେଇ ପୂଜାର୍ଚ୍ଚନା କରିଥିଲେ। ଯାହାକୁ ନେଇ ପୂର୍ବତନ ବିଶ୍ୱବିଜୟୀ ଭାରତୀୟ କ୍ରିକେଟର କୀର୍ତ୍ତି ଆଜାଦ ପ୍ରଶ୍ନ ଉଠାଇଥିଲେ। ଏଥିନେଇ କିନ୍ତୁ ଭୀଷଣ ଟ୍ରୋଲ୍‌ର ସମ୍ମୁଖୀନ ହୋଇଥିଲେ।

# ଦ୍ରାବିଡ଼ଙ୍କ ସହ ଅବିସ୍ମରଣୀୟ ଭାଗୀଦାରିକୁ ମନେ ପକାଇଲେ ଲକ୍ଷ୍ମଣ

ବେଙ୍ଗାଲୁରୁ : ଐତିହାସିକ ଇଡେନ୍ ଗାର୍ଡେନ୍ସରେ ଫଲୋଅନ୍ ପରେ ବି ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳକୁ ଭାରତ ହରାଇବାର ଐତିହାସିକ ସଫଳତାକୁ ୨୫ବର୍ଷ ପୂରିଛି। ଏହି ଅସାଧାରଣ ବିଜୟରେ ଭାରତୀୟ କ୍ରିକେଟ୍‌ର ଦୁଇ କିଂବଦନ୍ତି ତଥା ସମ୍ମାନସ୍ପଦ ତାରକା ଭିଭିଏସ୍ ଲକ୍ଷ୍ମଣ ଓ ରାହୁଲ ଦ୍ରାବିଡ଼ଙ୍କ ସାହସୀ ଓ ଆତ୍ମବିଶ୍ୱାସରେ ଭରପୂର ଭାଗୀଦାର ପ୍ରମୁଖ ଭୂମିକା ତୁଲାଇଥିଲା। ଉଭୟ ୩୭୬ ରନ୍ ଯୋଡ଼ିବା ପରେ କୋଲକାତାରେ ଭାରତ କ୍ରିକେଟ୍ ଇତିହାସର ଅନ୍ୟତମ ସଫଳ ପ୍ରତ୍ୟାବର୍ତ୍ତନ କରି ଅଷ୍ଟ୍ରେଲିଆକୁ ହରାଇବାର ଅନନ୍ୟ ତଥା ନାଟକୀୟ ସଫଳତା ଲାଭ କରିଥିଲା। ୨୫ବର୍ଷ ତଳର ସେହି ଅସାଧ ବିଜୟକୁ ମନେ ପକାଇ ଲକ୍ଷ୍ମଣ ତାଙ୍କ 'ଏକ୍ସ' ପୃଷ୍ଠାରେ ଦ୍ରାବିଡ଼ଙ୍କ ସହ ସେତେବେଳେ ଉଠାଇଥିବା ଫଟୋ ପ୍ରକାଶ କରିଛନ୍ତି। ସେହିଭଳି ୨୦୦୧ ମସିହାରେ ଭାରତ ହାସଲ କରିଥିବା ସେହି



ଅସମ୍ଭବ ବିଜୟର ଉଲ୍ଲାସ ଓ ଆନନ୍ଦକୁ ମନେ ପକାଇଛନ୍ତି।

ଆବେଗଭରା ଲେଖାରେ ଲେଖିଛନ୍ତି ଯେ ୨୫ ବର୍ଷ ପୂର୍ବେ ଇଡେନ୍ ଗାର୍ଡେନ୍ସରେ ରାହୁଲ ଓ ମୁଁ ଏକ ସହଭାଗୀତା କରିଥିଲୁ, ଯାହା ସର୍ବଦା ସ୍ୱତନ୍ତ୍ର ହୋଇ ରହିବ। ଯେତେବେଳେ ବିଜୟ ଆମ ହାତଠାରୁ ଅପହଞ୍ଚ ମନେ ହେଉଥିଲା, ସେହି ମୁହୂର୍ତ୍ତରେ ଆମେ ବିଶ୍ୱାସ, ଧୈର୍ଯ୍ୟ ଓ ସ୍ଥିରତାକୁ ବାଛିଥିଲୁ। ସେହି ଭାଗୀଦାର କେବଳ ରନ୍ ବିଷୟରେ ନୁହେଁ ବରଂ ବିଶ୍ୱାସ, ଦଳଗତ ଉଦ୍ୟମ ଏବଂ ପ୍ରତ୍ୟେକ ଅଧିବେଶନରେ ଜୋରଦାର ଲଢ଼େଇ ବିଷୟରେ ଥିଲା। ରାହୁଲଙ୍କ ସହିତ ସେହି ଯାତ୍ରାକୁ ସେୟାର କରି ବହୁତ ଗର୍ବ ଅନୁଭବ କରୁଛି। କ୍ରିକେଟ୍ ଇତିହାସର ସବୁଠାରୁ ସଫଳ ପ୍ରତ୍ୟାବର୍ତ୍ତନଭରା ସେହି ଟେଷ୍ଟ୍ ମୋତେ ସବୁବେଳେ ମନେ ପକାଇଦିଏ ଯେ, କ୍ରିକେଟ୍‌ରେ ସବୁକିଛି ସମ୍ଭବ।

ସୂଚନାଯୋଗ୍ୟ ଯେ ୨୦୦୧ ମସିହାର ଭାରତ-ଅଷ୍ଟ୍ରେଲିଆ ଟେଷ୍ଟ୍ ମ୍ୟାଚ୍‌ର ଚତୁର୍ଥ ଦିବସ ସଦାସର୍ବଦା ଭାରତୀୟ କ୍ରିକେଟ୍‌ର ଅଭୁଲା ଦିନ ହୋଇ ରହିବ। ଏହିଦିନ ଦ୍ରାବିଡ଼ ଓ ଲକ୍ଷ୍ମଣ ଏମିତି ଏକ ଭାଗୀଦର ଗଢ଼ି ଭାରତକୁ ବିଜୟୀ କରାଇଥିଲେ, ଯାହାକୁ ଆଗରୁ କେହି ଦେଖିଥିଲେ ନା ଶୁଣିଥିଲେ। ଅଷ୍ଟ୍ରେଲିଆ ଲଗାତାର ୧୬ ଟେଷ୍ଟ୍ ଜିତିବାର ଆଧିପତ୍ୟଭରା ଧାରାକୁ ନେଇ ଭାରତ ଆସିଥିଲା। ଭାରତ ବିଜୟ ତାଙ୍କ ପାଇଁ ଶେଷ ଦୁର୍ଗ ଦଖଲ ସଦୃଶ ହେବ ବୋଲି ମଧ୍ୟ କଙ୍ଗାରୁ ଅଧିକ ଷ୍ଟିଭ୍ ୱ' ଗର୍ବର ସହ କହିଥିଲେ। ମୁମ୍ବାଇରେ ଖେଳିଥିବା ପ୍ରଥମ ଟେଷ୍ଟ୍‌କୁ ୧୦ ୱିକେଟ୍‌ରେ ଜିତି ଅଷ୍ଟ୍ରେଲିଆ ବି ଚମତ୍କାର ଢଙ୍ଗରେ ତା'ର ତିନି ମ୍ୟାଚ୍ ବିଶିଷ୍ଟ ଅଭିଯାନ ଆରମ୍ଭ କରିଥିଲା। କୋଲକାତା ଟେଷ୍ଟ୍‌ରେ ମଧ୍ୟ ଦମଦାର ଆରମ୍ଭ କରିଥିଲା ୱ'ଙ୍କ ଉତ୍ସାହୀ ଦଳ। ପ୍ରଥମ ପାଳିରେ ୪୪୫ ରନ୍ କରି ଘରୋଇ ଭାରତ ଉପରେ ଅସହ୍ୟ ଚାପ ବି ସୃଷ୍ଟି କରିବାକୁ ସକ୍ଷମ ହୋଇଥିଲା। ଭାରତ ସେହି ଚାପରେ ଚାପି ହୋଇ ନିଜ ପ୍ରଥମ ପାଳିରେ ମାତ୍ର ୧୭୧ ରନ୍ କରିଥିଲା।

ଫଲୋଅନ୍ ହେବା ପରେ ୨୩୨ ରନ୍‌ରେ ୪ ୱିକେଟ୍ ହରାଇ ସଂଘର୍ଷ କରୁଥିଲା। ଏତିକି ବେଳେ ଲକ୍ଷ୍ମଣ ଓ ଦ୍ରାବିଡ଼ ବିସ୍ମୟକର ବ୍ୟାଟିଂ କରି ଭ୍ରମଣକାରୀ ଅଷ୍ଟ୍ରେଲିଆର ହୋସ୍ ଉଡ଼ାଇ ଦେଇଥିଲେ। ଲକ୍ଷ୍ମଣ କ୍ୟାରିୟର ଶ୍ରେଷ୍ଠ ୨୮୧ ଏବଂ ଦ୍ରାବିଡ଼ ୧୮୦ ରନ୍‌ର ପାଳି ଖେଳିଥିଲେ। ଚତୁର୍ଥ ଦିନ ସାରା ଉଭୟ ବ୍ୟାଟିଂ କରିଥିଲେ। ୩୭୬ ରନ୍‌ର ଭାଗୀଦରିରୁ କେବଳ ଏହି ଦିବସରେ ୩୩୫ ରନ୍ ଅମଳ କରିଥିଲେ। ଭାରତ ପଞ୍ଚମ ଦିନରେ ୬୫୭/୭ରେ ପାଳି ଘୋଷଣା କରିଥିଲା ଏବଂ ଅଷ୍ଟ୍ରେଲିଆ ସମ୍ମୁଖରେ ୩୮୩ ରନ୍‌ର ଅତ୍ୟନ୍ତ କଷ୍ଟକର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଅଷ୍ଟ୍ରେଲିଆ କିନ୍ତୁ ହରଭଜନ ସିଂହଙ୍କ ସ୍ପିନ୍ ଜାଲରେ ଫଶି ଶେଷରେ ମାତ୍ର ୨୧୨ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଭାରତ ଶେଷରେ ୧୭୨ ରନ୍‌ର ଅଭୁଲା ବିଜୟ ହାସଲ କରିଥିଲା। ଭାରତର ଏହି ସଫଳତା କ୍ରିକେଟ୍ ଇତିହାସର ଅନ୍ୟତମ ବିରଳ ବିଜୟ ଥିଲା। ଏହିଠାରୁ ମଧ୍ୟ ଭାରତୀୟ ଟେଷ୍ଟ୍ କ୍ରିକେଟ୍‌ରେ ନୂଆ ମୋଡ଼ ଆସିଥିଲା।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583